# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 201 | ଭାଗ ୩୨ | ସଂଖ୍ୟା୨୦୧

Bhubaneswar | Thursday 10 October 2024 | Page 8 Rs. 4.00

ଭୁବନେଶ୍ୱର | ଗୁରୁବାର ୧୦ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




**୧୯୩୭ ଡିସେମ୍ବର ୨୮ ରୁ ୨୦୨୪ ଅକ୍ଟୋବର ୦୯**

## ଶିଳ୍ପ ସମ୍ରାଟଙ୍କୁ ହରାଇଲା ଭାରତ

ନୂଆଦିଲ୍ଲୀ, ୯।୧୦: ଜଣାଶୁଣା ଶିଳ୍ପପତି ତଥା ଟାଟା ସନ୍ସ ବ୍ୟବସାୟିକ ସାମ୍ରାଜ୍ୟର ଅଧ୍ୟକ୍ଷ ଓ ପଦ୍ମଭୂଷଣ ସମ୍ମାନପ୍ରାପ୍ତ ରତନ ଟାଟାଙ୍କର ବୁଧବାର ବିଳମ୍ବିତ ରାତିରେ ମୁମ୍ବାଇର ବ୍ରିଚ୍‌କାଣ୍ଡି ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁ ଟାଟାଙ୍କୁ ଗତ ସପ୍ତାହରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଆଇସିୟୁରେ ରଖାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରତନ ଟାଟାଙ୍କର ପରଲୋକ ଘଟିଥିବା ସୂଚନା ମିଳିଛି। ପରଲୋକ ଖବରପାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଶିଳ୍ପପତି ହର୍ଷ ଗୋଏଙ୍କା ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ଦେଶ ଜଣେ ପ୍ରମୁଖ ଶିଳ୍ପ ସମ୍ରାଟଙ୍କୁ ହରାଇଲା ବୋଲି ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି।

## ୨୦୨୮ ଯାଏଁ ମିଳିବ ଭିଟାମିନ୍‌ଯୁକ୍ତ ଚାଉଳ



**ବ୍ୟୟ ହେବ ୧୭,୦୨୮ କୋଟି**

ନୂଆଦିଲ୍ଲୀ, ୯।୧୦(ଏଜେନ୍ସି) : କେନ୍ଦ୍ର ସରକାରଙ୍କ ପକ୍ଷରୁ ଖାଦ୍ୟ ଆଇନ ଓ ଅନ୍ୟାନ୍ୟ ସରକାରୀ ଯୋଜନା ଅଧୀନରେ ଦିଆଯାଉଥିବା ମାଗଣା ପୋଷଣଯୁକ୍ତ ଚାଉଳ ବଣ୍ଟନ ପ୍ରକ୍ରିୟା ଜାରି ରହିବ। ଆସନ୍ତା ୨୦୨୮ ଯାଏ ଲୋକମାନେ ମାଗଣାରେ ଏହି ଚାଉଳ ପାଇପାରିବେ। ଏଥିପାଇଁ ୧୭,୦୨୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଦଶହରା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ବସିଥିବା କ୍ୟାବିନେଟ ବୈଠକରେ ପୋଷଣଯୁକ୍ତ ମାଗଣା ଚାଉଳ ସମେତ ୩ ପ୍ରସ୍ତାବ ଉପରେ ମୋହର ଲଗାଯାଇଛି। ଆନେମିଆ ଓ ଅପପୁଷ୍ଟିକୁ ରୋକିବା ପାଇଁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ମାଗଣା ପୋଷଣଯୁକ୍ତ ଚାଉଳ ପାଇଁ ମୋଟ ୧୭,୦୮୨ କୋଟି ଟଙ୍କା ଖର୍ଚ୍ଚ ହେବ। କେନ୍ଦ୍ର ସରକାର ଏଥିପାଇଁ ପୂରା ପାଣ୍ଠି ଯୋଗାଇ ଦେବେ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ସମେତ ସରକାରଙ୍କ ସବୁ ଯୋଜନା ଅଧୀନରେ ଏହି ଚାଉଳ ଲୋକମାନେ ➩ପୃଷ୍ଠା-୬

# ମହିଳାଙ୍କୁ ମୋହନଙ୍କ ଦଶହରା ଭେଟି

- ‘ସୁଭଦ୍ରା’ ଯୋଜନାର ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ
- ୫000 ଲେଖାଏଁ ପାଇଲେ ୩୫ ଲକ୍ଷରୁ ଅଧିକ ମହିଳା
- ବ୍ୟାଙ୍କ ଆକାଉଣ୍ଟକୁ ଗଲା ୧୭୫୦ କୋଟି
- ଓଡ଼ିଶାର ପ୍ରତ୍ୟେକ ମହିଳାଙ୍କ ସୁଖରେ ଦୁଃଖରେ, ସବୁ ସମୟରେ ଆମେ ଛିଡ଼ା ହେବୁ, ସହାୟତାର ହାତ ବଢ଼ାଇବୁ:ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୯।୧୦ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ମୟୁରଭଞ୍ଜର ବାରିପଦାଠାରେ ‘ସୁଭଦ୍ରା’ ଯୋଜନାର ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ଆଜି ୩୫ ଲକ୍ଷରୁ ଅଧିକ ମହିଳା ପ୍ରଥମ କିସ୍ତି ଭାବରେ ୫ ହଜାର ଟଙ୍କା ଲେଖାଏ ସହାୟତା ପାଇଲେ। ସମୁଦାୟ ୧୭୫୦ କୋଟି ଟଙ୍କା ମହିଳାମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଗଲା।

ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟକୁ ମିଶାଇ ବର୍ତ୍ତମାନ ସୁଦ୍ଧା ସମୁଦାୟ ୬୦ ଲକ୍ଷରୁ ଅଧିକ ମହିଳା ‘ସୁଭଦ୍ରା’ ସହାୟତା ପାଇଲେ। ସମୁଦାୟ ୩ ହଜାର କୋଟି ଟଙ୍କାର ସହାୟତା ପ୍ରଦାନ କରାଗଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୧୦ଜଣ ସୁଭଦ୍ରା ହିତାଧିକାରୀଙ୍କୁ ସୁଭଦ୍ରା ସହାୟତା ପ୍ରଦାନ କରିଥିଲେ ।

ଏହି ଯୋଜନା ସାରା ଓଡ଼ିଶାର ମା’ ମାନଙ୍କ ମୁହଁରେ ହସ ଓ ଖୁସି ଆଣିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ମା’ ମାନଙ୍କ ହସ ଓ ଖୁସି ହିଁ ଓଡ଼ିଶାର ବିକାଶର ଗାଡିକୁ ଦ୍ରୁତଗାମୀ କରାଇବ। ‘ସୁଭଦ୍ରା’ ଓଡ଼ିଶାର ସର୍ବ ବୃହତ ମହିଳା ସଶକ୍ତିକରଣ ଅଭିଯାନ ବୋଲି ସେ କହିଥିଲେ। ଏହି ଯୋଜନା ରାଜ୍ୟର ମହିଳାମାନଙ୍କୁ ସଶକ୍ତ କରିବାରେ ସହାୟକ ହେବା ସହିତ ଏକ ସମୃଦ୍ଧ ଓଡ଼ିଶାର ମୂଳଦୁଆ ପକାଇଛି ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ଓଡ଼ିଶାର ପ୍ରତ୍ୟେକ ମହିଳାଙ୍କୁ ଆମେ ପ୍ରତିଶ୍ରୁତି ଦେଉଛୁ ଯେ ଆମେ ଆପଣଙ୍କ ସହିତ, ସୁଖରେ ଦୁଃଖରେ, ସବୁ ସମୟରେ ଛିଡ଼ା ହେବୁ। ଆପଣଙ୍କ ସାମର୍ଥ୍ୟ ଉପରେ ଆମର ପୁରା ଭରସା ଅଛି। ଆପଣଙ୍କର ଏହି ସଶକ୍ତିକରଣ ଯାତ୍ରାରେ ଆମେ ଆପଣଙ୍କ ସହିତ ଚାଲିବୁ। ‘ସୁଭଦ୍ରା’ ସହାୟତା ମା’ ମାନଙ୍କର ତ୍ୟାଗ ଓ ପରିଶ୍ରମକୁ ସମ୍ମାନ ଦେବା ସହିତ ଓଡ଼ିଶାର ମହିଳାମାନଙ୍କର ସ୍ୱପ୍ନ ଏବଂ ଆକାଂକ୍ଷାକୁ ବାସ୍ତବ ରୂପଦେବ । ଏହି ଯୋଜନା ଆମ ରାଜ୍ୟର ମହିଳାମାନଙ୍କ ମୁହଁକୁ ଏକ ନୂତନ ଆଶା ଓ ସ୍ୱପ୍ନରେ ଆଲୋକିତ କରୁଛି। ଅସହାୟ ମହିଳାମାନଙ୍କ ପାଇଁ ଏହା ସହାୟତାର ଏକ ନୂତନ କିରଣ ହୋଇଛି। ସେ କହିଲେ ଯେ, ଯେଉଁ ମହିଳାମାନେ ଅନେକ ପରିଶ୍ରମ କଲା ପରେ ମଧ୍ୟ ପିଲାମାନଙ୍କୁ ଭଲ ଭାବରେ ଖାଦ୍ୟ ଦେଇ ପାରନ୍ତି ନାହିଁ, ସ୍କୁଲକୁ ପଠାଇ ପାରନ୍ତି ନାହିଁ, ସେହି ପରି ମହିଳାମାନଙ୍କ ସ୍ୱପ୍ନ ପୁରଣ କରିବାରେ ସୁଭଦ୍ରା ଯୋଜନା ➩ପୃଷ୍ଠା-୬

# ମିସ୍‌କଲ୍‌ରେ ହୁଏନି ବିଜେଡି ସଦସ୍ୟତା



ଭୁବନେଶ୍ୱର,୯।୧୦ (ସଂଚାର ବ୍ୟୁରୋ): ତ୍ୟାଗ ଓ ସେବାର ପ୍ରତୀକ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ବିଜୁ ଜନତା ଦଳ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିଛି। ଏହା ଦୁଇ ମାସ ଧରି ଚାଲିବ। ଦଳ ସଭାପତି ନବୀନ ପଟ୍ଟନାୟକ ପ୍ରଥମ ସଭ୍ୟ ଭାବେ ଏକାମ୍ର ନିର୍ବଚନ ମଣ୍ଡଳୀ ରୁ ପଞ୍ଜୀକୃତ ହୋଇଛନ୍ତି। ବରିଷ୍ଠ ନେତା ଅଶୋକ ପଣ୍ଡା ଦଳ ସଭାପତିଙ୍କୁ ପ୍ରଥମ ସଭ୍ୟ ଭାବେ ପଞ୍ଜୀକୃତ କରିଥିଲେ।

ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସଭ୍ୟ ସଂଗ୍ରହ ଅଭିଯାନ ଏକ ରାଜନୈତିକ ଦଳର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଆମ ଦଳର ସକ୍ରିୟ ସଭ୍ୟମାନେ ପ୍ରତି ଘରକୁ ଯାଇ ଦଳର ଆଦର୍ଶ ଓ କାର୍ଯ୍ୟକ୍ରମ ବିଷୟରେ ବୁଝାନ୍ତୁ। ଲୋକଙ୍କୁ ଦଳରେ ସାମିଲ କରିବା ପାଇଁ ସେ ପରାମର୍ଶ ଦେଇଥିଲେ।ଏହି ଅବସରରେ ଓଡ଼ିଶା ବାହାରେ ରହୁଥିବା ଓଡ଼ିଆମାନଙ୍କୁ ଅନ୍‌ଲାଇନ ଜରିଆରେ ଦଳରେ ସାମିଲ ହେବା ପାଇଁ ସେ ନିମନ୍ତ୍ରଣ ଜଣାଇଥିଲେ। କିଛି ଦଳ ଯେପରି ମିସ୍‌ଡ କଲ୍ କରି ସଭ୍ୟ ସଂଗ୍ରହ କରୁଛନ୍ତି, ତାକୁ ନାପସନ୍ଦ ➩ପୃଷ୍ଠା-୬

## ନବୀନଙ୍କୁ କର୍ମୀଙ୍କ ପ୍ରଶ୍ନ | କେତେଦିନ ରହିବେ ବିଶିକେଶନ

- ନବୀନଙ୍କ ସଭାକୁ ଆସିଲେନି ଅସନ୍ତୁଷ୍ଟ କର୍ପୋରେଟର
- ଅଶୋକ-ବୁନୁ ଓ ବାଇଆଁ-ଲିଟୁଙ୍କ ସମର୍ଥକ ଅନୁପସ୍ଥିତ
- ଇଜ୍ଜତ ରଖିଲେ ଉତ୍ତର ବିଧାୟକ

ଭୁବନେଶ୍ୱର, ୯।୧୦ (ସଂଚାର ବ୍ୟୁରୋ): ଭୁବନେଶ୍ୱର ବିଜେଡିର ଅସନ୍ତୋଷ ନିଆଁ ଆଜି ପାଉଁଶତଳୁ ବାହାରି ଜଳିବା ଆରମ୍ଭ କରିଛି। ଦଳର ସଭ୍ୟ ସଂଗ୍ରହ ପାଇଁ ଶଙ୍ଖଭବନରେ ଆୟୋଜନ ହୋଇଥିବା ରାଜ୍ୟସ୍ତରୀୟ ଉତ୍ସବକୁ ଆସିନାହାନ୍ତି ରାଜଧାନୀର ଏକାଧିକ କର୍ପୋରେଟର । ମଧ୍ୟ ଓ ଏକାମ୍ର ନିର୍ବାଚନମଣ୍ଡଳୀର କର୍ପୋରେଟରମାନେ ପ୍ରାୟତଃ ଦେଖାଦେଇନଥିବାବେଳେ ଉତ୍ତର ବିଧାୟକଙ୍କ ନିୟନ୍ତ୍ରଣରେ ଥିବା କିଛି ବିଧାୟକ ମାନ ମହତ ରଖିଛନ୍ତି। ତେବେ ନବୀନଙ୍କ ସଭାପତିତ୍ୱରେ ଆୟୋଜିତ ରାଜ୍ୟସ୍ତରୀୟ ସଭାକୁ ଖୋଦ୍ ରାଜଧାନୀର କର୍ପୋରେଟର ମାନେ ନଆସିବା ଏବେ ଦଳପାଇଁ ଶୁଭ ସୂଚନା ନୁହେଁ ବୋଲି ଦଳୀୟ କର୍ମୀମାନେ କହୁଛନ୍ତି ।

ଆଜି ଥିଲା ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନର ଶୁଭାରମ୍ଭ ଉତ୍ସବ । ଏଥିପାଇଁ ଶଙ୍ଖଭବନରେ ଭବ୍ୟ ଆୟୋଜନ ହୋଇଥିଲା। ଦଳପତି ନିଜେ ଏହାର ନେତୃତ୍ୱ ନେଇଥିଲେ। ପାଖରେ ଥିବା ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଉତ୍ତର ବିଧାୟକ ସୁଶାନ୍ତ ରାଉତ। ଏମାନଙ୍କ ସହିତ ଦଳର ମାଳ ମାଳ ନେତା ଓ କର୍ମୀଥିଲେ । ହେଲେ ରାଜଧାନୀର ସଂଖ୍ୟାଧିକ କର୍ପୋରେଟର ଆସିନଥିଲେ । ଏମାନେ ଥିଲେ ଅସନ୍ତୁଷ୍ଟ। ତେବେ ଏମାନେ କାହିଁକି ଆସିଲେନି ସେ ନେଇ କେହି କିଛି କହୁନଥିଲେ ।

ଉଲ୍ଲେଖନୀୟ ଯେ ଗତ କିଛିଦିନ ଧରି ଭୁବନେଶ୍ୱର ବିଜେଡିରେ ଗୋଷ୍ଠିକନ୍ଦଳ ତୀବ୍ର ହେବା ସହିତ ମାମଲା ଥାନା ଫାଣ୍ଡିରେ ପହଞ୍ଚିଛି। ନେତାଙ୍କ ସହିତ କର୍ପୋରେଟରମାନେ ମଧ୍ୟ ଦୁଇ ଦଳ ହୋଇ ଲଢୁଛନ୍ତି। ଅଳ୍ପଦିନ ତଳେ ଶକ୍ତି ପ୍ରଦର୍ଶନ ପାଇଁ ଗୋଟିଏ ଗୋଷ୍ଠିର କର୍ପୋରେଟର ପୁରୀ ଲୋକନାଥ ଦର୍ଶନରେ ବି ଯାଇଥିଲେ । ନିକଟରେ ଅନୁଷ୍ଠିତ କର୍ପୋରେସନ ବୈଠକକୁ ଅନେକ ଅସନ୍ତୁଷ୍ଟ କର୍ପୋରେଟର ଆସିନଥିଲେ । ତେବେ ଭିତରେ ଭିତରେ କୁହୁଳୁଥିବା ଧୂଆଁ ଆଜି ନିଆଁର ➩ପୃଷ୍ଠା-୬

# ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ୍ ଦାୟିତ୍ୱରେ ବରିଷ୍ଠ ଅଧିକାରୀ






ଭୁବନେଶ୍ୱର, ୯।୧୦ (ସଂଚାର ବ୍ୟୁରୋ): ରାଜ୍ୟ ଆକାଂକ୍ଷୀ ଜିଲ୍ଲା ପାଇଁ ନିଯୁକ୍ତ ହେଲେ ବରିଷ୍ଠ ଅଧିକାରୀ। ରାଜ୍ୟର ୧୦ ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ ପାଇଁ ସ୍ୱତନ୍ତ୍ର ଭାବେ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ବରିଷ୍ଠ ଅଧିକାରୀମାନେ ଆକାଂକ୍ଷୀ ଜିଲ୍ଲା ଓ ବ୍ଲକଗୁଡିକରେ ବିକାଶମୂଳକ କାର୍ଯ୍ୟର ତଦାରଖ କରିବା ସହ ସେହିସବୁ ଅଞ୍ଚଳ ପାଇଁ ଆଉ କଣ କରାଯିବାର ଆବଶ୍ୟକତା ରହିଛି ସେନେଇ ସରକାରଙ୍କୁ ରିପୋର୍ଟ ଦେବେ। ଆକାଂକ୍ଷୀ ଜିଲ୍ଲା କଳାହାଣ୍ଡି ଦାୟିତ୍ୱରେ ରହିବେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ ସୁଶୀଲ କୁମାର ଲୋହାନୀ। ସେହିଭଳି ମାଲକାନଗିରି ଜିଲ୍ଲା ଦାୟିତ୍ୱରେ ରହିବେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, କୋରାପୁଟ ଜିଲ୍ଲା ଦାୟିତ୍ୱରେ ରହିବେ ବିଜ୍ଞାନ ଓ କାରିଗରୀ ଏବଂ ଶ୍ରମ ଓ ଇଏସଆଇ ବିଭାଗର ପ୍ରମୁଖ ସଚିବ ଚିତ୍ରା ଅରୁଙ୍ଗମ, କନ୍ଧମାଳ ଜିଲ୍ଲା ଦାୟିତ୍ୱରେ ରହିବେ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସିଚବ ଉଷା ପାଢୀ, ବଲାଙ୍ଗୀର ଜିଲ୍ଲା ପାଇଁ ପୂର୍ତ୍ତ ଓ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ସଚିବ ବୀର ବିକ୍ରମ ଯାଦବ, ନୂଆପଡା ଜିଲ୍ଲା ପାଇଁ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବ, ଗଜପତି ଜିଲ୍ଲା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମା, ନବରଙ୍ଗପୁର ଜିଲ୍ଲା ପାଇଁ କ୍ରିଡା ଓ ଯୁବ ବ୍ୟାପାର ବିଭାଗର ପ୍ରମୁଖ ସଚିବ ଭାସ୍କର ଜ୍ୟୋତି ଶର୍ମା, ରାୟଗଡା ଜିଲ୍ଲା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ମିଶନ ଶକ୍ତି ବିଭାଗର ସଚିବ ଶାଳିନୀ ପଣ୍ଡିତ ଏବଂ ଢେଙ୍କାନାଳ ଜିଲ୍ଲା ଦାୟିତ୍ୱରେ ରହିବେ ଜଳ ସମ୍ପଦ ବିଭାଗର ଅତିରିକ୍ତ ସଚିବ ସୁଧାଂଶୁ ମୋହନ ସାମଲ। ଏଥିସହିତ କେନ୍ଦୁଝର ଜିଲ୍ଲାର ଆକାଂକ୍ଷୀ ବ୍ଲକ ଦାୟିତ୍ୱରେ ରହିବେ ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା, ବରଗଡ ଜିଲ୍ଲା ପାଇଁ ଅର୍ଥ ବିଭାଗର ପ୍ରମୁଖ ସଚିବ ଶାସ୍ୱତ ମିଶ୍ର, ମୟୁରଭଞ୍ଜ ଜିଲ୍ଲା ପାଇଁ ଗ୍ରାମ୍ୟ ଉନ୍ନୟନ ଏବଂ ସୂଚନା ଲୋକ ସମ୍ପର୍କ ବିଭାଗର ପ୍ରମୁଖ ସଚିବ ସଂଜୟ କୁମାର ସିଂ, ସୁନ୍ଦରଗଡ ଜିଲ୍ଲା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଅଶ୍ୱସ୍ଥି ଏସ., ସମ୍ବଲପୁର ଜିଲ୍ଲା ପାଇଁ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରଓ୍ୱାଲ ଏବଂ ନୟାଗଡ ଜିଲ୍ଲା ପାଇଁ ବିଡିଏ ଉପାଧ୍ୟକ୍ଷ ଡକ୍ଟର ଏନ. ଥିରୁମଲ୍ଲା ନାୟକଙ୍କୁ ଦାୟିତ୍ୱ ଦିଆଯାଇଛି।

## ଟ୍ରେଣ୍ଡିଂ ନ୍ୟୁଜ୍

- ଦିଲ୍ଲୀ ବିଧାନସଭା ନିର୍ବାଚନରେ କଂଗ୍ରେସର ବିନା ସହାୟତାରେ ବିଜେପିକୁ ପରାଜିତ କରିପାରିବୁ ବୋଲି ଆପ୍ ସାଂସଦ ରାଘବ ଚଡ୍ଢାଙ୍କ ଦମ୍ଭୋକ୍ତି।
- ବିଜେପିର ସାଙ୍ଗଠନିକ ଦୃଢ଼ତା ଓ କୌଶଳକୁ ଦୃଷ୍ଟିରେ ରଖି କଂଗ୍ରେସ ତୃଣମୂଳ ସ୍ତରପ୍ରତି ଗୁରୁତ୍ୱ ଦେବାକୁ ଶିବସେନା ମୁଖପତ୍ର ସାମନାର ସମ୍ପାଦକୀୟରେ ପରାମର୍ଶ।
- ହରିଆଣାର ସ୍ୱାଧୀନ ବିଧାୟିକା ତଥା ଦେଶର ଧନୀ ମହିଳା ସାବିତ୍ରୀ ଜିନ୍ଦଲ, ସ୍ୱାଧୀନ ବିଧାୟକ ଦେବେନ୍ଦ୍ର କାଡ୍ୟାନ ଏବଂ ରାଜେଶ ଜୋନ୍ ବିଜେପିକୁ ସମର୍ଥନ ଜଣାଇଲେ। ବିଧାନସଭାରେ ବିଜେପିକୁ ସମର୍ଥନ କରୁଥିବା ବିଧାୟକ ସଂଖ୍ୟା ୫୧କୁ ବୃଦ୍ଧି।
- ବେଆଇନ ଅର୍ଥ ନେଣଦେଣ ମାମଲାରେ ଅଭିନେତ୍ରୀ ଶିଳ୍ପା ସେଟ୍ଟି ଓ ସ୍ୱାମୀ ରାଜ କୁନ୍ଦ୍ରାଙ୍କୁ ଇଡି ନୋଟିସ ପରେ ଉଭୟ ବମ୍ବେ ହାଇକୋର୍ଟ ଗଲେ।
- ହରିଆଣାରେ କଂଗ୍ରେସର ବିପର୍ଯ୍ୟୟ ପରିପ୍ରେକ୍ଷୀରେ ସମାଜବାଦୀ ପାର୍ଟି ଉତ୍ତର ପ୍ରଦେଶର ୧୦ ବିଧାନସଭା ଆସନରେ ହେବାକୁ ଥିବା ଉପ ନିର୍ବାଚନରେ ୬ ଆସନ ଦାବି କଲା।
- ଜିମ୍ନାଷ୍ଟ ଦୀପା କର୍ମକାରଙ୍କ ଅଚାନକ ସନ୍ୟାସ ଘୋଷଣା କରିବାରେ ବିସ୍ମୟ ପ୍ରକାଶ କରି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟତାଙ୍କୁ ପତ୍ର ଲେଖି ତାଙ୍କ କୃତିତ୍ୱ ଦେଶର ଝିଅମାନଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଲେ।
- ଶୀତ ଋତୁ ଆସୁଥିବାରୁ କେଦାରନାଥ ଧାମର ଦ୍ୱାର ନଭେମ୍ବର ୩ ତାରିଖ ଭାଇଦୁଜରୁ ବନ୍ଦ ହେବ। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୧୩ ଲକ୍ଷରୁ ଅଧିକ ଭକ୍ତ କେଦାରନାଥ ଧାମ ଦର୍ଶନ କରିଛନ୍ତି।

## ୭ ଆଇଏଏସ୍‌ଙ୍କୁ ପୌରାଞ୍ଚଳ ଦାୟିତ୍ୱ

ଭୁବନେଶ୍ୱର,୯।୧୦ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ୨୦୨୩ ବ୍ୟାଚର ୭ଜଣ ଆଇଏଏସଙ୍କୁ ବିଭିନ୍ନ ପୌର ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ଦେଇଛନ୍ତି। ଓଡ଼ିଶା କ୍ୟାଡ଼ରର ଏହି ୭ଜଣ ଅଫିସର ନିକଟରେ ବିଭିନ୍ନ ବ୍ଲକର ବିଡିଓ ଦାୟିତ୍ୱରେ ରହିଥିଲେ । ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକଙ୍କ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ହିଞ୍ଜିଳିକାଟୁ ପୌର ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଆଇଏଏସ୍ ପ୍ରଣିତା ଦାଶଙ୍କୁ ଅବସ୍ଥାପିତ କରାଯାଇଛି । ସେହିପରି ୨୦୨୩ ବ୍ୟାଚ୍ ଆଇଏଏସ୍ ଆସିନ୍ ଏଏଲଙ୍କୁ ରାଇରଙ୍ଗପୁର ମ୍ୟୁନିସପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ, ଆଇଏଏସ୍ କସ୍ତୁରୀ ପଣ୍ଡାଙ୍କୁ ଭବାନୀପାଟଣା ମ୍ୟୁନିସପାଲଟି କାଯ୍ୟଁନିର୍ବାହୀ ଅଧିକାରୀ, ଜେଜେସ୍ୱିନୀ ବେହେରାଙ୍କୁ ତାଳଚେର ମ୍ୟୁନିସପାଲଟି, ଦୁଧା ଅଭିଷେକ ➩ପୃଷ୍ଠା-୬

# ଏମାନେ ଅସଲ ବିଜେଡି: ଆଉ ଅନ୍ୟମାନେ ?



- ବବି ବୁଝାଇଦେଲେ ବିଜେଡି କିଏ ?
- ତିନି ହାରୁ ନେତାଙ୍କୁ ନେଇ ଦଳରେ କମ୍ପନ
- ସନ୍ୟାସୀଙ୍କୁ ପାନେ ଦେବାକୁ ନୂଆ ରଣନୀତି

ଭୁବନେଶ୍ୱର, ୯।୧୦ (ସଂଚାର ବ୍ୟୁରୋ): ଆମ ତିନି ଜଣ ହେଲୁ ବିଜେଡି। ମୁଁ ବବି ‘ବି’, ଜିତୁ ‘ଜେ’ ଆଉ ଡ୍ୟାନି ‘ଡି’ । ସଭା ମଞ୍ଚରେ ବବିଙ୍କର ଏହି କଥା କେଇପଦ ବିଜେଡିରେ ଭୂକମ୍ପ ଆଣିଛି । ବିଜେଡି ନେତାଙ୍କର କହିବା କଥା ଯେ ଏମାନେ ଯଦି ବିଜେଡି ତାହେଲେ ନବୀନ ପଟ୍ଟନାୟକ ଓ ଅନ୍ୟମାନେ କ’ଣ ? ସେମାନେ ହଳିଆ ନା ଚାକର । ଏହାକୁ ନେଇ ଯାଜପୁରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ହଇଚଇ ସୃଷ୍ଟି ହୋଇଥିବାବେଳେ ତିନି ହାରୁ ନେତାଙ୍କର ଗୋହି ଖୋଳିବାରେ ଲାଗିଛନ୍ତି କର୍ମୀ ।

କିଛି ବିଜେଡି ନେତାଙ୍କ କହିବାକଥା ଯେ ବବି ନିଜେ ହାରିଛନ୍ତି ସମ୍ବଲପୁରରୁ। ଜିତୁ ଧର୍ମଶାଳାରୁ ହାରିଥିବାବେଳେ ଡ୍ୟାନି ମନ୍ତ୍ରୀ ପଦରେ ରହି ସୁକିନ୍ଦାରୁ ଚିତ୍‌ପଟାଙ୍ଗ ମାରିଛନ୍ତି। ହାରିଲା ପରେ ଏବେ ନିଜକୁ ବିଜେଡି କହିବା ଅତ୍ୟନ୍ତ ହାସ୍ୟାସ୍ପଦ । ସେହିଭଳି ଏମାନଙ୍କର ରାଜନୈତିକ ଇତିହାସ ବି ବିବାଦୀୟ। ପିତା ଅଶୋକ ଦାସ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ବିଜେଡି ➩ପୃଷ୍ଠା-୬

# ମାଥି ଗଲେ : କେବେ ଯିବେ ସପନ, ସୋମଦୀପ

- ବର୍ଷକୁ ନେଉଛନ୍ତି ୪୫ଲକ୍ଷ ଘୋଷ୍ ଯୋଡ଼ି
- ଆଠବର୍ଷ ହେଲା ରାଜକୋଷ ଖୋଳ କରୁଛନ୍ତି
- ଓଡ଼ିଆଙ୍କୁ ହଲାପଟା ପାଇଁ ଦେଉଛନ୍ତି ପରାମର୍ଶ

ଭୁବନେଶ୍ୱର, ୯।୧୦ (ସଂଚାର ବ୍ୟୁରୋ): ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ରେକର୍ଡ ୧୧ବର୍ଷ ଧରି ସଚିବ ପଦରେ ରହି ଜି.ମାଥିଭାଥନନ ବିଦା ହେବାପରେ ଏବେ ଏହି ବିଭାଗ ଅଧିନରେ ଥିବା ଦୁଇ ଘୋଷଙ୍କ କାରନାମା ପଦାକୁ ଆସିଛି । ବେସରକାରୀ ସଂସ୍ଥା ଦ୍ୱାରା ନିଯୁକ୍ତ ଦୁଇ ଘୋଷ ଓଡ଼ିଶା ରାଜକୋଷରୁ ବର୍ଷକୁ ୪୫ଲକ୍ଷ ଟଙ୍କା ନେଉଥିବାବେଳେ ଏମାନେ କେବେ ବିଦା ହେବେ ତାହାକୁ ନେଇ ଚର୍ଚ୍ଚା ।

ବିଭାଗ ଅଧିନରେ ରହିଛି ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (ଓୟୁଆଇଡିଏଫ୍)। ସହରାଞ୍ଚଳରେ ଭିତ୍ତିଭୂମି ବୃଦ୍ଧି ପାଇଁ ସୃଷ୍ଟି ହୋଇଥିବା ଏହି ସଂସ୍ଥାରେ ଗତ ଆଠବର୍ଷ ହେଲା ଅର୍ଥ ପରାମର୍ଶଦାତା ଭାବେ ନିଯୁକ୍ତ ହୋଇଛି ଦୁଇ ଚାଟାର୍ଡ ଆକାଉଣ୍ଟାଣ୍ଟ ସୋମଦୀପ ଘୋଷ ଓ ସପନ ଘୋଷ। ଏହି ଘୋଷ ଯୋଡି ବର୍ଷକୁ ପାଉଣା ବାବଦରେ ନେଉଛନ୍ତି ୪୫ ଲକ୍ଷ ଟଙ୍କା । ସୋମଦୀପ ବର୍ଷକୁ ୨୭ଲକ୍ଷ ଟଙ୍କା ନେଉଥିବାବେଳେ ସପନ ନେଉଛନ୍ତି ୧୮ଲକ୍ଷ ଟଙ୍କା । ଉଭୟ ଦିଲ୍ଲୀର ଏକ କର୍ମଚାରୀ ଯୋଗାଣ ସଂସ୍ଥା ସେଣ୍ଟର ଫର ଏନଭାର୍ଣ୍ଣମେଣ୍ଟ ଆଣ୍ଡ ଡେଭଲପମେଣ୍ଟ (ସିଇଡି)ରୁ ଆମାଦାନୀ ହୋଇଥିବା ଜଣାଯାଇଛି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଓଡ଼ିଶା ରାଜକୋଷରୁ ମୋଟା ଅଙ୍କର ପାଉଣା ନେଉଥିବା ଘୋଷ ଯୋଡିଙ୍କ ମଧ୍ୟରୁ ସପନ କୁମାର ଘୋଷ ଏକା ସାଙ୍ଗରେ ଆଉ ଗୋଟିଏ ସଂସ୍ଥାରେ କାର୍ଯ୍ୟ କରୁଥିବା ତାଙ୍କୁ ପଠାଇଥିବା ସଂସ୍ଥା ସିଇଡି ନଜରକୁ ଆସିଥିଲା। ଫଳରେ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିଲା । ସମ୍ପୃକ୍ତ ଆର୍ଥିକ ସଂସ୍ଥାରେ ସପନ ସିଇଓ ଭାବେ କାର୍ଯ୍ୟ କରୁଥିବା ଜାଣିପାରିଥିଲା ସିଇଡି । ଏଭଳି କାରଣ ଦର୍ଶାଅ ନୋଟିସ୍ ସଂକ୍ରାନ୍ତରେ ସିଇଡି ଗୃହ ନିର୍ମାଣ ଓ ନଗର ଉନ୍ନୟନ ସଚିବଙ୍କୁ ଅବଗତ କରିଛି। ଏହା ପର ବି କାର୍ଯ୍ୟାନୁଷ୍ଠାନ ଶୂନ ।

ତେବେ ପ୍ରଶ୍ନ ଉଠୁଛି ଯେ ଓଡ଼ିଶାରେ ନାମୀ ଦାମୀ ଚାଟାର୍ଡ ଆକାଉଣ୍ଟାଣ୍ଟ ଥିବାବେଳେ ଏହି ଘୋଷ ଯୋଡିଙ୍କୁ କିଏ ବାହାରୁ ଆମଦାନୀ କରିଥିଲା ଏବଂ ବର୍ଷକୁ ୪୫ଲକ୍ଷ ଦେବାପାଇଁ ନିଷ୍ପତ୍ତି ନେଇଥିଲା। ଏମାନେ କି ପ୍ରକାର ଆର୍ଥିକ ପରାମର୍ଶ ଦେଉଥିଲେ । ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିନସ୍ଥ ସୁଡାରେ ଆଉ ତିନି ଚାରି ଜଣ ଆର୍ଥିକ ବିଶେଷଜ୍ଞ ବସିଥିବାବେଳେ ସେମାନଙ୍କ ନିକଟରୁ ପରାମର୍ଶ ଅଣାଯାଇ ପାରିଥାନ୍ତା । ହେଲେ ତାହା ନକରି କାହା ସ୍ୱାର୍ଥରେ ଏମାନଙ୍କୁ ପୋଷା ଯାଉଥିଲା ତାହା ବଡ ପ୍ରଶ୍ନ ହୋଇଛି ।

ତେବେ ହେଉଥିବା ଆଲୋଚନା ଅନୁଯାୟୀ ଏ ଘୋଷ ଯୋଡି ହେଉଛନ୍ତି ପୂର୍ବ ସଚିବଙ୍କ ମାନଓ ସନ୍ତାନ । ଏମାନେ ଆସିବା ପରଠାରୁ ଆର୍ଥିକ ପରାମର୍ଶ ତ ଯାହା ଦେଉଛନ୍ତି, ତାହା ଅପେକ୍ଷା ଏଠାରେ ଥିବା ଓଡିଆ କର୍ମଚାରୀମାନଙ୍କୁ ହଇରାଣ ହରକତ କରିବାରେ ଲାଗିଛନ୍ତି। ଓଡିଆଙ୍କୁ ତଡିବାପାଇଁ ଯେତେ ପ୍ରକାର ପରାମର୍ଶ ଆବଶ୍ୟକ ତାହା ଦେଇ ଚାଲିଛନ୍ତି। ତେଣୁ ମାଥିଙ୍କ ପରେ ପରେ ତାଙ୍କଦ୍ୱାରା ଆମଦାନୀ କୁହାଯାଉଥିବା ଘୋଷ ଯୋଡିଙ୍କୁ ତୁରନ୍ତ ବିଦା କରି ମାସିକ ୪୫ଲକ୍ଷ ଟଙ୍କା ସଞ୍ଚୟ କରିବାକୁ ମତପ୍ରକାଶ ପାଇଲାଣି ।

# ଦମନ ମହାନ୍ତି ପାଇଲେ ‘ପ୍ରକୃତି ବନ୍ଧୁ ସମ୍ମାନ’

କେନ୍ଦ୍ରାପଡ଼ା, ୯।୧୦ (ସଂଚାର ବ୍ୟୁରୋ): ୭୦ ତମ ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ଉପଲକ୍ଷେ ଜିଲ୍ଲାସ୍ତରୀୟ ଉତ୍ସବ ଭିତରକନିକା ଜାତିୟ ଉଦ୍ୟାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା ।ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତିଙ୍କୁ ତାଙ୍କର ପ୍ରକୃତି ପ୍ରେମ ପାଇଁ "ପ୍ରକୃତି ବନ୍ଧୁ ସମ୍ମାନ" ରେ ସମ୍ମାନିତ କରାଯାଇଛି । ଶ୍ରୀଯୁକ୍ତ ମହାନ୍ତି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରକାରର ବୃକ୍ଷ ରୋପଣ କରି ସବୁଜ ବଳୟ ସୃଷ୍ଟି କରିଛନ୍ତି ।ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଗଛ ଚାରା ମଧ୍ୟ ବାଣ୍ଟିଛନ୍ତି। ଯାହାର ଫଳ ସ୍ୱରୂପ ଆଜି ଆୟୋଜିତ ବନ୍ୟ ପ୍ରାଣୀ ସପ୍ତାହ ଦିବସ କାର୍ଯ୍ୟକ୍ରମ ଅବସରରେ




ରାଜନଗର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ ମୁଖ୍ୟ ଅତିଥିରୂପେ ଯୋଗଦେଇ ଶ୍ରୀ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଶାନ୍ତ କୁମାର ନାୟକ ପରିଚାଳନା କରିଥିଲେ । ଅନ୍ୟତମ ଅତିଥି ଭାବେ ରାଜନଗର ଅତିରିକ୍ତ ବନକଣ୍ଡ ଅଧିକାରୀ ଗଗନ ବିହାରୀ ମଲ୍ଲିକ, ବରିଷ୍ଠ ସାମ୍ବାଦିକ ଭସ୍କର ଚନ୍ଦ୍ର ରାଉତରାୟ, ଇକୋ କ୍ଲବର ସଦସ୍ୟ ଗୋପୀନାଥ ଦାସ, ରାଜନଗର ଅତିରିକ୍ତ ବନଖଣ୍ଡ ଅଧିକାରୀଣି ପୁନମହୀରା ହାନସଦା ପ୍ରମୁଖ ଯୋଗଦେଇଥିଲେ ।

### ବିଡିଓଙ୍କୁ ଭେଟିଲେ ପଞ୍ଚାୟତବାସୀ

# ତୁରନ୍ତ ଶୌଚାଳୟ ନିର୍ମାଣ ଶେଷ କରିବାକୁ ଦାବି

ରାଜନଗର, ୯।୧୦ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ହେଡକ୍ୱାର୍ଟରରେ ୫ଶହରୁ ଉର୍ଦ୍ଧ୍ୱ ବ୍ୟବସାୟୀକ ପ୍ରତିଷ୍ଠାନ ରହିଛି। ପ୍ରତି ସୋମବାର ଓ ଶୁକ୍ରବାର ସାପ୍ତାହିକ ଅନୁଷ୍ଠିତ ହେଉଛି। ବ୍ଲକ ହେଡକ୍ୱାର୍ଟରରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଥିବାରୁ ବ୍ଲକର ୨୯ଟି ପଞ୍ଚାୟତର ଲୋକେ ପ୍ରତିଦିନ ବିଭିନ୍ନ କାମରେ ରାଜନଗର ଆସିଥାନ୍ତି। ପ୍ରତିଦିନ ହଜାର ହଜାର ପୁରୁଷ ଓ ମହିଳା ରାଜନଗର ବଜାର ଆସୁଥିଲେ ମଧ୍ୟ ଶୌଚ ହେବା ପାଇଁ ଶୌଚାଳୟଟିଏ ନଥିବାରୁ ନାହିଁ ନଥିବା ହୀନସ୍ତା ଭୋଗିଥାନ୍ତି। ରାଜନଗରବାସୀ ଓ ବ୍ୟବସାୟୀ ମାନଙ୍କ ଦାବି ପରେ ପ୍ରଶାସନ ରାଜନଗର ବ୍ଲକର ହଂସୁଆ ସେତୁ ନିକଟରେ ଗୋଟିଏ ଓ ସାପ୍ତାହିକ ହାଟ ନିକଟରେ ଅନ୍ୟଏକ ଶୌଚାଳୟ ନିର୍ମାଣ ପାଇଁ ନିଷ୍ପତି ହୋଇ ନିର୍ମାଣ ହୋଇଥିଲା। ସାପ୍ତାହିକ ହାଟରେ ନିର୍ମାଣ ହୋଇଥିବା ଶୌଚାଳୟ ଛାତପତନ ହୋଇ ରହିଛି। ଏହାକୁ ତୁରନ୍ତ ପୂର୍ଣ୍ଣାଙ୍ଗ କରି କାର୍ଯ୍ୟକ୍ଷମ କରିବାକୁ ଆଜି ରାଜନଗର ପଞ୍ଚାୟତର ୱାର୍ଡ ସଭ୍ୟ ସଭ୍ୟା ଓ ଶତାଧିକ ପଞ୍ଚାୟତବାସୀ ବିଡିଓଙ୍କୁ ଭେଟି ଦାବି ଜଣାଇଛନ୍ତି।



ନଚେତ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଅନ୍ୟପକ୍ଷରେ ଯେଉଁ ସ୍ଥାନରେ ଶୌଚାଳୟ ନିର୍ମାଣ ହୋଇଛି, ସେ ସ୍ଥାନଟି ଦୀର୍ଘ ୧୦/୧୫ ବର୍ଷ ଧରି ଖୋଲା ଶୌଚାଳୟ ଭାବେ ବ୍ୟବହାର ହୋଇ ଆସୁଥିଲା। ସେହି ସ୍ଥାନ ବିଭିନ୍ନ ରୋଗର କାରଣ ପାଲଟିଥିଲା। ସେହି ସ୍ଥାନରେ ପାଇଖାନା ନିର୍ମାଣ କରିବାକୁ ସେତେବେଳର ବ୍ଲକ ପ୍ରଶାସନ ନିଷ୍ପତି ନେଇଥିଲା। ମାତ୍ର ବିଡିଓ ସେହି ପାଇଖାନାକୁ ଭାଙ୍ଗିବାକୁ ସରପଞ୍ଚଙ୍କୁ କରିଥିବା ଚିଠିକୁ ନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି। ରାଜନଗର ବଜାରରେ ମହିଳାମାନଙ୍କ ସମେତ ବ୍ୟବସାୟୀମାନେ ଶୌଚ ହେବା ପାଇଁ ନାହିଁ ନଥିବା ହୀନସ୍ତା ଭୋଗୁଥିବା ବେଳେ ପ୍ରଶାସନ ଶୌଚାଳୟ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନେବା ପରିବର୍ତେ ଭାଙ୍ଗିବା ଚିଠିକୁ ନେଇ ପତିକ୍ରିୟା ବଢ଼ିବାରେ ଲାଗିଛି।

ସବୁଠୁ ବଡକଥା ହେଲା ପ୍ରଶାସନ ଯେଉଁ ସ୍ଥାନକୁ ସ୍କୁଲ ରାସ୍ତା ବୋଲି କହୁଛି, ସେହି ସ୍ଥାନରେ ବ୍ଲକ ପ୍ରଶାସନ ପକ୍ଷରୁ ୬ଟି ଦୋକାନଘର ପ୍ରଥମେ ନିର୍ମାଣ ହୋଇଥିବା ବେଳେ ଆରଏମସି ପକ୍ଷରୁ ହାଟପାଇଁ ପିଣ୍ଡି ନିର୍ମାଣ ହୋଇଛି। ପିଣ୍ଡି ଓ ଦୋକାନ ଘର ପାଇଁ ତହସିଲ ପ୍ରଶାସନ ଅନୁମତି ଦେଇଛି କି? ଯଦି ନାଁ ପ୍ରଥମେ ଦୋକାନ ଘର ଓ ହାଟପିଣ୍ଡି ଭାଙ୍ଗିବାକୁ ପଞ୍ଚାୟତବାସୀ ଦାବୀ କରିଛନ୍ତି। ଆଜି ଶତାଧିକ ଲୋକେ ବିଡିଓଙ୍କୁ ଭେଟି ଦାବୀ କରିବା ସହିତ ତୁରନ୍ତ ଶୌଚାଳୟ କାର୍ଯ୍ୟକ୍ଷମ ନହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଆନ୍ତର୍ଜାତିକ ଟାଏକୋଣ୍ଡୋ କ୍ରୀଡାବିତ୍‌ଙ୍କ ଜାକର୍ତ୍ତା ଗସ୍ତ



ଯାଜପୁର, ୯।୧୦ (ସଂଚାର ବ୍ୟୁରୋ): ଆନ୍ତର୍ଜାତୀୟ ଟାଏକୋଣ୍ଡୋ କ୍ରୀଡାବିତ୍ ଶୁଭଜିତ୍ ମଲ୍ଲିକ, ପିତା - ସଞ୍ଜୟ କୁମାର ମଲ୍ଲିକ, ମାତା - ସବିତାରାଣୀ ଦାସ, ଗ୍ରାମ/ପୋଅ - ଆମ୍ଭୋଲବା, ଭାୟା - ସୁକିନ୍ଦା, ଜିଲ୍ଲା - ଯାଜପୁର। ଆସନ୍ତା ତା ୧୫.୧୦.୨୦୨୪ ରିଖ ଠାରୁ ତା ୧୯.୧୦.୨୦୨୪ ରିଖ ପର୍ଯ୍ୟନ୍ତ ଇଣ୍ଡୋନେସିଆର ଟାଙ୍ଗେରାଙ୍ଗ ଜାକର୍ତ୍ତା ଠାରେ ୬ଷ୍ଠ ଏସିଆନ ଓପନ ଟାଏକାଣ୍ଡୋ ଚାମ୍ପିଅନସିପ ୨୦୨୪, ୫୪ କି.ଗ୍ରା. ପୁରୁଷ ବର୍ଗରେ ଭାରତ ତରଫରୁ ପ୍ରତିନିଧିତ୍ୱ କରିବେ । ଏହି ପରିପ୍ରେକ୍ଷୀରେ ଶ୍ରୀମାନ ମଲ୍ଲିକଙ୍କୁ ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ, ଜିଲ୍ଲା କ୍ରୀଡା ଅଧିକାରୀ, ଫକୀର ମୋହନ ଟୁଡୁ , ଶୁଭେଚ୍ଛା ଓ ସଫଳତା କାମନା କରିଛନ୍ତି।

# ମା’ଙ୍କ ଆରାଧନା ପାଇଁ ଉତ୍ସବମୁଖର ରାଜନଗର

ରାଜନଗର, ୯।୧୦ (ସଂଚାର ବ୍ୟୁରୋ): ଆରମ୍ଭ ହୋଇଛି ମା’ଦୁର୍ଗାଙ୍କ ଆରାଧନା। ମା’ଙ୍କ ପୂଜାର୍ଚ୍ଚନା ପାଇଁ ଉତ୍ସବ ମୁଖର ହୋଇପଡ଼ିଛି ରାଜନଗର। ରାଜନଗର ଦେବୀଘରେ ମା’ଦୁର୍ଗାଙ୍କ ପୂଜାର୍ଚ୍ଚନା ପାଇଁ ଆଜି ସଂଧ୍ୟାରେ ବିଲ୍ୱବରଣ ନୀତି ଆରମ୍ଭ ହୋଇଛି। ବିଲ୍ୱ ବା ବେଲ ବୃକ୍ଷରେ ମା’ପାର୍ବତୀ ଅବସ୍ଥାନ କରିଥାନ୍ତି। ଏଥିପାଇଁ ଅକାଳ ଶୋଧନ ସମୟରେ ଜଗତ୍‌ଜନନୀ ମା’ଦୁର୍ଗାଙ୍କୁ ବେଲ ବୃକ୍ଷରୁ ଆମନ୍ତ୍ରଣ କରି ଅଣାଯାଏ। ଏଥିସହିତ ଅଧିବାସ, ବୋଧନ ଓ ଆମନ୍ତ୍ରଣ କରାଯାଏ। ଜୀବ ଓ ପରାତ୍ମାଙ୍କ ପ୍ରତୀକ ହରପାର୍ବତୀ ରୂପେ ଯୁଗ୍ମ ବେଲଫଳ ଅଣାଯାଏ।

ଏହି ବେଲବରଣରୁ ମା’ଙ୍କର ଷଷ୍ଠୀ ପୂଜା ଆରମ୍ଭ ହୋଇଛି। ଆଜି ସଂଧ୍ୟାରେ ଦେବୀଘରୁ ଥାଟପାଟରେ ରୋଷଣୀରେ ମା’ଙ୍କ ବିଲ୍ୱବରଣ ପାଇଁ ରାଜନଗର ଗାଁର ବଡଦାଣ୍ଡରେ ପହଁଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ପଣ୍ଡିତ ବିଜୟ କୁମାର ନନ୍ଦ, ରବି ନାରାୟଣ ମିଶ୍ର, ପ୍ରଦୀପ କୁମାର ମିଶ୍ର, ହେମନ୍ତ କୁମାର ମିଶ୍ର, ରଜନୀକାନ୍ତ ଦେବତା, ସୂର୍ଯ୍ୟ ନାରାୟଣ ମିଶ୍ର ପ୍ରମୁଖ ପୂଜାନୀତି ସମ୍ପନ୍ନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶାରଦୀୟ ଦୁର୍ଗାପୂଜା କମିଟିର ସଭାପତି ତଥା ଆଇଆଇସି ଅଜୟ କୁମାର ଜେନା, ସମ୍ପାଦକ ପ୍ରଭାତ ଚନ୍ଦ୍ର ମିଶ୍ର, ରମେଶ କୁମାର ଲାଲ, ଚିତରଞ୍ଜନ ଦାସ, ରବୀନ୍ଦ୍ର ନାଥ ନାୟକ, ନାରାୟଣ ମାହୁନ୍ତ, ରବି ନାରାୟଣ ଦାସ, ବିଜୟ କୁମାର ଗୁପ୍ତା, ନୃସିଂହ ଚରଣ ଲେଙ୍କା, ପଞ୍ଚାନନ ବାରିକ, ସୁବଳ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ମା’ଙ୍କ ପୂଜାର୍ଚ୍ଚନା ପାଇଁ ରାଜନଗର ଉତ୍ସବ ମୁଖର ହୋଇପଡ଼ିଛି। ସେହିପରି ଗଳିଦାଣ୍ଡର ମା’ବନଦୁର୍ଗାଙ୍କର ପୂଜା ପାଇଁ ଆଜି ବିଲ୍ୱବରଣ ନୀତି ଅନୁଷ୍ଠିତ ହୋଇଯାଇଛି।

# ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ବାଳିକାଙ୍କ କୃତିତ୍ୱ

କେନ୍ଦ୍ରାପଡ଼ା, ୯।୧୦ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ଶ୍ରୀ ବୈଷ୍ଣବୀ କାନ୍ୟକା ପରମେଶ୍ୱରୀ ମନ୍ଦିର ପ୍ରାଙ୍ଗଣ ବଡବଜାରରେ ଦୁଇ ଦିନ ଧରି ଶନିବାର ଠାରୁ ରବିବାର ୩୦ତମ ରାଜ୍ୟସ୍ତରୀୟ ଚାଲିଥିବା ଯୋଗାସନ ପ୍ରତିଯୋଗିତା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି। ଏହି ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ କେନ୍ଦ୍ରାପପଡ଼ା ଜିଲ୍ଲାର ଛାତ୍ରୀମାନେ ବିଶେଷ ସଫଳତା ଅର୍ଜନ କରିଥିଲେ। ସେମାନେ ହେଲେ ୧୮ରୁ ୨୧ ବର୍ଷ ବାଳିକା ବିଭାଗରେ ଟ୍ରାଡିସ୍‌ନାଲ ଯୋଗାସନରେ ପ୍ରଥମ ସ୍ଥାନ ଏବଂ ଆଟିଷ୍ଟିକ୍ ଯୋଗାସନରେ ତୃତୀୟ ସ୍ଥାନ ଟ୍ୱିଙ୍କିଲ୍ ସ୍ୱାଇଁ, ଟ୍ରାଡିସ୍‌ନାଲରେ ଦ୍ୱିତୀୟ ସ୍ଥାନ ଏବଂ ଆଟିଷ୍ଟିକ୍‌ରେ ପ୍ରଥମ ସ୍ଥାନ ଅର୍ପିତା ସ୍ୱାଇଁ, ଟ୍ରାଡିସ୍‌ନାଲରେ ତୃତୀୟ ସ୍ଥାନ ଓ ଆଟିଷ୍ଟିକ୍ରେ ଦ୍ୱିତୀୟ ସ୍ଥାନ ଶୁଭଶ୍ରୀ ସରିତା ରାଉତ, ୧୬ରୁ ୧୮ ବର୍ଷ ବାଳିକା ବିଭାଗ ଟ୍ରାଡିସ୍‌ନାଲରେ ତୃତୀୟ ସ୍ଥାନ ଓ ଆଟିଷ୍ଟିକ୍‌ରେ ତୃତୀୟ ସ୍ଥାନ ସ୍ମୃତିରେଖା ପାଣି, ୧୨ରୁ ୧୪ ବର୍ଷ ବାଳିକା ବିଭାଗ ଟ୍ରାଡିସ୍‌ନାଲ୍‌ରେ ଚତୁର୍ଥ ସ୍ଥାନ ଗାୟତ୍ରୀ ସାହୁ ଅଧିକାର କରି ସଫଳତାର ସହିତ ଜାତୀୟ ସ୍ତରକୁ ମନୋନିତ ହୋଇଛନ୍ତି । ଏହି ଯୋଗାସନ ପ୍ରତିଯୋଗିତାରେ ବିଚାରକ ଭାବେ କେନ୍ଦ୍ରାପଡ଼ାରୁ ଯୋଗଗୁରୁ ସଞ୍ଜୟ କୁମାର ମଥାନ ଓ ଭରତ କୁମାର ସାହୁ ଯୋଗ ଦେଇଥିଲେ । କୋଚ୍ ଭାବେ ପିଲାମାନଙ୍କର ଙ୍କର ଦାୟୀତ୍ୱ ପ୍ରାଜ୍ଞା ପାରମ୍ପିକା ପାଣି ନେଇଥିଲେ । ପିଲାମାନଙ୍କର ଏହି ସଫଳତା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ଗୌରବାନ୍ୱିତ ଅର୍ଜନ କରିଅଛି । ଏଥିପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଓ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଜିଲ୍ଲା ବନ ବିଭାଗ ଅଧିକାରୀ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ପିଲାମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟରେ ସମ୍ମାନିତ କରିବା ସହିତ ସେମାନଙ୍କର ଉତ୍ତୋରତର କାମନା କରିଥିଲେ ।



### ନଈ ନ ଦେଖୁଣୁ...

# ଶୁଭେଚ୍ଛା ବାର୍ତ୍ତା ନାଁରେ ରାଜନେତା ନାଉଗାଁମୁହାଁ

ନାଉଗାଁ, ୯।୧୦ (ସଂଚାର ବ୍ୟୁରୋ): ଦଶହରା ଉପଲକ୍ଷେ ବିଭିନ୍ନ ରାଜନେତା ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରୁଛନ୍ତି। କେହି ସାମାଜିକ ଗଣମାଧ୍ୟମରେ ତ କେହି ବ୍ୟାନର ଓ ପୋଷ୍ଟର ମାଧ୍ୟମରେ ଶୁଭେଚ୍ଛା ବାର୍ତ୍ତା ଦେଉଛନ୍ତି। ଏଥର ଦଶହରାରେ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକରେ ବ୍ୟାନର ମାଧ୍ୟମରେ କିଛି ନୂଆ ଚେହେରା ଦେଖିବାକୁ ମିଳିଛି। ଆଗକୁ ନାଉଗାଁ ବ୍ଲକ ସହିତ ବାଲିକୁଦା ବ୍ଲକ ମିଶି ନିର୍ବାଚନମଣ୍ଡଳୀ ହେବାର ସମ୍ଭାବନା ରହିଥିବା ନେଇ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର କିଛି ନୂଆ ମୁହଁ ଏହି ବ୍ଲକର ବିଭିନ୍ନ ସ୍ଥାନରେ ବ୍ୟାନର ମାରି ନିଜର ଶୁଭେଚ୍ଛା ବାର୍ତ୍ତା ଜଣାଉଥିବା ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ ଯେ ସଞ୍ଜୀବ ଏସ. ବିଶ୍ୱାଳ ପୂର୍ବରୁ ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ଦଳରୁ ଟିକେଟ ଲବିରେ ଥାଇ ନିରାଶ ହେବା ପରେ ସ୍ୱାଧୀନ ଭାବେ ନିର୍ବାଚନ ଲଢିଥିଲେ। ଫଳରେ ବିଜେଡି ଦଳରୁ ନିଲମ୍ବିତ ହୋଇଥିଲେ। ଉକ୍ତ ନିର୍ବାଚନରେ ଶ୍ରୀ ବିଶ୍ୱାଳ ୯ହଜାର ୯୭୧ ଖଣ୍ଡ ଭୋଟ ପାଇଥିଲେ। ସେହିପରି ଆଦିତ୍ୟ ନନ୍ଦନ ଦାସଙ୍କ ବାପା ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ପାଇଁ ବିଜେଡି ଟିକେଟ ଲବିରେ ରହିବା ସହିତ ନିଜ ପୁଅ ପାଇଁ ମଧ୍ୟ ଟିକେଟ ନେବା ଆଶା ବାନ୍ଧିଥିଲେ। ହେଲେ ଶେଷରେ ନିରାଶ ହୋଇଥିଲେ। ପରେ




ଦଳ ପକ୍ଷରୁ ଆଦିତ୍ୟକୁ ସାନ୍ତ୍ୱନାମୂଳକ ଭାବେ ଜିଲ୍ଲା ବିଜେଡି ଯୁବ ସଭାପତି ପଦରେ ଅବସ୍ଥାପିତ କରାଯାଇଥିଲା। ସୂଚନାଥାଉକି ୨୦୦୯ ସାଧାରଣ ନିର୍ବାଚନ ପୂର୍ବରୁ ବାଲିକୁଦା-ନାଉଗାଁ ମିଶି ବାଲିକୁଦା ନିର୍ବାଚନମଣ୍ଡଳୀ ରହିଥିଲା। ୨୦୦୯ ସୀମା ନିର୍ଦ୍ଧାରଣ ପରେ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ହୋଇଥିବା ବେଳେ ନାଉଗାଁ ବ୍ଲକ ଜଗତସିଂହପୁର ନିର୍ବାଚନମଣ୍ଡଳୀରେ ମିଶିଥିଲା। ଆଗକୁ ୨୦୨୯ ସାଧାରଣ ନିର୍ବାଚନରେ ପୁନର୍ବାର ବାଲିକୁଦା ସହିତ ନାଉଗାଁ ମିଶିବାର ସମ୍ଭାବନା ଥିବାରୁ ଏହି ଦୁଇ ନେତା ଆଗୁଆ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ବ୍ୟାନର ମାରି ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଯାହାକୁ ନେଇ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ରାଜନେତା ମାନେ ନଈ ନ ଦେଖୁଣୁ... ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

# ଚୌଦ୍ୱାରରେ ଉତ୍କଳମଣିଙ୍କ ଜୟନ୍ତୀ

ଟାଙ୍ଗୀ-ଚୌଦ୍ୱାର, ୯।୧୦ (ସଂଚାର ବ୍ୟୁରୋ): ଚୌଦ୍ୱାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ସେବକ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି। ସଂସଦ ସମ୍ପାଦକ ଦିବ୍ୟଜ୍ୟୋତି ପାଣିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂସଦର ସଭ୍ୟବୃନ୍ଦ ଓ ଅଞ୍ଚଳର ବହୁ ନାଗରିକ ଯୋଗଦେଇ ଓଟିଏମ୍ ପରିବା ବଜାରସ୍ଥିତ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।ହିନ୍ଦ୍ ସେବକ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ସୁକାନ୍ତ କୁମାର ମହାନ୍ତି, ଭାଗବତ ରାଉତ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସ, ବୈଷ୍ଣବ ଚରଣ ପ୍ରଧାନ, କାଉନସିଲର ଆଶୁତୋଷ ଦାସ, ଦେବେନ୍ଦ୍ର ପୃଷ୍ଟି, ପ୍ରେମଚାନ୍ଦ ନାୟକ, ପବିତ୍ର ମୋହନ ସାହୁ, ଅକ୍ଷୟ ଭୂୟାଁ, ଲକ୍ଷ୍ମୀଧର ଖୁଣ୍ଟିଆ, ପ୍ରମୁଖ ଉତ୍କଳମଣୀଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।ସଂଗଠନ



ସମ୍ପାଦକ ଚନ୍ଦ୍ର ପ୍ରକାଶ ପଟ୍ଟନାୟକ, ଭାସ୍କର ମହାପାତ୍ର, ସରିତା ଦାସପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ଶ୍ରୀନିବାସ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ସାମଲଙ୍କ ଆବାହକତତ୍ୱରେ ଚୌଦ୍ୱାର ପ୍ରେସ୍‌କ୍ଲବ୍‌ରେ ଆୟୋଜିତ ଉତ୍କଳମଣିଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ କ୍ଲବ୍ ସଭାପତି ସମାଜସେବୀ ଦାମୋଦର ସାହୁ ଗୋପବନ୍ଧୁଙ୍କ ନୀତି ଆଦର୍ଶ ଓ ମହତ୍ ସେବା ସମ୍ପର୍କରେ ଆଲୋଚନା କରିଥିଲେ।ଏହି କାର୍ଯ୍ୟକ୍ରମରେ ଖବରଦାତା ଗଙ୍ଗାଧର ସାହୁ, ଉପଦେଷ୍ଟା ଏସ୍.କେ.ପଣ୍ଡା, ପ୍ରକାଶ ନାୟକ, ସୁଧାକର ସାମନ୍ତରାୟ, ଅଜିତ୍ କୁମାର ସ୍ୱାଇଁ, ବିଶ୍ୱଜିତ ଭଞ୍ଜ, ଶିକ୍ଷାବିତ୍ ଶିବ ପ୍ରସାଦ ପତି ପ୍ରମୁଖ ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ। ଅଶୋକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଆୟୋଜିତ ଜୟନ୍ତୀ ଉତ୍ସବରେ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ମାନସ କୁମାର ସାହୁ ଗୋପବନ୍ଧୁଙ୍କ ସମାଜସେବା ଓ ନୀତି ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ। ଶିକ୍ଷାକେନ୍ଦ୍ରର ଅଧ୍ୟାପନା ମଣ୍ଡଳୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ରାଜେଶ କୁମାର ଓଝା ଧନ୍ୟବାଦ ଅର୍ପଣ କରିଥିଲେ।



# ଗୋପବନ୍ଧୁ ଜୟନ୍ତୀ ପାଳିତ

କଣାସ, ୯।୧୦ (ସଂଚାର ବ୍ୟୁରୋ): ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉତ୍ସବ ଆଜି ସାନଓରା ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ବସ୍ତ୍ର ଓ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସାମୁହିକ ଗୀତାପାଠ, ଜାତୀୟ ସଙ୍ଗୀତ ଗାନ କରାଯାଇ ଥିଲା। ହେମନ୍ତ ପ୍ରଧାନ, ମମତା ସାହୁ, ସଂଗ୍ରାମ ପ୍ରତାପସିଂହ, ତଥ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ୍ ଶ୍ରୀଚନ୍ଦନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଛାତ୍ରଛାତ୍ରୀ ଗୋବନ୍ଧୁଙ୍କ ଆଦର୍ଶକୁ ଅନୁସରଣ କରି ଚାଲିବା ପାଇଁ ଅତିଥିମାନେ ପରାମର୍ଶ ଦଇଥିଲେ।

### ଜମି ମାଫିଆଙ୍କ କବ୍‌ଜାରେ ନଦୀଗର୍ଭ !

# ଅଳକା ମୁକ୍ତହେବ କେବେ ?

ଜଗତସିଂହପୁର, ୯।୧୦ (ସଂଚାର ବ୍ୟୁରୋ): ଜଗତସିଂହପୁର ଦେଇ ବହି ଯାଇଥିବା ଅଳକା ନଦୀ ଏବେ ବିଲୁପ୍ତିର ଦ୍ୱାର ଦେଶରେ। ଏହି ନଦୀଶର୍ଯ୍ୟାରେ ବେଆଇନ ଭାବେ ବହୁ ସଂଖ୍ୟାରେ କୋଠାବାଡି ଗଢ଼ିଉଠିଛି। ନଦୀଗର୍ଭର ମୂଲ୍ୟବାନ ଜମି ସ୍ଥିତିବାନ ସମ୍ପତ୍ତିରେ ରୂପାନ୍ତରିତ ହୋଇଛି । ଜିଲ୍ଲା ପ୍ରଶାସନ ଓ ରାଜସ୍ୱ ବିଭାଗ ପକ୍ଷରୁ ଜମିମାଫିଆ ନଦୀଗର୍ଭକୁ ଅକ୍ତିଆର କରିସାରିଲେଣି । ଏଦିଗରେ ଆଦୌ ଜିଲ୍ଲା ପ୍ରଶାସନ ଓ ରାଜସ୍ୱ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନି । ଦିନକୁ ଦିନ ଅଳକା ନଦୀର ଚିହ୍ନବର୍ଣ୍ଣ ମାଟିରେ ମିଶିବାକୁ ବସିଲାଣି। ଜବରଦଖଲ ଯୋଗୁଁ ଅଳକା ନଦୀ ଆଗକୁ ବହିଯିବାରେ ବାଧା ଉପୁଜୁଛି।

ଅଳକା ନଦୀ ଜବରଦଖଲଙ୍କ କବଜାରୁ ପୁନରୁଦ୍ଧାର କରିବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ସ୍ୱର ଉତ୍ତୋଳନ ହେଉଛି। ବିଲୁଆଖାଇ ନଦୀର ଶାଖା ନଦୀ ଅଳକା ଏକଦା ଆୟତନରେ ବିଶାଳ ହେବା ସହିତ ଚିରସ୍ରୋତା ଥିଲା। ଏହି ନଦୀ ଜିଲ୍ଲାର ବିରିଡ଼ି, ବାଲିକୁଦା, ଜଗତସିଂହପୁର ଦେଇ ଏରସମା ପର୍ଯ୍ୟନ୍ତ ଦୀର୍ଘ ୫୨ କିମି ଯାଏ ଲମ୍ବିଥିଲା। ଏହି ନଦୀ ଉପରେ ଜଗତସିଂହପୁର ହଜାର ହଜାର ଜନସାଧାରଣ ନିର୍ଭରଶୀଳ ଥିଲେ। କୃଷିପ୍ରଧାନ ଥିବା ଏହି ଜିଲ୍ଲାର ଚାଷୀ ଅଳକାର ଜଳକୁ ଚାଷରେ ଜଳସେଚନ ପାଇଁ ବ୍ୟବହାର କରୁଥିବାବେଳେ ବହୁ ଲୋକେ ନଦୀରୁ ମାଛ ଧରି ପରିବାର ପ୍ରତିପୋଷଣ କରୁଥିଲେ। ଅତୀତରେ ଏହି ନଦୀ ଦେଇ ଇଂରେଜମାନେ ସେମାନଙ୍କ ବାଣିଜ୍ୟ କାରବାର କରୁଥିଲେ। ଅଳକା ନଦୀ ପଥ ସେମାନଙ୍କ ବାଣିଜ୍ୟ ପରିବହନର ମୁଖ୍ୟ ମାଧ୍ୟମ ଥିଲା। ରାଜସ୍ୱ ବିଭାଗର



### କିସମ ବଦଳାଇ ଗଢ଼ିଉଠିଛି ବେଆଇନ କୋଠା

ଅସାଧୁ କର୍ମଚାରୀଙ୍କ ମାଧ୍ୟମରେ ଅଳକା ନଦୀକୁ ସ୍ଥିତିବାନ ପଟ୍ଟାରେ ପରିଣତ କରାଯିବା ସହିତ ଏହାକୁ ଖର୍ଦ୍ଦି ବିକ୍ରି ମାଧ୍ୟମରେ ଆହୁରି ଆଇନଗତ ସ୍ଥିତିକୁ ମଜବୁତ କରିନେଲେ। ପ୍ରଶାସନ ପକ୍ଷରୁ ଅଳକା ନଦୀକୁ ବଞ୍ଚାଇବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଗଲା ନାହିଁ । ଯାହାଫଳରେ କିସମ ବଦଳାଇ ଜମି ମାଫିଆମାନେ ଏକର ଏକର ଜମିକୁ ଦଲାଲକୁ ବିକ୍ରି କରି ଚାଲିଲେ ।

୧୯୩୨ ସେଟେଲମେଣ୍ଟରେ ଅଳକା ନଦୀରେ ଯେତିକି ପରିମାଣର ଜମିଥିଲା ୧୯୭୨ରେ ତାହାର ଅଧାରୁ ଅଧିକ ଜମି ହଡ଼ପ ହୋଇଥିବା ଜଣାପଡିଲା। ୮୦ରୁ ୯୦ ଦଶକରେ ଅଳକା ନଦୀର ଅବଶିଷ୍ଟ ଜମିର ପରିମାଣ ଜଗତସିଂହପୁର ତହସିଲ ଅଧୀନରେ ୧୧୮ ଏକର, ନାଉଗାଁ ତହସିଲ ଅଧୀନରେ ୪୧ଏକର, ବିରିଡ଼ି ତହସିଲ ଅଧୀନରେ ୧୭୯ ଏକର ଥିବାର ରାଜସ୍ୱ ବିଭାଗ ଓ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସେହିପରି ସେଣ୍ଟ୍ରାଲ ଇନଲ୍ୟାଣ୍ଡ ଫିସରୀ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ପକ୍ଷରୁ ମୃତ ଅଳକା ନଦୀରେ ମାଛ ପାଇଁ ୬ଜଣିଆ ଟିମ୍ ଅନୁଧ୍ୟାନ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏକ ରିପୋର୍ଟ ଦିଆଯାଇଥିଲା। ଏହି ରିପୋର୍ଟ ଆଧାରରେ ଏଠାରେ କାମ ଆରମ୍ଭ ହୋଇନଥିବା ଜଣାପଡିଛି ।

ଅଳକା ନଦୀ ଲୁଟ ପଛରେ ଜମିମାଫିଆଙ୍କ ଜନପ୍ରତିନିଧି, ସମେତ ଜିଲ୍ଲା ପ୍ରଶାସନର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏକାଧିକ ସରକାରୀ କୋଠା ଏହି ନଦୀର ଗର୍ଭରେ ନିର୍ମାଣ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ଓ ଜଗତସିଂହପୁର ଦୁର୍ନୀତି ନିବାରଣ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଏସଭିଏମ କଲେଜ, ମୃତ୍ତିକା ସଂରକ୍ଷଣ, ଜିଲ୍ଲା ଉଦ୍ୟାନ ବିଭାଗ, ମିଶନଶକ୍ତି ଗୃହ, ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ କାର୍ଯ୍ୟାଳୟ ଅଳକା ନଦୀ ଉପରେ ନିର୍ମାଣ ହୋଇଛି। ସେହିପରି କଲେଜ ଛକ ଠାରୁ ଷ୍ଟାଡିୟମ ପର୍ଯ୍ୟନ୍ତ ବେଆଇନ କୋଠା ନିର୍ମାଣ ହୋଇଛି। ସେଥିମଧ୍ୟରୁ କୋଚିଂସେଣ୍ଟର, ବେଆଇନ କୋଠା ଗୁଡିକ ମଧ୍ୟ ନିର୍ମାଣ ହୋଇଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଓ ରାଜସ୍ୱ ବିଭାଗ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ୨୦ କିମି ପର୍ଯ୍ୟନ୍ତ ଜୀବିତ ଥିବା ଏହି ଅଳକା ନଦୀ ଉପଯୁକ୍ତ ରକ୍ଷଣବେକ୍ଷଣ ଅଭାବରୁ ବିଲୀନ ହେବାକୁ ବସିଛି।

ଏବେ ଜଗତସିଂହପୁର ଜିଲ୍ଲାର ଯୁବ ବିଧାୟକ ଅମରେନ୍ଦ୍ର ଦାସ ଜିଲ୍ଲା ସଦର ଦାୟିତ୍ୱ ନେଇଥିବା ବେଳେ ଦୁର୍ନୀତିରେ ଲିପ୍ତ ଥିବା ସମସ୍ତ ଅଧିକାରୀଙ୍କ ସହ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିବା ପରେ ବିଲ ପାସ କରାଯିବ ବୋଲି କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅଳକା ନଦୀ ଦୁର୍ନୀତିର ତଦନ୍ତ ପରିସରଭୁକ୍ତକୁ ନେବେ କି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଅଳକା ନଦୀ ନିଜ ନାମରେ ପଟ୍ଟା କରିନେବା ପୂର୍ବରୁ ବିଜେଡି-ବିଜେପି ମେଣ୍ଟ ସମୟରେ ହିଁ ଏହି ଅଳକା ପାଇଁ ଏକ ଆଶା ସଞ୍ଚାର ହୋଇଥିଲା। ତେଣୁ ଏବେ ଯୁବବିଧାୟକ ଭାବେ ଏହାକୁ କାର୍ଯ୍ୟକ୍ଷମ କରି ଜିଲ୍ଲାର ଐତିହ୍ୟକୁ ଫେରାଇ ଆଣିବାକୁ ସାଧାରଣରେ ଦାବି ହେଉଛି ।




# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ

କଟକ, ୯।୧୦ (ସଂଚାର ବ୍ୟୁରୋ): ପ୍ରତିଟି ବାଳିକା ଜଣେ ଜଣେ କନ୍ୟା ରତ୍ନ। ବାଳିକାମାନେ ନିଜର ଅନ୍ତର୍ନିହିତ ଗୁଣର ବିକାଶ କରି ନିଜକୁ ସଶକ୍ତ କରିବା ସହ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବେ। ଆଜି ପୂର୍ବାହ୍ନରେ କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ବକ୍ତାମାନେ ଏହି ମତପ୍ରକାଶ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉମାକାନ୍ତ ରାଜ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବାଳିକାମାନଙ୍କୁ ନିଜର ବ୍ୟକ୍ତିଗତ, ସାମାଜିକ, ପାରିବାରିକ ଓ ବୃତିଗତ ଜୀବନ ମଧ୍ୟରେ ସମତୁଲତା ରକ୍ଷା କରି ଅଗ୍ରସର ହେବାକୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ବାଳିକା ଟପ୍ପରମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଛାତ୍ରୀମାନେ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିବା ସହ ଏଭଳି କାର୍ଯ୍ୟକ୍ରମ ସେମାନଙ୍କୁ ପ୍ରେରଣା ଯୋଗାଇଥିବା ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ସନ୍ତୋଷ କୁମାର ରାଉତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ପୁଷ୍ପାଞ୍ଜଳୀ ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀମତୀ ମଧୁସ୍ମିତା ମହାପାତ୍ର, ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ଶ୍ରୀ ପ୍ରମୋଦ କୁମାର ଆଚାର୍ଯ୍ୟ, ସଦସ୍ୟ, ଶିଶୁ ମଙ୍ଗଳ କମିଟି, ଶ୍ରୀ ହରିହର ନାୟକ, ପ୍ରମୁଖ ଉପସ୍ଥିତ ରହି ସମାଜରେ ବାଳିକାମାନଙ୍କର ଭୂମିକା, ସେମାନଙ୍କର ଦାୟିତ୍ୱ, ନିଜ ମାନସିକ ଓ ଶାରୀରକ ସ୍ୱାସ୍ଥ୍ୟର ଯତ୍ନ, ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତୋଳନ ଆଦି ପ୍ରସଙ୍ଗରେ ମନୋବଳ ବୃଦ୍ଧି କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ପ୍ରଗତୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଜୀବନ ଅମୃତ ଅନୁଚିନ୍ତା

ଶୂନ୍ୟତାର ବିସ୍ମୟ-ଶୂନ୍ୟତା ଭିତରେ ଯେଉଁ ପୂର୍ଣ୍ଣତା ରହିଛି, ତାହାକୁ କେବଳ ଯୋଗୀ ପୁରୁଷ ନିଜ ସାଧନାରେ ଦିବ୍ୟ ନେତ୍ରରେ ଦେଖିପାରନ୍ତି ଆଉ ନିଜକୁ ସେହି ଶୂନ୍ୟପଥରେ ଅନୁଗାମୀ କରାଇନିଅନ୍ତି।

SANCHAR
ସଂଚାର

୪ ଗୁରୁବାର ୧୦ ଅକ୍ଟୋବର ୨୦୨୪, ଭୁବନେଶ୍ୱର
Thursday 10 October 2024 Bhubaneswar

# ଦୁଇ ରାଜ୍ୟର ଜନାଦେଶ

ହରିୟାନା ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି। ଲୋକସଭା ନିର୍ବାଚନ ପରେ ଏହା ଥିଲା ସବୁଠାରୁ ବଡ଼ ନିର୍ବାଚନ ଏବଂ ଏଥିରେ ଦୁଇ ମୁଖ୍ୟ ଜାତୀୟ ଦଳ କଂଗ୍ରେସ ଓ ବିଜେପି ମଧ୍ୟରେ ମୁକାବିଲା ହୋଇଥିଲା। ଯଦିଓ ଉଭୟ ରାଜ୍ୟ ଯଥେଷ୍ଟ ଛୋଟ ଏବଂ ଲୋକସଭାରେ ଉଭୟ ରାଜ୍ୟର ମିଳିତ ଆସନ ସଂଖ୍ୟା ମାତ୍ର ୧୬, କିନ୍ତୁ ରାଜନୈତିକ ଦୃଷ୍ଟିରୁ ଏହାର ଗୁରୁତ୍ୱ ଯଥେଷ୍ଟ ଅଧିକ। ବିଶେଷ କରି ହରିୟାନାର ରାଜନୈତିକ ଗୁରୁତ୍ୱ ଯଥେଷ୍ଟ ଅଧିକ। ଭାରତୀୟ ରାଜନୀତିକୁ ଉତ୍ତର ଏବଂ ପଶ୍ଚିମ ଭାରତରେ ହିନ୍ଦି ଭାଷାଭାଷୀ ଅଞ୍ଚଳ ନିୟନ୍ତ୍ରଣ କରିଥାଏ। ଉତ୍ତର ଭାରତରେ କେନ୍ଦ୍ର ହେଉଛି ହରିୟାନା। ଦିଲ୍ଲୀ, ପଞ୍ଜାବ, ୟୁପି ଏବଂ ରାଜସ୍ଥାନ ଭଳି ଗୁରୁତ୍ୱପୂର୍ଣ୍ଣ ରାଜ୍ୟର ସୀମାକୁ ଏହା ଲାଗିଥିବାରୁ ହରିୟାନା ନିର୍ବାଚନ ଫଳାଫଳ ଏସବୁ ରାଜ୍ୟର ରାଜନୀତିକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଜାତୀୟ ରାଜନୀତିରେ ଯେଉଁ ଦଳ ମଧ୍ୟରେ ମୁକାବିଲା ହୋଇଥାଏ ହରିୟାନାରେ ଠିକ ତାହା ହିଁ ଦେଖିବାକୁ ମିଳିଥାଏ। ଏଥର ମଧ୍ୟ ହରିୟାନା ବିଧାନସଭା ନିର୍ବାଚନରେ ଦୁଇ ଜାତୀୟ ଦଳ ବିଜେପି ଓ କଂଗ୍ରେସ ମଧ୍ୟରେ ମୁକାବିଲା ହୋଇଥିଲା। ଏହା ବ୍ୟତିତ ଇଣ୍ଡିଆନ ନ୍ୟାସନାଲ ଲୋକଦଳ, ଜନ ନାୟକ ଜନତା ପାର୍ଟି (ଜେଜେପି), ବିଏସପି, ଆପ ଭଳି ଅନେକ ଦଳ ଏହି ନିର୍ବାଚନରେ ସେମାନଙ୍କ ସ୍ଥିତି ଜାହିର କରିବାକୁ ଉଦ୍ୟମ କରିଥିଲେ। ଭୋଟ ଗ୍ରହଣ ପରେ ଅଧିକାଂଶ ଏକଜିଟ ପୋଲ ରିପୋର୍ଟରେ ଏଥର ହରିୟାନାରେ ବିଜେପି କ୍ଷମତାଚ୍ୟୁତ ହେବ ଏବଂ କଂଗ୍ରେସ ୧୦ ବର୍ଷ ପରେ ପୁଣି କ୍ଷମତାକୁ ଫେରିବ ବୋଲି ପୂର୍ବାନୁମାନ କରାଯାଇଥିଲା। କିନ୍ତୁ ଏକଜିଟ ପୋଲ ରିପୋର୍ଟ ସମ୍ପୂର୍ଣ୍ଣ ଭୁଲ ପ୍ରମାଣିତ ହୋଇଛି। ହରିୟାନାରେ ବିଜେପି କ୍ରମାଗତ ତୃତୀୟ ଥର ପାଇଁ ବିଜୟୀ ହୋଇ କ୍ଷମତା ବଜାୟ ରଖିଛି। ଆଜି ପର୍ଯ୍ୟନ୍ତ ହରିୟାନାରେ କୌଣସି ଦଳ କ୍ରମାଗତ ତିନିଥର ନିର୍ବାଚନରେ ବିଜୟୀ ହୋଇନଥିଲା। ପ୍ରତି ୧୦ ବର୍ଷରେ ଥରେ ରାଜ୍ୟବାସୀ ପରିବର୍ତ୍ତନ ସପକ୍ଷରେ ରାୟ ଦିଅନ୍ତି। ସମ୍ଭବତଃ ସେଥିପାଇଁ ସମସ୍ତେ ଧରି ନେଇଥିଲେ ଯେ, ଏଥର ବିଜେପି ହାରିବ ଓ କଂଗ୍ରେସ ଜିତିବ। କଂଗ୍ରେସ ମଧ୍ୟ ଲକଜିଟ ପୋଲ ରିପୋର୍ଟକୁ ଭରସା କରି ବିଜୟୀ ହେବା ପୂର୍ବରୁ ଉତ୍ସବ ପାଳନ ଆରମ୍ଭ କରି ଦେଇଥିଲା। କିନ୍ତୁ ବାସ୍ତବ ଫଳାଫଳ ଆସିବା ପରେ ଦଳକୁ ମୁହଁ ଲୁଚାଇବାକୁ ପଡ଼ିଲା। ଏଥର ହରିୟାନାରେ ବିଜେପିର ପରାଜୟ ଏବଂ କଂଗ୍ରେସର ବିଜୟ ଆକଳନ କିଛି ଭିତ୍ତିହୀନ ନଥିଲା। ସ୍ଥିତି ସେହିପରି ଥିଲା। ଗତ ଥର ବିଜେପି ୪୦ ଆସନ ପାଇଥିଲା। ସଂଖ୍ୟାଗରିଷ୍ଠତା ଲାଗି ଏହାକୁ ସ୍ୱାଧୀନ ପ୍ରାର୍ଥୀଙ୍କ ସହ ଜେଜେପିର ସହଯୋଗ ଏବଂ ସମର୍ଥନ ଆବ୍ୟାକ ପଡ଼ିଥିଲା। ଦ୍ୱିତୀୟରେ ଗତ ଲୋକସଭା ନିର୍ବାଚନରେ ମଧ୍ୟ ହରିୟାନାରେ ବିଜେପିର ପ୍ରଦର୍ଶନ ସେତେବେ ଭଲ ନଥିଲା। ସେହି ଆଧାରରେ ବିଜେପି ଏଥର ପରାଜୟ ବରଣ କରିବ ବୋଲି ଅନେକ ଭାବି ନେଇଥିଲେ। ତା ଛଡ଼ା ରାଜ୍ୟ ସରକାରଙ୍କ ବିରୋଧରେ ଅନେକ ପ୍ରସଙ୍ଗ ଥିଲା। କୃଷକ ଆନ୍ଦୋଳନର ପ୍ରଭାବ ଥିଲା, ଦରବୃଦ୍ଧି, ଅଗ୍ନିବୀର ଯୋଜନାକୁ ନେଇ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଅସନ୍ତୋଷ ଏବଂ ସର୍ବୋପରି ପରିବର୍ତ୍ତନର ହାୱାରା ବିଜେପି ବିପକ୍ଷରେ ଥିଲା। କିନ୍ତୁ ସବୁ ଆକଳନ ଭୁଲ ପ୍ରମାଣିତ ହେଲା ଏବଂ ବାଜି ପୁଣି ବିଜେପି ସପକ୍ଷରେ ପଲଟିଗଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ, ବ୍ୟକ୍ତିତ୍ୱ ଏବଂ ବିକାଶ ମୂଳକ କାର୍ଯ୍ୟ ଆଗରେ କଂଗ୍ରେସ ହାର ମାନିଲା। ଏହା ସହିତ ବିଜେପିର ସାଙ୍ଗଠନିକ ଶକ୍ତି ମଧ୍ୟ ଏହି ନିର୍ବାଚନରେ କାମ ଦେଇଛି। ହରିୟାନା ଦାୟିତ୍ୱରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁଣି ଥରେ ତାଙ୍କ ସାଙ୍ଗଠନିକ ଦକ୍ଷତା ଏବଂ ନିର୍ବାଚନ ପରିଚାଳନାରେ ବିଚକ୍ଷଣତା ଦେଖାଇଛନ୍ତି। ଅତୀତରେ ବିହାର, ଆସାମ ଓ ମଧ୍ୟପ୍ରଦେଶରେ ସେ ଏହି ଦାୟିତ୍ୱ ସଫଳତାର ସହ ତୁଲାଇଥିଲେ। କଂଗ୍ରେସ ହରିୟାନା ପରାଜୟ ନେଇ ନିଶ୍ଚିତ ଭାବେ ନିରାଶ ହୋଇଥିବ, କିନ୍ତୁ ଏଥିପାଇଁ କଂଗ୍ରେସ ନିଜେ ଦାୟୀ। ଏବେ କଂଗ୍ରେସ ଆତ୍ମସମୀକ୍ଷା କରିବା ଉଚିତ। କଂଗ୍ରେସରେ ଉତ୍କଟ ଗୋଷ୍ଠୀ କନ୍ଦଳ, ଅତ୍ୟଧିକ ଆତ୍ମବିଶ୍ୱାସ, ରାହୁଲଙ୍କ ପ୍ରତି ଲୋକଙ୍କ ଆସ୍ଥା ନଥିବା ହେତୁ ଦଳ ପରାଜିତ ହେଲା। ବିଜେପି ବିରୋଧରେ ଥିବା ଜନଅସନ୍ତୋଷକୁ କଂଗ୍ରେସ ଉପଯୋଗ କରିପାରିଲା ନାହିଁ। ଏଥିପାଇଁ ରାହୁଲ ଗାନ୍ଧିଙ୍କର ଯୋଗ୍ୟତା ନାହିଁ। କଂଗ୍ରେସର ଜାତିଗତ ରାଜନୀତି ଦଳ ପାଇଁ ମହଙ୍ଗା ପଡ଼ିଲା। ଏହା ଦ୍ୱାରା ରାଜ୍ୟର ଅଣଜାଠ ସମ୍ପ୍ରଦାୟ ବିଜେପି ସପକ୍ଷରେ ରାୟ ଦେଲେ। ଏହା କଂଗ୍ରେସ ପାଇଁ କାଳ ହେଲା। ଦ୍ୱିତୀୟରେ କଂଗ୍ରେସର ମାତ୍ରାଧିକ ଆତ୍ମବିଶ୍ୱାସ ଦଳ ପାଇଁ ମହଙ୍ଗା ପଡ଼ିଲା। ଯଦି କଂଗ୍ରେସ ଅନ୍ୟ ସମଭାବାପନ୍ନ ଦଳ ବିଶେଷ କରି ଆପ ସହ ଆସନ ବୁଝାମଣା କରିଥାନ୍ତା ତେବେ ଫଳ ନିଶ୍ଚିତ ଭାବେ ଅଲଗା ହୋଇଥାଆନ୍ତା। ଉଭୟ କଂଗ୍ରେସ ଏବଂ ଆପ ଉଭୟେ ଏଥିରେ କ୍ଷତିଗ୍ରସ୍ତ ହେଲେ। ଆପ ୮/୧୦ଟି ସିଟରେ ଲଢ଼ି ଜିତିବାକୁ ସୁଯୋଗ ସୃଷ୍ଟି କରିବାର ଥିଲା। ଦଳ ସମସ୍ତ ୯୦ ଆସନରେ ପ୍ରାର୍ଥୀ ଦେଇ ଭବିଷ୍ୟତ ପାଇଁ ଭିତ୍ତି ପକାଇଛି ସତ୍ୟ, ମାତ୍ର ବିଧାନସଭାକୁ ୫ଜଣ ବିଧାୟକ ଯିବା ଅଧିକ ଲାଭଜନକ ହୋଇଥାଆନ୍ତା। କଂଗ୍ରେସ ଭାବିଲା ଏହା ସମସ୍ତ ୯୦ ଆସନରେ ପ୍ରାର୍ଥୀ ଦେଇ ଏକାକି ସଂଖ୍ୟାଗରିଷ୍ଠତା ପାଇଯିବ। କଂଗ୍ରେସ ଏବେ ବି ଅଶୀ ଦଶକରେ ରହିଯାଇଛି। ଏବେ ରାଜନୀତି ବଦଳିଗଲାଣି ଏକଥା ଦଳ ବୁଝିବା ଉଚିତ। ତେବେ ହରିୟାନାର ପରାଜୟକୁ ଜାମ୍ମୁ-କାଶ୍ମୀରରେ ବିଜୟ କିଛି ମାତ୍ରାରେ ଭରଣା କରିପାରିଛି। ଜାମ୍ମୁ-କାଶ୍ମୀରରେ କଂଗ୍ରେସ ଫାରୁକ ଅବଦୁଲ୍ଲାଙ୍କ ନ୍ୟାସନାଲ କନଫରେନ୍ସ ସହ ମେଣ୍ଟ କରି ୬ଟି ଆସନ ପାଇଛି। ଏହି ମେଣ୍ଟ ସରକାର ଗଠନ କରିବାକୁ ଯାଉଛି। ଯଦି ହରିୟାନା ଭଳି ଜାମ୍ମୁ-କାଶ୍ମୀରରେ ମଧ୍ୟ କଂଗ୍ରେସ ଏକାକି ଲଢ଼ିଥାନ୍ତା ତେବେ ମୂଳପୋଛ ହୋଇଯାଇଥାଆନ୍ତା। ଜାମ୍ମୁ-କାଶ୍ମୀରରେ ବିଜେପି ୨୯ଟି ଆସନ ପାଇଛି। ହିନ୍ଦୁ ବହୁଳ ଜାମ୍ମୁରେ ଏହା ଅଧିକ ସଫଳତା ପାଇଛି। ରାଜ୍ୟରେ କ୍ଷମତା ଦଖଲ ପାଇଁ ବିଜେପିକୁ ମୁସଲମାନ ସମ୍ପ୍ରଦାୟର ବିଶ୍ୱାସ ଜିତିବାକୁ ପଡ଼ିବ। ନଚେତ ଏହାର ଆସନ ସବୁ ବେଳେ ୩୦ରେ ସୀମିତ ହୋଇ ରହିଯିବ। ଜାମ୍ମୁ-କାଶ୍ମୀରରେ କଂଗ୍ରେସ ମେଣ୍ଟ ଧର୍ମ ପାଳନ କରିଛି। ଅନ୍ୟ ରାଜ୍ୟରେ ମଧ୍ୟ ଏହା କରିବା ଉଚିତ। ଇଣ୍ଡିମେଣ୍ଟର ସବୁ ଅଂଶୀଦାର ଦଳକୁ ବିଶ୍ୱାସକୁ ନେଇ ଏହା ଲଢ଼ିବା ଉଚିତ। ହରିୟାନା ନିର୍ବାଚନର ପ୍ରଭାବ ଜାତୀୟ ରାଜନୀତିକୁ ନିଶ୍ଚିତ ଭାବେ ପ୍ରଭାବିତ କରିବ। ଚଳିତ ବର୍ଷ ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଏବଂ ଆସନ୍ତା ବର୍ଷ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଦିଲ୍ଲୀ ସୀମାକୁ ହରିୟାନା ଲାଗିଛି। ତେଣୁ ହରିୟାନା ପ୍ରଭାବ ଦିଲ୍ଲୀରେ ନି୍ଚିତ ଭାବେ ପଡ଼ିବ। ଏବେ ବିଜେପି କର୍ମୀଙ୍କ ଆତ୍ମବିଶ୍ୱାସ ଏବଂ ଉତ୍ସାହ ଦ୍ୱିଗୁଣିତ ହୋଇଛି। ମହାରାଷ୍ଟ୍ରରେ ବିଜେପି ଏହାର ସହଯୋଗୀଙ୍କୁ ନେଇ ଅଧିକ ସଙ୍ଗଠିତ ଭାବେ ଲଢ଼ିବ। ଆଉ ଝାଡ଼ଖଣ୍ଡରେ ବିଜେପି ବିଜୟକୁ ଗ୍ୟାରେଣ୍ଟି ବୋଲି ଭାବିବା ଅନୁଚିତ। ନଚେତ ହରିୟାନାରେ କଂଗ୍ରେସର ଅବସ୍ଥା ଯାହା ହେଲା ଝାଡ଼ଖଣ୍ଡରେ ବିଜେପିର ଅବସ୍ଥା ମଧ୍ୟ ତାହା ହେବ। ଦୁଇ ରାଜ୍ୟର ଜନାଦେଶ ସ୍ଥିରତା ଏବଂ ବିକାଶ ସପକ୍ଷରେ ଯାଇଛି। କୃଷକଙ୍କ କାନ୍ଧରେ ବନ୍ଧୁକ ରଖି ଯେଉଁମାନେ ଲଢ଼େଇ କରୁଥିଲେ ସେମାନଙ୍କୁ ଜନତା ପ୍ରତ୍ୟାଖ୍ୟାନ କରିଛନ୍ତି। ଜାତି ଭିତ୍ତିକ ରାଜନୀତିକୁ ଜନତା ନାପସନ୍ଦ କରିଛନ୍ତି। ସବୁ ଦଳ ଏଥିରୁ ଶିକ୍ଷାଲାଭ କରିବା ଉଚିତ।

## ସମ୍ପାଦକଙ୍କୁ ପତ୍ର

### ପନିପରିବା ଚାଷକୁ ପ୍ରୋତ୍ସାହନ ନାହିଁ

*ମହାଶୟ,*

ଗତ ମେ' ମାସରୁ ରାଜ୍ୟରେ ଆଳୁ, ପିଆଜଠାରୁ ଆରମ୍ଭ କରି ସବୁ ପନିପରିବା ଦର ଆକାଶ ଛୁଆଁ ହୋଇଛି। ଦର କମିବାର ନାଁ ଧରୁନି। ଏବେ ପିଆଜ କିଲୋ ୬୦ରୁ ୭୦ ଟଙ୍କା ଏବଂ ଟମାଟୋ କେଜି ୧୦୦ ଟଙ୍କା ହେଲାଣି। ଏହାର କାରଣ ହେଲା ଏସବୁ ସାମଗ୍ରୀ ପାଇଁ ଆମକୁ ପଡ଼ୋଶୀ ବା ବହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଆମ ରାଜ୍ୟରେ ଏହା ଖୁବ କମ ଉତ୍ପାଦନ ହେଉଛି। ଅନ୍ତଃପକ୍ଷେ ଆମ ରାଜ୍ୟରେ ଯଦି ଆବଶ୍ୟକତା ଅନୁଯାୟୀ ଆଳୁ ଓ ପିଆଜ ଉତ୍ପାଦନ ହୋଇପାରନ୍ତା ତେବେ ପରିସ୍ଥିତିରେ ଅନେକ ସୁଧାର ଆସିପାରନ୍ତା। ଏଥିପାଇଁ ସରକାରୀପ୍ରୋତ୍ସାହନ ଏବଂ ବଜାର ବ୍ୟବସ୍ଥା ସହିତ ଶୀତଳ ଭଣ୍ଡାରର ଆବଶ୍ୟକତା ରହିଛି। ଲକ୍ଷ ଲକ୍ଷ ହେକ୍ଟର ଜମି ପଡ଼ିଆ ପଡୁଛି। ଜଳସେଚନର ଅଭାବ ହେତୁ ବର୍ଷକୁ ୮ ମାସ ଜମି ପଡ଼ିଆ ପଡୁଛି। ତେଣୁ ପ୍ରଥମେ ଜଳସେଚନର ପ୍ରସାର, ଦ୍ୱିତୀୟରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ଏବଂ ତୃତୀୟରେ ପନିପରିବା ଚାଷ ଲାଗି ଉପଯୁକ୍ତ ଦିଗଦର୍ଶନ ଏବଂ ପ୍ରୋତ୍ସାହନର ଆବଶ୍ୟକତା ରହିଛି।

ରମେଶ ଚନ୍ଦ୍ର ଖଣ୍ଡୁଆଳ, ଜଗତସିଂହପୁର

# ଅଲୋଡ଼ା ହେଲାଣି ଝରକଲମ



କିଶୋର ଚନ୍ଦ୍ର ବେହେରା

ସମୟ ସହିତ ତାଳ ମେଳେଇ ଚାଲିଛି ଆଧୁନିକ ସଭ୍ୟତାର ମାନବ ସମାଜ। ଭୁଲିଗଲାଣି ଅତୀତର ନିତିଦିନିଆ ବ୍ୟବହୃତ ପାରମ୍ପରିକ ବସ୍ତୁର ଉପଯୋଗୀତାକୁ, ବିଲୁପ୍ତ ହୋଇଗଲାଣି ଜନ ମାନସରୁ ଏବଂ ପାଲଟି ଯିବାକୁ ବସିଲେଣି କିମ୍ବଦନ୍ତୀର ଇତିହାସ। ଅର୍ଦ୍ଧ ଶତାବ୍ଦୀ ପୂର୍ବରୁ ଯାହାର ଚାହିଦା ଥିଲ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଗୁରୁତ୍ୱପୂର୍ଣ୍ଣ ଆଜି ତାହା ନଗଣ୍ୟ ପାଲଟି ଯାଇଛି ସଂପ୍ରତି ସମୟରେ। ପ୍ରାଚୀନ ପ୍ରସ୍ତର ସଭ୍ୟତା ରୁ ଆମେ ଆସି ପହଁଚିଲେଣି ଆଧୁନିକ ସଭ୍ୟତାରେ। ଅନେକ ଦରକାରୀ ଜିନିଷ ନିଶ୍ଚିହ୍ନ ହେବାରେ ଲାଗିଲାଣି ମାନବ ସଭ୍ୟତାରେ। ଯାହାକୁ ଅତୀତରେ ବ୍ୟବହାର କରୁଥିଲେ ଛାତ୍ରଛାତ୍ରୀମାନଙ୍କଠାରୁ ଆରମ୍ଭ କରି ସର୍ବୋଚ୍ଚତମ ନ୍ୟାୟାଳୟର ବିଚାରପତି। ସେହି ଦୁର୍ଲଭ ବସ୍ତୁଟି ହେଉଛି ଆମ୍ଭ ଜୀବନର ଚିରପରିଚିତ 'ଝର କଲମ'। ପୂର୍ବ କାଳରେ ଲୋକମାନେ ଏକ ଟାଣ ଧାତୁ ସାହାଯ୍ୟରେ ତାଳ ପତ୍ରରେ ଲେଖୁଥିଲେ। ଏହା ପରେ ପରେ ମୟୁର ପର ଓ ଦୁଆତରେ ଲେଖିବା ଆରମ୍ଭ କଲେ। ମୟୁର ପର ପରିବର୍ତ୍ତେ କିଛିଦିନ ପରେ ଏକ ଲେଖନୀ ଯେଉଁଥିରେ କିଛି କାଳି ବା ଦୁଆତ ଭରା ଯାଇପାରିବ ତାହା ବ୍ୟବହାର କରାଗଲା। ଏହାକୁ ଫାଉଣ୍ଟେନ ପେନ କୁହାଯାଉଥିଲା। ଏହାପରେ ଆଧୁନିକ ଯୁଗର କଲମର ଉଦ୍ଭାବନ ହେଲା। ୧୭୭୦ ମସିହାରେ ଇଂଲଣ୍ଡ ବିରମିନଗାମ ସାର ଜୋସେପ ପରିସେଟଲି ବଲ ପଏଣ୍ଟ କଲମ ଉଦ୍ଭାବନ କଲେ। ୧୮୮୪ ମସିହାରେ ଆମେରିକାର ୱାଟରମ୍ୟାନ୍ ଝର କଲମ ଉଦ୍ଭାବନ କରିଥିଲେ। ଯାହାର ବ୍ୟବହାର ସାରା ବିଶ୍ୱର ପ୍ରତ୍ୟେକ କୋଣ ଅନୁକୋଣରେ ସମସ୍ତ ବ୍ୟକ୍ତିବିଶେଷଙ୍କ ନିକଟତର ହୋଇଥିଲା।କଲମ କହିଲେ ସାଧାରଣତଃ ଏକ ଲେଖନୀକୁ ବୁଝାଇଥାଏ। ଏହି ଲେଖନୀଦ୍ୱାରା କାଗଜ ବା ସେହିଭଳି କିଛି ଜିନିଷ ଉପରେ ଲେଖିହୁଏ ବା କିଛି ଚିହ୍ନ କରିହୁଏ। ସେହି କଲମ ମୁନରେ ଶିଶୁ ମାନଙ୍କର ସୁନ୍ଦର ହସ୍ତାକ୍ଷର, କବିଙ୍କ କବିତା, ପ୍ରେମିକାର ଚିଠି, ଡାକ୍ତରଙ୍କ ବ୍ୟବସ୍ଥା ପତ୍ର, ରାଜନେତାଙ୍କ ବୈଦେଶିକ ରାଷ୍ଟ୍ର ସହ ଚୁକ୍ତିବଦ୍ଧ, ପ୍ରଶାସକଙ୍କ ନୀତି ନିର୍ଦ୍ଧାରଣ ଓ ବିଚାରପତିଙ୍କ ନ୍ୟାୟ ବ୍ୟବସ୍ଥା କେତେବେଳେ ଗୁରୁତ୍ୱପୂର୍ଣ୍ଣ ପୁଣି କେତେବେଳେ ପରିବର୍ତ୍ତନଶୀଳ। ସେହି କଲମ ସାଧାରଣ ଲୋକଙ୍କୁ ରାଜା କରିଦିଏ ଏବଂ ରାଜାକୁ କାଙ୍ଗାଳ କରି ରାଜରାସ୍ତାରେ ଠିଆ କରାଇ ଦିଏ।

ବିଶ୍ୱରେ କେବଳ ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଅଷ୍ଟ୍ରେଲିଆ, ଭାରତ ଓ ଇଂଲଣ୍ଡ ଭଳି ୬ଟି ରାଷ୍ଟ୍ରରେ ଝର କଲମର ବହୁଳ ମାତ୍ରା ବ୍ୟବହାର ହେଉଥିବାର ଦେଖିବାକୁ ମିଳୁଛି। ଜର୍ମାନୀ ଭଳି ଅଗ୍ରଣୀ ଦେଶରେ ଛାତ୍ରଛାତ୍ରୀମାନେ ପ୍ରାଥମିକ ଶିକ୍ଷାରମ୍ଭ ସମୟରୁ ହିଁ ଝର କଲମର ବ୍ୟବହାର କରିଥାନ୍ତି। ଫ୍ରାନ୍ସର ସମସ୍ତ ସାମାଜିକ ସଂଗଠନ ଝର କଲମ ବହୁଳ ବ୍ୟବହାର ସଂପର୍କରେ ସଚେତନତା ସୃଷ୍ଟି କରିଥାନ୍ତି। ଇଂଲଣ୍ଡର ଯୁବ ଗୋଷ୍ଠୀ ମୋଟା ଝର କଲମର ବ୍ୟବହାର କରିଥାନ୍ତି ବିଭିନ୍ନ ସାମାଜିକ ଓ ଜାତୀୟ ଉତ୍ସବରେ। ସ୍କଟଲାଣ୍ଡ ପ୍ରତ୍ୟେକ ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକରେ ଏହି କଲମକୁ ଛାତ୍ରଛାତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ବ୍ୟବହାର କରିଥାନ୍ତି। ଭାରତୀୟ ସମ୍ବିଧାନର ନ୍ୟାୟିକ ବ୍ୟବସ୍ଥାରେ ଏହାର ମୁଲ୍ୟବୋଧ ଯେତିକି ଗାମ୍ଭିର୍ଯ୍ୟ ସେତିକି ମର୍ମସ୍ପର୍ଶୀ। ଭାରତୀୟ ଆଇନ ବ୍ୟବସ୍ଥାରେ ଫାଶୀ ସବୁଠାରୁ ବଡ଼ ଦଣ୍ଡ ହୋଇଥାଏ। ଜଘନ୍ୟତମ ଅପରାଧ ମାମଲାରେ ହିଁ ଦୋଷୀକୁ ଫାଶୀ ଦଣ୍ଡ ଦେବାର ବ୍ୟବସ୍ଥା ରହିଛି। ପୁନର୍ବାର ଏଭଳି ଅପରାଧ ନ ଘଟୁ, ଏହି ଆଶାରେ ଏଭଳି ମାମଲାରେ ଫାଶୀ ଦଣ୍ଡର ବିଚାରପତି ରାୟ ଲେଖିବା ପରେ ସେହି କଲମର ମୁନ ଭାଙ୍ଗି ଦିଅନ୍ତି। ପୁନଶ୍ଚ ଅନ୍ୟ ଏକ କାରଣ ମଧ୍ୟ କୁହାଯାଏ ଯେ, ଏହି ଦଣ୍ଡାଦେଶ ପରେ ଏକ ବ୍ୟକ୍ତିର ଜୀବନ ଶେଷ ହୋଇଯାଏ, ତେଣୁ ଏହି ଦଣ୍ଡ ଶୁଣାଇବା ପରେ କଲମ ମୁନ ଭାଙ୍ଗି ଦିଆଯାଏ। ଫଳରେ ସେହି କଲମର ଜୀବନ ମଧ୍ୟ ଶେଷ ହୋଇଯାଉ ଓ ପୁନର୍ବାର ସେହି କଲମରେ ଆଉ କିଛି ଲେଖା ନ ଯାଉ। ଏହା ମଧ୍ୟ କୁହାଯାଏ ଯେ, ଯଦି ଫାଶୀ ଦଣ୍ଡାଦେଶ ପରେ କଲମର ମୁନ ଭଙ୍ଗା ସରିଛି, ତେବେ ଏହାପରେ ନିଜେ ସେହି ବିଚାରପତିଙ୍କର ମଧ୍ୟ ଅଧିକାର ନାହିଁ ଦ୍ୱିତୀୟ ଥର ପାଇଁ ସେହି ନିଷ୍ପତ୍ତିକୁ ବଦଳାଇବା କିମ୍ବା ଏଥିପାଇଁ ଭାବିବା। କଲମ ମୁନ ଭଙ୍ଗା ସରିବା ପରେ ସେହି ନିଷ୍ପତ୍ତି ଉପରେ ପୁନଃ ବିଚାର କରାଯାଇ ପାରିବନାହିଁ। ୧୯୯୯ ମସିହା ମଇ ୨୧ ତାରିଖରେ ବଡ଼ ପରଦାରେ ଇ. ଭି. ଭି ସତ୍ୟନାରାୟଣଙ୍କ ନିର୍ଦ୍ଦେଶିତ ହିନ୍ଦି ଚଳଚ୍ଚିତ୍ର 'ସୂର୍ଯ୍ୟବଂଶୀ' ମୁଖ୍ୟ ଭୂମିକାରେ ଅମିତା ବଚନଙ୍କ ଅଭିନୟ ବେଶ୍ ଚର୍ଚ୍ଚିତ। ସେହି ଚଳଚ୍ଚିତ୍ରରେ କଲମର କାଳି ଛିଟିକା ହିଁ ପରିଚିତ କରାଇଦେଇଥିଲା ଉଭୟ ନାତି ଓ ଜେଜେଙ୍କ ରକ୍ତ ସଂପର୍କର ପରିଚୟ।



ପ୍ରତ୍ୟେକ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ମାନଙ୍କରେ ଟାଇପ ମେସିନ ବା ମୁଦ୍ରାକ୍ଷର ଯନ୍ତ୍ର ପୂର୍ବରୁ ସମସ୍ତ ନଥିପତ୍ର ଝର କଲମ ସହାୟତାରେ ପ୍ରତ୍ୟେକ କାର୍ଯ୍ୟ ଅବ୍ୟାହତ ଜାରି ରହିଥିଲା। ଉକ୍ତ ଲେଖାମାନ ସୁନ୍ଦର ହସ୍ତାକ୍ଷର, ଆକର୍ଷଣୀୟ ଲେଖା ଓ ଦିର୍ଘ ଦିନ ଧରି ରହିପାରୁ ଥିଲା। ବ୍ରିଟିଶ ସାମ୍ରାଜ୍ୟକୁ ଭାରତରୁ ହଟାଇବା ପାଇଁ ସ୍ୱାଧୀନତା ସଂଗ୍ରାମୀଙ୍କ ଦ୍ୱାରା ଡକରା ଦିଆଯାଇଥିବା ୧୯୧୯ ମସିହା ଅସହଯୋଗ ଆନ୍ଦୋଳନରେ ବିଦେଶୀ ଦ୍ରବ୍ୟ ବର୍ଜନ ଝର କଲମର ଭୂମିକା ଅନ୍ୟତମ। ଗାନ୍ଧିଜୀଙ୍କ ଅର୍ଥନୈତିକ ଚିନ୍ତନରେ 'ସ୍ୱଦେଶୀ' ଏବଂ 'ଆତ୍ମନିର୍ଭର' ପ୍ରମୁଖ ବିନ୍ଦୁ ଥିଲା। ତାଙ୍କ ଦୃଷ୍ଟିରେ ଜନବହୁଳ ଦେଶରେ ସମସ୍ତଙ୍କୁ ଜୀବିକା ଦରକାର। ତେଣୁ ସେ ଛୋଟ ଉଦ୍ୟମ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସେ ଭିତରେ ଥିଲା ଝର କଲମର ବ୍ୟବହାର ବର୍ଜନ। କାରଣ ସେ ସମୟରେ ଝରକଲମ ଦେଶ ବାହାରେ ନିର୍ମିତ ହୋଇ ଆମଦାନୀ ହେଉଥିଲା। କିନ୍ତୁ 'ପରକଲମ' ଓ 'ଦୁଆତ' (କାଳି ବୋତଲ) ଭାରତରେ ତିଆରି ହେଉଥିଲା। ପରକଲମ ଓ ଦୁଆତର ବ୍ୟବହାର ସ୍ୱଦେଶୀ ଅର୍ଥନୀତିକୁ ସବଳ କରିବା ନେଇ ଗାନ୍ଧିଜୀ ଦୃଢ଼ ନିଶ୍ଚିତ ଥିଲେ। ୧୯୩୨ ମସିହାରେ କେ. ଭି ରତ୍ନମ୍ ନାମକ ଜଣେ ବ୍ୟକ୍ତି ଭାରତୀୟ ଜ୍ଞାନ କୌଶଳ ପଦ୍ଧତିରେ ରାଜମହେନ୍ଦ୍ରୀଠାରେ ସ୍ୱଦେଶୀ ଭାବରେ ତିଆରି କରୁଥିଲେ 'ରତ୍ନମ କଲମ'। ଯେହେତୁ 'ରତ୍ନମ କଲମ' ସ୍ୱଦେଶୀ ଭାବରେ ତିଆରି ହୋଇଥିଲା ସେଥିରୁ ଦୁଇଟି କଲମ ଗାନ୍ଧିଜୀଙ୍କ ନିକଟକୁ ପଠାଯାଇଥିଲା। ଗାନ୍ଧିଜୀ ସ୍ୱଦେଶୀ କଲମ ପାଇବା ପରେ 'ରତ୍ନମ କଲମ'ର ମାଲିକଙ୍କୁ ୧୯୩୫ରେ ଏକ ଚିଠି ଲେଖିଥିଲେ 'ମୁଁ ତମ ଦ୍ୱାରା ପ୍ରସ୍ତୁତ କରାଯାଇଥିବା କଲମ ପାଇଛି, ଯାହା ବିଦେଶୀ ଝର କଲମର ଏକ ବଳିଷ୍ଠ ବିକଳ୍ପ'। ଝର କଲମର ବ୍ୟବହାର ଇତିହାସ ପାଲଟି ଯିବାକୁ ବସିଥିଲା ବେଳେ ଏହା ସଂପ୍ରତି ସମୟରେ ଜନ୍ମଦିନ, ସ୍ୱାଗତ ସମ୍ବର୍ଦ୍ଧନା ଓ ବିଦାୟକାଳୀନ ଉତ୍ସବ ମାନଙ୍କରେ ଉପହାର ସ୍ୱରୂପ ପ୍ରଦାନ କରାଯାଉଛି। ତେଣୁ ସମସ୍ତ ଶିକ୍ଷାନୁଷ୍ଠାନ ଠାରୁ ଆରମ୍ଭ କରି ସରକାରୀ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଝର କଲମର ବହୁଳ ବ୍ୟବହାର ସଂପର୍କରେ ସଚେତନତା ସୃଷ୍ଟି କରାଗଲେ ହଜିଯାଉଥିବା ସଂସ୍କୃତିର ପୁନଃରୁଦ୍ଧାର ହୋଇପାରିବ।

**ଅଧ୍ୟାପକ ରାଜନୀତି ବିଜ୍ଞାନ ବିଭାଗ**
**ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**

# ରାଜନୀତିରେ ମହିଳାଙ୍କ ସ୍ଥାନ କେଉଁଠି ?



ସୁବାସ ଷଡଙ୍ଗୀ

ରାଜନୀତିରେ ମହିଳାଙ୍କ ସ୍ଥାନ କେଉଁଠି? ଏମିତି ଦେଖିବାକୁ ଗଲେ ସାରା ପୃଥିବୀରେ ନେତ୍ରୀ ହିସାବରେ ମହିଙ୍କ ଗ୍ରହଣ ଯୋଗ୍ୟତା କମ। ଦଳର ମତାଦର୍ଶ ଯାହା ହେଉନା କାହିଁକି, ଦଳ ଭିତରେ ନିଜର ଅବସ୍ଥାନକୁ ଜାହିର କରିବା ମହିଳାଙ୍କ ପାଇଁ ଖୁବ କଷ୍ଟସାଧ୍ୟ। ରାଜନୀତି ହେଲା ବାହାର ଜଗତ। ଘରର ମହିଳାମାନେ ଏସବୁ ବିଷୟରେ ମୁଣ୍ଡ ଖେଳେଇବା ଅନୁଚିତ। ବିଭିନ୍ନ ସମୀକ୍ଷାରୁ ଜଣାଯାଇଛି, ଭାରତରେ ପୁରୁଷମାନେ ମହିଳାଙ୍କୁ ହୀନ ଦୃଷ୍ଟିରେ ଦେଖନ୍ତି। ଗ୍ଲୋବାଲ ଜେଣ୍ଡର ଗ୍ୟାପ ରିପୋର୍ଟ ଅନୁଯାୟି ଲିଙ୍ଗ ସମାନତରେ ଭାରତର ସ୍ଥାନ ୧୮୪ଟି ଦେଶ ମଧ୍ୟରେ ୧୨୯। ଏହାର ଏକ ବଡ ଉଦାହରଣ ହେଉଛି ଆଇନ ସଭାରେ ମହିଳାଙ୍କ ପ୍ରତିନିଧିତ୍ୱ ଅତି ଶୋଚନୀୟ। ଆମ ଦେଶରେ ୧୯୫୭ ମସିହାରେ ଦ୍ୱିତୀୟ ସାଧାରଣ ନିର୍ବାଚନ ହୋଇଥିଲା। ସେଥିରେ ମହିଳାଙ୍କ ସଂଖ୍ୟାଥିଲା ମାତ୍ର ତିନି ଶତାଂଶ। ୨୦୨୪ ମସିହା ସାଧାରଣ ନିର୍ବାଚନରେ ତାହା ବଢ଼ି ହୋଇଛି ମାତ୍ର ଦଶ ଶତାଂଶ। ଏବେର ଲୋକସଭା ନିର୍ବାଚନରେ ମହିଳା ସଦସ୍ୟାଙ୍କ ସଂଖ୍ୟା ମାତ୍ର ୭୪। ଶତାଂଶ ହିସାବରେ ୧୩.୬। ୨୦୧୯ ଲୋକସଭା ନିର୍ବାଚନ ତୁଳନାରେ ସାମାନ୍ୟ କମ।

ଅନେକ ଦିନ ଧରି ଲୋକସଭା ନିର୍ବାଚନରେ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ନେଇ ବିତର୍କ ଚାଲିଛି। ଲୋକସଭା ଓ ବିଧାନସଭାରେ ଏକ ତୃତୀୟାଂଶ ଆସନ ମହିଳଶଙ୍କ ପାଇଁ ସଂରକ୍ଷଣ ରହିବ, ଏଇ ମର୍ମରେ ୨୦୨୩ ମସିହାରେ ଏକ ଆଇନ ପାସ ହୋଇଥିଲା। ମାତ୍ର ତାହା କାର୍ଯ୍ୟକାରୀ ହୋଇ ପାରିଲା ନାହିଁ। ଆଗେ ଜନଗଣନା ହେବ, ସେଇ ଅନୁସାରେ ଡିଲିମିଟେସନରେ ଲୋକସଭା ଓ ବିଧାନସଭାର ଆସନ ସଂଖ୍ୟା ପୁନର୍ନିର୍ଦ୍ଧାରିତ ହେବା ପରେ ଯାଇ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ କଥା ଉଠିବ। ପୂର୍ବଥରକ ଯେଉଁ ଡିଲିମିଟେସିନ କମିଶନ ବସିଥିଲା, ତାଙ୍କୁ ରିପୋର୍ଟ ଦେବାକୁ ଲାଗିଥିଲା ପାଞ୍ଚବର୍ଷ। ଏଣୁ ୨୦୨୯ ମସିହା ସାଧାରଣ ନିର୍ବାଚନ ବେଳକୁ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ କଥା ଚିନ୍ତା କରାଯାଇ ନପାରେ।

ଆଉ ଗୋଟାଏ କଥା। ସାଂସଦ ହେଲେ ବି ମହିଳାମାନେ ସଂସଦରେ ମୁହଁ ଖୋଲନ୍ତି ନାହିଁ। ଏମିତି ଯୁକ୍ତି ଅନେକ ନେତା କରନ୍ତି। ନାରୀବାଦୀ ଅର୍ଥନୀତିବିଦ ବୀଣା ଅଗ୍ରୱାଲଙ୍କ ଗବେଷଣା ଅନୁଯାୟି, ଯେଉଁ କେତେଜଣ ମହିଳା ସାଂସଦ ଅଛନ୍ତି, ସେମାନଙ୍କ ମଧ୍ୟରୁ ଖୁବ କମ ମହିଳା ବିଭିନ୍ନ ଆଲୋଚନାରେ ଭାଗ ନିଅନ୍ତି। ସାଧାରଣଭାବେ ଦେଖାଯାଏ, ମହିଳା ବା ଶିଶୁ, ସ୍ୱାସ୍ଥ୍ୟ, ଖାଦ୍ୟ ପ୍ରକ୍ରିୟାକରଣ ଭଳି କମ ଗୁରୁତ୍ୱ ଥବବା ପ୍ରସଙ୍ଗ ଉପରେ ଆଲୋଚନାରେ ଭାଗ ନିଅନ୍ତି। ବଜେଟ ବା ରାଜନୀତି ହେଉଥିବା ନିର୍ବାଚନରେ ଜମା ନୁହେଁ। ଲୋକସଭାର ବିଭିନ୍ନ ପ୍ରଶ୍ନ ଉପରେ ଗବେଷଣା କରୁଥିବା ସଦିୟ ହୁସେନଙ୍କ ମତ ହେଲା, ବିଦେଶ ନୀତି, ସ୍ୱରାଷ୍ଟ୍ର ବା ରେଳ ବିଭାଗର ଆଲୋଚନାରେ କମ ମହିଳା ସାଂସଦ ଭାଗ ନିଅନ୍ତି। ବେଶୀ ଭାଗ ନିଅନ୍ତି, ମହିଳାଙ୍କ ସମ୍ପର୍କରେ ହେଉଥିବା ଆଲେଚନାରେ।

ତାଙ୍କ ମତରେ ୧୯୬୦-୬୧ ବେଳକୁ ଯେଉଁ ମହିଳା ସାଂସଦ ଥିଲେ, ସେମାନେ କିନ୍ତୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ହେଉଥିବା ଆଲୋଚନାରେ ଭାଗ ନେଉଥିଲେ। ତଥାପି ସେମାନଙ୍କ ଅଧିକ କହିବାକୁ ସୁଯୋଗ ଦିଆଯାଉ ନଥିଲା। ରାଜନୈତିକ ଦଳଗୁଡିକର ବଡ ନେତାମାନେ ସେମାନଙ୍କୁ କହିବାକୁ ସୁଯୋଗ ଦେଉନଥିଲେ। ଜାତୀୟ ରାଜନୀତିରେ ଯେଉଁ କେତେଜର ମହିଳା, ନିଜର ଆଧିପତ୍ୟ ଜାହିର କରିବାକୁ ସକ୍ଷମ ହୋଇଥିଲେ, ସେମାନେ ସଭିଏର୍ ପାରିବାରିକ ରାଜନୀତିରୁ ଆସିଥିଲେ। ଅଥବା ସେମାନଙ୍କ ସ୍ୱାମୀମାନେ ଜାତୀୟ ରାଜନୀତିରେ ବେଶ ସକ୍ରିୟ ଥିଲେ, ସେଥିପାଇଁ ଏଇ ମହିଳା ସାଂସଦଙ୍କୁ ଆଲୋଚନାରେ ଗୁରୁତ୍ୱ ଦିଆଯାଉଥିଲା।

ଗବେଷକମାନଙ୍କର ମତ ହେଉଛି, କେବଳ ଆସନ ସଂରକ୍ଷଣ କରିଦେଲେ ଯେ ମହିଳାମାନେ ଉପଯୁକ୍ତ ନେତୃତ୍ୱ ପାଇଯିବେ, ଏପରି ଭାବିବା ଭୁଲ। ଏବେ ସମ୍ଭ୍ରାନ୍ତ ବଂଶର ମହିମାନେ ରାଜନୀତି କରୁଛନ୍ତି। ମହିଳାଙ୍କ ପାଇନ୍ତି।ର୍ ଆସନ ସଂରକ୍ଷଣ ବବଲଟି ସମାଜବାଦୀ ଓ ଆରଜେଡିର ବିରୋଧ ଯୋଗୁଁ ଗଅହୀତ ହୋଇ ପାରି ନଥିଲା। ସେମାନଙ୍କ ଯୁକ୍ତି ଥିଲା, ସଂରକ୍ଷଣର ପୁରା ସୁବିଧା କେବଳ ଉଚ୍ଚବର୍ଣ୍ଣର ମହିଳାମାନେ ପାଇବେ। ୧୯୫୨ ମସିହାରୁ ଆଜି ପର୍ଯ୍ୟନ୍ତି ହୋଇଥିବା ନିର୍ବାଚନରେ ମାତ୍ର କୋଡିଏ ଜଣ ମୁସଲିମ ମହିଳା ସାଂସଦ ହେବାକୁ ସକ୍ଷମ ହୋଇପାରିଛନ୍ତି।ଏଣୁ ସେମାନଙ୍କ ପାଇର୍ ସୁଯୋଗ ସୃଷ୍ଟି କରାଯିବା ଦରକାର।

ଏତେ ସଂଘର୍ଷ ପରେ ଯେଉଁମାନେ ସାଂସଦ ହୋଇ ପାରିଛନ୍ତି, ସେମାନଙ୍କର ଅଭିଜ୍ଞତା କଣ? ୩୯ଯି ଦେଶର ୫୫ ଜର ମହିଳା ସାଂସଦମାନଙ୍କୁ ଗୋଯିଏ ସମ୍ବାଦ ସରବରାହ ସଂସ୍ଥା ପକ୍ଷରୁ କିଚି ପ୍ରଶ୍ନ ପଚରାଯାଇଥିଲା। ୨୦୧୬ ରେ ପ୍ରକାଶିତ ରିପୋର୍ଟ ଅନୁଯାୟି ଶତକହ ୮୨ ଭାଗ ମହିଳା, ଅଭିଯୋଗ କରିଥିଲେ ଯେ ସେମାନଙ୍କୁ ମାନସିକ ଯନ୍ତ୍ରଣା ଦିଆଯାଏ। ଶତକଡା ୨୨ ଭାଗ ମହିଳା ଯୌନ ନିର୍ଯ୍ୟାତନା କଥା ମଧ୍ୟ କହିଥିଲେ। ଅବଶ୍ୟ ଏହା ସାରା ବିଶ୍ୱର କଥା। ଏପରି ଅବସ୍ଥାରେ ଯେଉଁ ମହିମାନେ ସାଂସଦ ହେବେ, ସେମାନଙ୍କ କଥା କଣ କହିବା?



ବର୍ତ୍ତମାନର ରାଜନୈତିକ ଅବାସ୍ଥା ଯାହା ମହିଳାଙ୍କ ପାଇଁ ଆସନ ସଂରକ୍ଷଣ ବ୍ୟବସ୍ଥା ୨୦୩୪ ନିର୍ବାଚନ ବେଳକୁ ଲାଗୁ ହୋଇପାରେ। ସେତେବେଳକୁ ରାଜନୀତିର ଗତି କୁଆଡେ କିଏ ସେକଥା କହିବ? ଆମ ଓଡ଼ିଶାରେ ନବୀନ ପଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ମହିମାନଙ୍କୁ ଗୁରୁତ୍ୱ ଦେଇଥିଲା। ୨୦୧୯ ନିର୍ବାଚନରେ ତେତି ଭାଗ ମହିଳା ପ୍ରାର୍ଥୀ ଦେଇଥିଲା। ସଫଳତା ପାଇଥିଲା। କିନ୍ତୁ ତାହା ରହି ପାରିଲା ନାହିଁ। ୨୦୨୪ ନିର୍ବାଚନରେ ପୁରା ଧୋଇ ହୋଇଗଲା। ଏବେ ବିଜେପି ସରକାର ଜଣେ ମହିଳାଙ୍କୁ ଉପମୁଖ୍ୟମନ୍ତ୍ରୀ କରି ଦର୍ଶାଇବାକୁ ଚାହେଁ ଯେ ବିଜେପି ମଧ୍ୟ ମହିଳାଙ୍କୁ ଉପଯୁକ୍ତ ଗୁରୁତ୍ୱ ଦିଏ। ମାତ୍ର ଶେଷ ପର୍ଯ୍ୟନ୍ତି କଣ ହେଉଛି ଦେଖାଯାଉ।

**ମୋବାଇଲ୍: ୯୪୩୯୬୫୨୩୨୨**

# ଭାଇରାଲ ପାଇଁ ସମାଜସେବୀ



ଦିପ୍ତିମୟୀ ନାୟକ

ଆଜିର ଦୁନିଆରେ ଯିଏ ପ୍ରକୃତ ସମାଜସେବା କରୁଛି ସେ ଗଣମାଧ୍ୟମ ଆଗରେ ନିଜର ପ୍ରତିକ୍ରିୟା ଦେବାକୁ ସମୟ ପାଉନି କିନ୍ତୁ ଭାଇରାଲ ହେବା ନିଶାରେ ଯେଉଁମାନେ ନିଜକୁ ସମାଜସେବୀ କହୁଛନ୍ତି ସେମାନଙ୍କ ଠାରେ ସମାଜସେବୀଙ୍କର କୌଣସି ଲକ୍ଷଣ ପରିଲକ୍ଷିତ ହେଉନାହିଁ। ଆଗରୁ ଆପଣମାନେ ସଂଘର୍ଷମୟ ସମାଜସେବୀଙ୍କ ବିଷୟରେ ଶୁଣିଥିବେ କିନ୍ତୁ ଏବେ ଭାଇରାଲ ହେବାପାଇଁ ସମାଜସେବୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାର ଦେଖୁଥିବେ। ଯିଏ ସେବା କରୁଛନ୍ତି ସେମାନେ କହିପାରୁନାହାନ୍ତି ଆମେ ସମାଜସେବୀ କିନ୍ତୁ ଯିଏ ସେବା କରୁନାହିଁ ସେ କହୁଛି ମୁଁ ସମାଜସେବୀ। ଯେଉଁମାନେ ସମାଜସେବା କରନ୍ତି ସେମାନଙ୍କୁ ଖୁବ କମ ଲୋକ ଜାଣନ୍ତି ଆଉ ଯେଉଁମାନେ ସେବା କରନ୍ତିନି କ୍ୟାମେରା ଆଗରେ ବଡ଼ ବଡ଼ ଭାଷଣ ମାରନ୍ତି ସେମାନେ ହେଲେ ଆଜିର ଦୁନିଆର ଶ୍ରେଷ୍ଠ ସମାଜସେବୀ। ତେବେ ଏମାନଙ୍କୁ ଲୋକେ କୁହନ୍ତିନି ଏମାନେ ସମାଜସେବୀ। ଏମାନେ ନିଜେ ନିଜେ କ୍ୟାମେରା ଆଗରେ ନିଜକୁ ନିଜେ ସମାଜସେବୀ ବୋଲି କହିଥାଆନ୍ତି। ଆପଣ ଦେଖିଥିବେ ସମାଜସେବୀଙ୍କ ମନରେ ଗର୍ବ ରୁହେନି କିନ୍ତୁ ଭାଇରାଲ ସମାଜସେବୀଙ୍କ ମନରେ ଆତ୍ମଗର୍ବ, ହିଂସାତ୍ମକ ଭାବ, ରାଗ ଭରପୁର ରହିଛି। ହୁଏତ ତରକାରୀ ଗରମ ହେଲେ ଖାଇ ହେଇଯିବ କିନ୍ତୁ ଏମାନଙ୍କ ଗରମ ଦେଖିଲେ ସତେ ଯେମିତି ଭୁବନେଶ୍ୱରର ରାଜରାସ୍ତାଟା ରକ୍ତାକ୍ତ ହୋଇଯିବ। ସମାଜସେବୀ ହେବା କୌଣସି ସହଜ କଥା ନୁହେଁ ସର୍ବପ୍ରଥମେ ଏଭଳି ସମାଜସେବୀ ବୁଝିବା ଉଚିତ। ଯଦି ଗୋଟେ ସମାଜସେବୀ ଭିତରେ ଶାଳୀନତା ଭାବ ରୁହେନି ସେ କିଭଳି ସମାଜସେବୀ। ଏମାନଙ୍କୁ ସମାଜସେବୀ କହିଲେ ଭୁଲ ହେବ ଏମାନେ ସମାଜ ପାଇଁ କଳଙ୍କ। କେବଳ ନିଜକୁ ସମାଜସେବୀ କହିଲେ ହେବନି ସମାଜସେବା କରିକି ଦେଖାନ୍ତୁ ନିଜ ଭିତରେ ସରଳତା ଭାବ ରଖନ୍ତୁ। ଆପଣଙ୍କୁ ମଧ୍ୟ ଅନ୍ୟ ଆଗରେ ଚିଲେଇକି କହିବାକୁ ପଡିବନି ଆପଣ ସମାଜସେବୀ ଅନ୍ୟମାନେ ଆପଣଙ୍କୁ ଦେଖୁ ଦେଖୁ କହିଦେବେ ଆପଣ ସମାଜସେବୀ। ସମାଜସେବୀ ନିଜେ ମାଡ ଖାଇଲେ ଗାଲ ଦେଖେଇଦେବେ କିନ୍ତୁ ଅନ୍ୟକୁ ମାଡ ଦେବା କଥା କେବେବି ଚିନ୍ତା କରିବେନି କାରଣ ସେମାନେ ଜାଣନ୍ତି ରାଗକୁ ରାଗରେ ଶୁଝେଇଲେ ସମାଜର କୌଣସି ଉପକାର ହୁଏନି ବରଂ ସମାଜ ପାଇଁ ବିପଦ ମାଡି ଆସିଥାଏ। ସମାଜସେବୀ ସମାଜସେବା କରି ଅନ୍ୟ ମାନଙ୍କର ପ୍ରେରଣାର ଉତ୍ସ ହୋଇଥାନ୍ତି କିନ୍ତୁ ଏପରି ଉତ୍ପାତ ହୋଇନଥାନ୍ତି। ଯାହା ବିଗତ କିଛି ଦିନ ହେବ ଦେଖିବାକୁ ମିଳୁଛି ଏବଂ ଏଥିପାଇଁ ପ୍ରକୃତ ସମାଜସେବୀଙ୍କ ମନରେ ଏକ ଶକ୍ତ ଆଘାତ ଲାଗିଛି। ଯାହାର ଏତେ ହିଂସାତ୍ମକ ଭାବ ଅଛି ସେ କିପରି ଅନ୍ୟର ସେବା କରିବ ଏହା ସାଧାରଣରେ ଚର୍ଚ୍ଚା ମଧ୍ୟ ହେଉଛି। ପୋଲିସ ପ୍ରଶାସନ କାହିଁକି ଏମାନଙ୍କୁ ହାଜତରେ ଭର୍ତ୍ତି କରୁ ନାହାଁନ୍ତି କଣ ପାଇଁ ଏମାନଙ୍କ ଉତ୍ପାତର ଚରମ ସୀମା ଟପିଛି। କାହିଁକି ଏମିତି ହାତାହାତି ହେଉଛନ୍ତି ଯଦି ପୁଅ ପିଲା ହାତାହାତି ହୁଅନ୍ତି ତେବେ ସେମାନଙ୍କ ପାଇଁ ଜେଲର କାଳ କୋଠରୀ ଖୋଲାଥାଏ କିନ୍ତୁ ଏଭଳି ଉଦଣ୍ଡି ମହିଳାଙ୍କ ବିରୋଧରେ କାହିଁକି ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉନି ତାହାକୁ ନେଇ ଜନସାଧାରଣଙ୍କ ମନରେ ଉଦେବେଗ ପ୍ରକାଶ ପାଇଛି। ସମାଜସେବୀ ମୁହଁରେ ମଧୁର ବଚନ ଥାଏ କିନ୍ତୁ ଏମାନଙ୍କ ମୁହଁରୁ ଏତେ ଅସଭ୍ୟ ଭାଷା ଶୁଣିବାପରେ ଏମିତି ଲାଗୁଛି ଯେମିତି ସମାଜସେବୀଙ୍କ ନାଁରେ ଗୋଟେ ଗୋଟେ କଳଙ୍କ ଦେଖିବାକୁ ମିଳୁଛି। ସମାଜସେବୀଙ୍କୁ ମଧ୍ୟ ଅନୁରୋଧ ଯେଉଁମାନେ ନିଜକୁ ସମାଜସେବୀ କହି ନିଜ ଭିତରେ ଏତେ ହିଂସାତ୍ମକ ଭାବ ରଖିଛନ୍ତି ସେମାନଙ୍କ ବିରୋଧରେ ସ୍ୱର ଉଠାନ୍ତୁ। ଏମିତି ଅସଭ୍ୟ ସମାଜସେବୀଙ୍କ ବିରୋଧରେ ଦୃଢକାର୍ଯ୍ୟାନୁଷ୍ଠାନ ହେବାପାଇଁ ପ୍ରଶାସନକୁ ଅନୁରୋଧ କରନ୍ତୁ। ଆଇନ ସମସ୍ତଙ୍କ ପାଇଁ ଯଦି ସମାନ ତେବେ ନିଜକୁ ସମାଜସେବୀ କହି ଆଇନକୁ ହାତ ମୁଠାକୁ ଆଣୁଥିବା ସମାଜସେବୀଙ୍କୁ ମଧ୍ୟ ଦଣ୍ଡ ମିଳିବା ଉଚିତ।

**ଅନ୍ଧାରୁଆ, ଭୁବନେଶ୍ୱର**
**ମୋବାଇଲ୍: ୯୦୯୦୬୬୧୫୮୬**

# ଦୁଇ ସ୍ୱାଧୀନ ବିଧାୟକ ବିଜେପିରେ ସାମିଲ





**ନୂଆଦିଲ୍ଲୀ, ୯।୧୦:** ହରିୟାନାରେ ଅପ୍ରତ୍ୟାଶିତ ବିଜୟ ହାସଲ କରିଥିବା ବିଜେପିରେ ନବନିର୍ବାଚିତ ଦୁଇ ସ୍ୱାଧୀନ ବିଧାୟକ ସାମିଲ ହୋଇଛନ୍ତି। ଏହା ଫଳରେ ୯୦ ଆସନ ବିଶିଷ୍ଟ ହରିୟାନା ବିଧାନସଭାରେ ବିଜେପିର ସଦସ୍ୟଙ୍କ ସଂଖ୍ୟା ୫୦କୁ ବୃଦ୍ଧି ପାଇଛି। ଏହା ବ୍ୟତିତ ସ୍ୱାଧୀନ ଭାବେ ଲଢ଼ି ବିଧାନସଭାକୁ ନିର୍ବାଚିତ ହୋଇଥିବା ସାବିତ୍ରୀ ଜିନ୍ଦଲ ମଧ୍ୟ ବିଜେପିକୁ ସମର୍ଥନ ଦେବା ସଙ୍କେତ ଦେଇଛନ୍ତି।

ବୁଧବାର ହରିୟାନାର ଦୁଇ ସ୍ୱାଧୀନ ବିଧାୟକ ଦେବେନ୍ଦ୍ର କାଦ୍ୟାନ ଓ ରାଜେଶ ଜୁନ ହରିୟାନା ଦାୟିତ୍ୱରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ତାଙ୍କ ବାସଭବନରେ ଭେଟି ବିଜେପିରେ ସାମିଲ ହୋଇଛନ୍ତି। ଏହି ସମୟରେ ବିଜେପି ରାଜ୍ୟ ସଭାପତି ମୋହନ ଲାଲ ବାଦୋଲି ମଧ୍ୟ ଉପସ୍ଥିତ ଥିଲେ। କାଦ୍ୟାନ ବିଜେପି ଟିକେଟ ନପାଇ ବିଦ୍ରୋହୀ ପ୍ରାର୍ଥୀ ଭାବେ ସ୍ୱାଧୀନ ଭାବେ ଲଢ଼ିଥିଲେ ଏବଂ ନିର୍ବାଚନରେ ବିଜୟୀ ହୋଇଥିଲେ। ଧର୍ମେନ୍ଦ୍ର ପ୍ରଧାନ ସେମାନଙ୍କୁ ସ୍ୱାଗତ କରିଛନ୍ତି ଏବଂ ଏହା ହରିୟାନାର ବିକାଶରେ ବିଜେପିକୁ ଆହୁରି ସୁଦୃଢ଼ ଏବଂ ବ୍ୟକ୍ତ କରିବ ବୋଲି ଆଶା ବ୍ୟକ୍ତ କରିଛନ୍ତି।

ହରିୟାନା ବିଧାନସଭା ନିର୍ବାଚନରେ ବିଜେପି ବିଜୟୀ ହେବା ପରେ ମୁଖ୍ୟମନ୍ତ୍ରୀ ନାୟବ ସିଂହ ସାଇନି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ତାଙ୍କର ଆଶୀର୍ବାଦ ଲୋଡ଼ିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ନିର୍ବାଚନୀ ସଫଳତା ନିମନ୍ତେ ବଧାଇ ଜଣାଇଛନ୍ତି। ଶୀଘ୍ର ବିଜେପି ବିଧାୟକ ଦଳର ବୈଠକ ବସି ନେତା ନିର୍ବାଚନ କରାଯିବ। ଯାହା ସୂଚନା ମିଳିଛି ନାୟବ ସିଂହ ସାଇନି ପୁନର୍ବାର ରାଜ୍ୟ ମୁଖ୍ୟମନ୍ତ୍ରୀ ହେବେ।

ଦଳୀୟ ସୂତ୍ର ମୁତାବକ ଦଶହରା ଦିନ ଶପଥ ନେବେ ହରିୟାନାର ମୁଖ୍ୟମନ୍ତ୍ରୀ। ତାଙ୍କ ସହ ମନ୍ତ୍ରୀମାନଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ରଖାଯାଇଛି। ଏହା ପୂର୍ବରୁ ବିଜେପି ବିଧାୟକ ଦଳ ବୈଠକରେ ବିଧାୟକ ଦଳ ନେତା ଚୟନ କରାଯିବ। ଏମିତିରେ ପାର୍ଟି ହାଇକମାଣ୍ଡଙ୍କ ପକ୍ଷରୁ ନାୟବ ସିଂହ ସୈନିଙ୍କୁ ମୁଖ୍ୟମନ୍ତ୍ରୀ କରାଯିବା ନେଇ ଗ୍ରୀନ ସିଗ୍ନାଲ ମିଳି ସାରିଛି। କିନ୍ତୁ ପ୍ରକ୍ରିୟା ଅନୁସାରେ ପୁଣି ଥରେ ବିଧାୟକ ଦଳ ନେତା ଚୟନ କରାଯିବ। ସେପଟେ ନୂଆ ସରକାରର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ପାଇଁ ଆରମ୍ଭ ହୋଇଗଲାଣି ରେସ୍। ନିର୍ବାଚନ ଫଳାଫଳ ଆସିବା ପରେ କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ଦିଲ୍ଲୀ ବାସଭବନରେ ଅନେକ ନେତାଙ୍କ ଭିଡ଼ ଜମିଛି। ବିଜେପି ନିର୍ବାଚନ ପ୍ରଭାରୀ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସହ ପ୍ରଭାରୀ ବିପ୍ଲବ ଦେବ ମନୋହର ଲାଲଙ୍କ ସହିତ ବସି ପ୍ରସ୍ତୁତ କରିଛନ୍ତି ରଣନୀତି। ଏହି ବୈଠକରେ

## ସାଇନି ମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିବେ

କିଏ ହେବ ମନ୍ତ୍ରୀ, ତାକୁ ନେଇ ଆଲୋଚନା ହୋଇଛି। ଏଥିସହ ଅନ୍ୟାନ୍ୟ ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିଛନ୍ତି ବିଜେପି ନେତା।

ନୂତନ ସରକାରରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଦୁଇ ଉପମୁଖ୍ୟମନ୍ତ୍ରୀ ରହିପାରନ୍ତି। ବରିଷ୍ଠତା ଆଧାରରେ ପୂର୍ବତନ ଗୃହ ସଚିବ ଅନିଲ ବିଜ ଓ ଜଣେ ବ୍ରାହ୍ମଣ ସମ୍ପ୍ରଦାୟର ବିଧାୟକଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇପାରେ। ବିଜେପି ହାଇକମାଣ୍ଡ ଅନିଲ ବିଜଙ୍କ ପରି ବରିଷ୍ଠ ନେତାଙ୍କୁ ଉଚିତ୍ ସମ୍ମାନ ଦେବାକୁ ଚାହୁଁଛନ୍ତି। ତେବେ ଅନିଲ ବିଜ୍ ମୁଖ୍ୟମନ୍ତ୍ରୀ ହେବାକୁ ନେଇ ବହୁ ଥର ଇଚ୍ଛା ପ୍ରକାଶ କରିସାରିଛନ୍ତି। ତେଣୁ ତାଙ୍କୁ ସନ୍ତୁଷ୍ଟ କରିବାକୁ ବିଜେପି ତାଙ୍କ ଉପମୁଖ୍ୟମନ୍ତ୍ରୀ କରିପାରେ।

# ହରିୟାନା ପରାଜୟ ନେଇ ସହଯୋଗୀ ଅସନ୍ତୁଷ୍ଟ



**ମୁମ୍ବାଇ, ୯।୧୦:** ହରିୟାନା ବିଧାନସଭା ନିର୍ବାଚନରେ କଂଗ୍ରେସର ପରାଜୟ ନେଇ ଇଣ୍ଡି ମେଣ୍ଟର ଅନ୍ୟ ଅଂଶୀଦାର ଦଳମାନେ ନୈରାଶ୍ୟ ବ୍ୟକ୍ତ କରିଛନ୍ତି। ନିର୍ବାଚନ ପରିଚାଳନାରେ କଂଗ୍ରେସର ବିଫଳତାକୁ ସେମାନେ ଏଥିଲାଗି ଦାୟୀ କରିଛନ୍ତି। ହରିୟାନରେ ରାହୁଲ ଓ କେଜରିୱାଲ ଆସନ ବୁଝାମଣା ଲାଗି ଏକାଠି ହୋଇଥିଲେ। କିନ୍ତୁ କୟଭୂପିନ୍ଦର ସିଂହ ହୁଡାଙ୍କ ଭଳି କିଛି ରାଜ୍ୟ ସ୍ତରର ନେତାଙ୍କ ବିରୋଧ ଯୋଗୁ ତାହା ସମ୍ଭବ ହୋଇପାରିଲା ନାହିଁ। ହରିୟାନରେ ଆପ ଓ କଂଗ୍ରେସ ମଧ୍ୟରେ ଆସନ ବୁଝାମଣା ହୋଇଥିଲେ ଫଳାଫଳ ଭିନ୍ନ ହୋଇଥାଆନ୍ତା ବୋଲି ଶିବସେନା ପକ୍ଷରୁ କୁହାଯାଇଛି। ଶିବସେନାର ମୁଖପତ୍ର ସାମାନାରେ କୁହାଯାଇଛି ଯେ, କଂଗ୍ରେସର ରାଜ୍ୟ ସ୍ତରର ନେତାଙ୍କ ଅହଙ୍କାର, ଅତ୍ୟଧିକ ଆତ୍ମବିଶ୍ୱାସ ଏବଂ ଅସନ୍ତୁଷ୍ଟ ନେତାଙ୍କୁ ମନାଇବାରେ ବିଫଳତା କଂଗ୍ରେସ ପାଇଁ ମହଙ୍ଗା ପଡ଼ିଲା ବୋଲି ଶିବସେନା ପକ୍ଷରୁ କୁହାଯାଇଛି। ସହଯୋଗୀ ଏନସିପି ମଧ୍ୟ ସମାନ ମତ ପୋଷଣ କରିଛି। ଉଲ୍ଲେଖ ଯୋଗ୍ୟ ଯେ, ଆସନ୍ତା ମାସ ଦ୍ୱିତୀୟାର୍ଦ୍ଧରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ମହାରାଷ୍ଟ୍ର ପ୍ରଦେଶ କଂଗ୍ରେସ ସଭାପତି ନାନା ପାଟୋଲ କହିଛନ୍ତି ଯେ, ମହାରାଷ୍ଟ୍ର ଓ ହରିୟାନା ରାଜନୀତିରେ ଆକାଶ ପାତାଳ ପ୍ରଭେଦ ରହିଛି। ହରିୟାନା ନିର୍ବାଚନ ଫଳାଫଳର ପ୍ରଭାବ ମହାରାଷ୍ଟ୍ରରେ ପଡ଼ିବ ନାହିଁ।

## ଆସନ ବୁଝାମଣାରେ ବିଫଳତାକୁ ଦାୟୀ କଲା ଶିବସେନା



ରାଷ୍ଟ୍ରପତିଙ୍କୁ ଭେଟିଲେ ସାଇନି

# ହରିୟାଣା ଝଟକା: କଂଗ୍ରେସ ସହ ଦିଲ୍ଲୀରେ ମେଣ୍ଟ କରିବନି ଆପ୍



**ନୂଆଦିଲ୍ଲୀ, ୯।୧୦:** ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏକାକୀ ଲଢ଼ିବ କ୍ଷମତାସୀନ ଆପ୍। ଅରବିନ୍ଦ କେଜ୍ରିୱାଲଙ୍କ ଆପ୍ ଇଣ୍ଡିଆ ମେଣ୍ଟର ସଦସ୍ୟ। ଏଥିସହ କଂଗ୍ରେସ ସହ ମେଣ୍ଟ କରି ଆପ୍ ଦିଲ୍ଲୀରେ ଲୋକସଭା ନିର୍ବାଚନ ଲଢ଼ିଥିଲା। ହେଲେ ହରିୟାଣାରେ ଉଭୟ କଂଗ୍ରେସ ଓ ଆପ୍‌କୁ ଝଟକା ଲାଗିଛି। କଂଗ୍ରେସ ବିଜୟ ସୁଯୋଗ ହାତ ଛଡ଼ା କରିଥିବା ବେଳେ ଆପ୍ ଖାତା ଖୋଲିବାକୁ ସକ୍ଷମ ହୋଇନାହିଁ। ହରିୟାଣାରେ ଦୁଇ ଦଳ ଏକାଠି ନିର୍ବାଚନ ଲଢ଼ିବାକୁ ଆଗ୍ରହ ଦେଖାଇଥିଲେ ହେଁ ସିଟ ଶେୟାରିଂ ଫର୍ମୁଲା ଚୂଡ଼ାନ୍ତ ନ ହେବାରୁ ଉଭୟ ଅଲଗା ଅଲଗା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

ହରିୟାଣା ନିର୍ବାଚନ ଶେଷ ହେବା ପରେ ଏବେ ସମସ୍ତଙ୍କ ନଜର ଦିଲ୍ଲୀ ଉପରକୁ ଆସିଛି। ଦିଲ୍ଲୀରେ କ'ଣ ଆପ୍ ଓ କଂଗ୍ରେସ ମେଣ୍ଟ କରିବେ କି? ଏହି ପ୍ରଶ୍ନର ଉତ୍ତର ଆପ୍ ପକ୍ଷରୁ ଦିଆଯାଇଛି ଓ କଂଗ୍ରେସ ସହ ଦିଲ୍ଲୀରେ ଦଳ ମେଣ୍ଟ କରିବ ନାହିଁ ବୋଲି ସ୍ପଷ୍ଟ କରିଛି। ଆପ୍ ମୁଖପାତ୍ର ପ୍ରିୟଙ୍କା କାକ୍କର ହରିୟାଣାରେ କଂଗ୍ରେସ ଅତ୍ୟଧିକ ଆତ୍ମବିଶ୍ୱାସ ପାଇଁ ହାରିଥିବା ମଧ୍ୟ କହିଛନ୍ତି। ସେ କହିଛନ୍ତି, "ଆପ୍ ଦିଲ୍ଲୀରେ କଂଗ୍ରେସ ସହ କୌଣସି ମେଣ୍ଟ କରିବ ନାହିଁ। ହରିୟାଣାରେ ଆପ ଓ ସମାଜବାଦୀ ପାର୍ଟିକୁ କଂଗ୍ରେସ ସିଟ ଛାଡ଼ି ନଥିଲା। ଲୋକସଭା ବେଳେ ଉତ୍ତର ପ୍ରଦେଶ ଓ ଦିଲ୍ଲୀରେ ଦୁଇ ଦଳ କଂଗ୍ରେସକୁ ଅଧିକ ଆସନ ଛାଡ଼ିଥିଲେ। ତଥାପି ହରିୟାଣାରେ କଂଗ୍ରେସ ସିଟ ଛାଡ଼ିବାକୁ ରାଜି ହୋଇ ନଥିଲା। ଦଳ ବିଜୟ ନେଇ ଅଧିକ ଆତ୍ମବିଶ୍ୱାସ ଦେଖାଇଥିଲେ। ତେଣୁ ଦଳକୁ ଏବେ ହାରିବାକୁ ପଡ଼ିଛି।"

ଆସନ୍ତାବର୍ଷ ଫେବୃଆରୀରେ ଦିଲ୍ଲୀରେ ବିଧାନସଭା ନିର୍ବାଚନ ହେବ। ଆପ୍ କ୍ରମାଗତ ତୃତୀୟ ଥର ପାଇଁ ଦିଲ୍ଲୀରେ କ୍ଷମତା ଦଖଲ ମୁଡରେ ରହିଛି। ମଙ୍ଗଳବାର ହରିୟାଣା ରେଜଲ୍ଟ ବାହାରିବା ପରେ ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ କଂଗ୍ରେସକୁ ପରୋକ୍ଷରେ କଟାକ୍ଷ କରିଥିଲେ। ସେ ଆପ୍ କାଉନସିଲରଙ୍କୁ ସମ୍ବୋଧନ କରୁଥିବା ବେଳେ କହିଥିଲେ ଯେ "ଗୋଟିଏ କଥା ସ୍ପଷ୍ଟ ହୋଇଛି। ସବୁଠାରୁ ବଡ଼ ଶିକ୍ଷା ହେଲା ନିର୍ବାଚନରେ ଜଣେ କେବେ ହେଲେ ହିଁ ଅତ୍ୟଧିକ ଆତ୍ମବିଶ୍ୱାସ ଦେଖାଇବା କଥା ନୁହେଁ।"

# ହରିୟାନା ବିଜୟ ନେଇ କଂଗ୍ରେସକୁ ଧୋଇଲେ ମୋଦୀ



**ନୂଆଦିଲ୍ଲୀ, ୯।୧୦:** ହରିୟାନା ବିଧାନସଭାରେ ବିଜେପିର ଅପ୍ରତ୍ୟାଶିତ ତଥା ଐତିହାସିକ ହ୍ୟାଟ୍ରିକ ବିଜୟ ପରେ କଂଗ୍ରେସ ଉପରେ ନିଜର ଆକ୍ରମଣକୁ ଆହୁରି ଜୋରଦାର କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କଂଗ୍ରେସ ଲୋକଙ୍କୁ ବିଭ୍ରାନ୍ତ କରୁଛି ଓ ଦଳିତ ସଂପ୍ରଦାୟ ମଧ୍ୟରେ ମିଥ୍ୟାର ପ୍ରଚାର କରୁଛି ବୋଲି ମୋଦି କହିଛନ୍ତି। ନାଗପୁରବାସୀଙ୍କୁ ଭିଡିଓ କନଫରେନ୍ସିଂ ଜରିଆରେ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ମୋଦି ଆହୁରି କହିଛନ୍ତି ଯେ "କଂଗ୍ରେସ ଓ ଅର୍ବାନ ନକ୍ସଲ ମେଣ୍ଟର ଘୃଣାର ଷଡ଼ଯନ୍ତ୍ରରେ ହରିୟାନାର ଲୋକମାନେ ଫସିବେ ନାହିଁ ବୋଲି ପ୍ରମାଣିତ କରି ଦେଖାଇଛନ୍ତି।" ହରିୟାନାର ବିଧାନସଭାର ୯୦ଟି ଆସନରୁ କଂଗ୍ରେସ ୩୭ଟି ଜିତିଥିବା ବେଳେ ବିଜେପି ଏକାକୀ ୪୮ଟି ଆସନ କବଜା କରିଛି। ଏଥିସହ ଦଳ କ୍ରମାଗତ ତୃତୀୟ ଥର ପାଇଁ ହରିୟାନାରେ ସରକାର ଗଠନ କରିବାକୁ ଯାଉଛି। ଆଗକୁ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ରହିଛି। ଏହାପୂର୍ବରୁ ଆଜି ମୋଦି ଭିଡିଓ କନଫରେନ୍ସିଂ ଜରିଆରେ ନାଗପୁରବାସୀଙ୍କୁ କହିଛନ୍ତି ଯେ "ଗତକାଲି ହରିୟାନା ଓ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ହୋଇଥିଲା। ଦୁଇ ଥର କାର୍ଯ୍ୟକାଳ ଶେଷ କରିବା ପରେ ତୃତୀୟ ଥର ପାଇଁ ହରିୟାନାରେ ନିର୍ବାଚିତ ହେବା ଏକ ଐତିହାସିକ ଘଟଣା।

କଂଗ୍ରେସର ପୂରା ଇକୋ ସିଷ୍ଟମ ଲୋକଙ୍କୁ ବିଭ୍ରାନ୍ତ କରୁଥିଲେ। ସେମାନେ ଦଳିତ ସଂପ୍ରଦାୟ ମଧ୍ୟରେ ମିଛର ପ୍ରଚାର କରିବା ପାଇଁ ଚାହିଁଥିଲେ। ହେଲେ ଦଳିତମାନେ ଅନୁଭବ କରିଥିଲେ ଯେ କଂଗ୍ରେସ ସେମାନଙ୍କୁ ମିଳୁଥିବା ସଂରକ୍ଷଣ ଛଡ଼ାଇ ନେବ ଓ ନିଜର ଭୋଟ ବ୍ୟାଙ୍କ ମଧ୍ୟରେ ବାଣ୍ଟି ଦେବ। ହରିୟାନାର ଦଳିତ ସଂପ୍ରଦାୟ ବିଜେପିକୁ ରେକର୍ଡ ସମର୍ଥନ ଜଣାଇଛନ୍ତି। କଂଗ୍ରେସ ଚାଷୀଙ୍କୁ ଉସକାଇଥିଲା। ହରିୟାନାର ଚାଷୀମାନେ ବିଜେପିର କୃଷି ଅଭିମୁଖୀ ଯୋଜନାରେ ଅତ୍ୟନ୍ତ ଖୁସି। କଂଗ୍ରେସ ଯୁବଗୋଷ୍ଠୀଙ୍କୁ ଉସକାଇବାକୁ ଚେଷ୍ଟା କରିଥିଲା। ସେମାନେ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବିଜେପି ଉପରେ ଭରସା ଦେଖାଇଛନ୍ତି।" ନାଗପୁରରେ ମୋଦି ୭,୬୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାଶ କରିବା ବେଳେ କଂଗ୍ରେସ ଉପରେ ଏପରି ହମଲା କରିଛନ୍ତି।

# ରାହୁଲଙ୍କ ପାଇଁ ଜିଲାପି ପଠାଇଲା ବିଜେପି



**ଚଣ୍ଡିଗଡ଼, ୯।୧୦:** କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ପାଇଁ ଅଡୁଆ ସାଜିଛି ଜଲେବି। ହରିୟାନା ଗୋହନାର ମାତୁରାମର ଜଲେବି ରାହୁଲ ଗାନ୍ଧିଙ୍କୁ ଭାରି ପଡିଲାଣି। ସେ ଯେବେଠୁ ମଞ୍ଚ ଉପରୁ ଜଲେବିରୁ ରୋଜଗାର ସମ୍ଭାବନା ଏବଂ ବଡ଼ ଫ୍ୟାକ୍ଟ୍ରି ଲଗାଇବାକୁ କହିଥିଲେ, ସୋସିଆଲ ମିଡିଆରେ ସେବେଠୁ ବିଭିନ୍ନ ପ୍ରକାରର ମିମ୍ସର ଝଡ଼ ସୃଷ୍ଟି ହୋଇଛି। ହରୟାନା ବିଧାନସଭା ନିର୍ବାଚନରେ ଜଲେବି ପ୍ରସଙ୍ଗ ହଟ୍ ଟପିକ୍ ଥିଲା। ଏବେ କଂଗ୍ରେସ ହରିୟାନାରେ ନିର୍ବାଚନ ହାରିବା ପରେ ବିଜେପି ଏହି ଜଲେବିକୁ ନେଇ ତାକୁ ଟାର୍ଗେଟ୍ କରିଛି। ରାହୁଲ ଗାନ୍ଧିଙ୍କ ଘରକୁ ବିଜେପି ଏକ କିଲୋ ଜଲେବି ପଠାଇଛି। ଏକଥା ଖୋଦ୍ ବିଜେପି ସୋଶାଲ ହ୍ୟାଣ୍ଡେଲରେ ଟ୍ୱିଟ୍ କରି ସୂଚନା ଦେଇଛି। ହରିୟାନାରେ ବିଜେପିର ହ୍ୟାଟ୍ରିକ୍ ପରେ ଦଳର ସୋଶାଲ ମିଡିଆ ହ୍ୟାଣ୍ଡେଲରେ ଏକ୍ସରେ ପୋଷ୍ଟ କରି କହିଛନ୍ତି, 'ଭାରତୀୟ ଜନତା ପାର୍ଟି ହରିୟାନାର ସମସ୍ତ କର୍ମୀଙ୍କ ତରଫରୁ ରାହୁଲ ଗାନ୍ଧୀ ଜୀଙ୍କ ଘରକୁ ଜଲେବି ପଠାଯାଇଛି।' ହରିୟାନାରେ କଂଗ୍ରେସର ପରାଜୟକୁ ନେଇ ବିଜେପି ଟାର୍ଗେଟ୍ କରି ଏଭଳି ଟ୍ୱିଟ୍ କରିଛି।

ବିଶେଷ କଥା ହେଉଛି ଏହି ଟ୍ୱିଟ୍‌ରେ ଅର୍ଡର ଡିଟେଲର ସ୍କ୍ରିନ୍ ସଟ୍ ମଧ୍ୟ ଆଟାଚ କରାଯାଇଛି, ଯେଉଁଥିରେ ଯେଉଁଥିରେ ୨୪ ଆକବର ରୋଡ ପାଇଁ କନଟ୍ ପ୍ଲେସ ବିକାନେରୱାଲା ମିଠା ଦୋକାନୀ ଠାରୁ ଜଲେବିଙ୍କ ଅର୍ଡର କରାଯାଇଥିବା ଦେଖିବାକୁ ମିଳିଛି। ଏଥିରେ ଜଲେବିର ମୂଲ୍ୟ ମଧ୍ୟ ଲେଖାଯାଇଛି, ୬୦୯ ଟଙ୍କା। କହିରଖୁ ଯେ, ହରିୟାନା ନିର୍ବାଚନ ପ୍ରଚାର ବେଳେ ଗୋହନାରେ ପ୍ରସିଦ୍ଧ ମାତୁରାମ ହାଲୱାଇଙ୍କ ଜଲେବିଙ୍କ ଖାଇଥିଲେ ରାହୁଲ ଗାନ୍ଧି। ଖାଇବା ପରେ ଭାଷଣରେ ସେହି ଜଲେବି ଥିଓରି ଦୋହାରାଇଥିଲେ ରାହୁଲ। ସେ କହିଥିଲେ, ଏଭଳି ଜଲେବି ଫ୍ୟାକ୍ଟ୍ରିରେ ତିଆରି ହେଲେ ୫୦ ହଜାର ଲୋକ ନିଯୁକ୍ତି ପାଇବେ ଓ ଏହା ବାହାର ରାଜ୍ୟ ଓ ବିଦେଶକୁ ବି ରପ୍ତାନୀ ହୋଇପାରିବ। କିନ୍ତୁ ଏହାକୁ ତୀବ୍ର ସମାଲୋଚନା କରିଥିଲେ ବରିଷ୍ଠ ବିଜେପି ନେତା ରବିଶଙ୍କର ପ୍ରସାଦ। ସେ କହିଥିଲେ, ରାହୁଲ ଜାଣିନାହାନ୍ତି ଜଲେବି କେମିତି ତିଆରି ହୁଏ ଓ କେମିତି ବିକ୍ରି ହୁଏ।

# ହରିୟାନା ପରାଜୟ ଅପ୍ରତ୍ୟାଶିତ: ରାହୁଲ



**ନୂଆଦିଲ୍ଲୀ, ୯।୧୦:** ହରିୟାନା ହାରି ଯାଇଛି କଂଗ୍ରେସ। ବିଧାନସଭା ନିର୍ବାଚନର ଫଳାଫଳ ଆସିବା ପରେ କଂଗ୍ରେସର ରଣନୀତି ଉପରେ ପ୍ରଶ୍ନ ଉଠିଛି। ନିର୍ବାଚନ ଫଳାଫଳ ପରଠାରୁ ରାହୁଲ ଗାନ୍ଧି ଗାଏବ ଥିଲେ। ସେ କୌଣସି ବୟାନ ଦେଇନଥିଲେ କି ସୋସିଆଲ ମିଡିଆରେ କିଛି ପୋଷ୍ଟ ମଧ୍ୟ କରିନଥିଲେ। ଏବେ ହରିୟାନା ନିର୍ବାଚନ ଫଳାଫଳ ଆସିବାର ୨୪ ଘଣ୍ଟା ପରେ ସେ ହଠାତ୍ ପ୍ରକଟ ହୋଇଛନ୍ତି। ସୋଶାଲ ମିଡିଆ ପ୍ଲାଟଫର୍ମ X ରେ ପୋଷ୍ଟ କରି ନିଜର ପ୍ରଥମ ପ୍ରତିକ୍ରିୟା ଦେଇଛନ୍ତି।

ଆଜି ନିଜର ନୀରବତା ଭାଙ୍ଗିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧି। ହରିୟାନାର ଫଳାଫଳକୁ ସେ ଅପ୍ରତ୍ୟାଶିତ ବୋଲି ବର୍ଣ୍ଣନା କରିଛନ୍ତି। କାହିଁକି କଂଗ୍ରେସ ହରିୟାନାରେ ହାରିଲା, ସେ ନେଇ ବିଶ୍ଳେଷଣ ଚାଲିଛ ବୋଲି ସେ କହିଛନ୍ତି। କ୍ଷମତାର ଅପବ୍ୟବହାରର କାହାଣୀକୁ ସେ ଦୋହରାଇଛନ୍ତି। ଅନେକ ବିଧାନସଭା ନିର୍ବାଚନମଣ୍ଡଳୀରୁ ଆସିଥିବା ଅଭିଯୋଗ ସମ୍ପର୍କରେ ସେ ନିର୍ବାଚନ ଆୟୋଗଙ୍କୁ ଜଣାଇବେ ବୋଲି କହିଛନ୍ତି। ରାହୁଲ ଗାନ୍ଧି ପ୍ରଥମେ ନିଜ ସୋଶାଲ ମିଡିଆ ପୋଷ୍ଟରେ ଜମ୍ମୁ କଶ୍ମୀର ବିଷୟରେ ଲେଖିଛନ୍ତି, 'ଜମ୍ମୁ କଶ୍ମୀରବାସୀଙ୍କୁ ହୃଦୟରୁ ଧନ୍ୟବାଦ। ରାଜ୍ୟରେ ଇଣ୍ଡି ବ୍ଲକର ବିଜୟ। ଏହା ହେଉଛି ସମ୍ବିଧାନର ବିଜୟ, ଗଣତାନ୍ତ୍ରିକ ଆତ୍ମ ସମ୍ମାନର ବିଜୟ। ଆମେ ହରିୟାନାର ଅପ୍ରତ୍ୟାଶିତ ଫଳାଫଳକୁ ବିଶ୍ଳେଷଣ କରୁଛୁ। ଅନେକ ବିଧାନସଭା ନିର୍ବାଚନମଣ୍ଡଳୀରୁ ଆସୁଥିବା ଅଭିଯୋଗ ସମ୍ପର୍କରେ ନିର୍ବାଚନ ଆୟୋଗଙ୍କୁ ଜଣାଇବୁ। ହରିୟାନାର ସମସ୍ତ ଲୋକଙ୍କୁ ସେମାନଙ୍କର ସମର୍ଥନ ପାଇଁ ଏବଂ ଅକ୍ଳାନ୍ତ ପରିଶ୍ରମ ପାଇଁ ଆମର କର୍ମକର୍ତ୍ତାଙ୍କୁ ଅଶେଷ ଧନ୍ୟବାଦ। ଅଧିକାରର, ସାମାଜିକ ଏବଂ ଅର୍ଥନୈତିକ ନ୍ୟାୟ, ସତ୍ୟ ପାଇଁ ଆମେ ଏହି ସଂଗ୍ରାମ ଜାରି ରଖିବୁ ବୋଲି ରାହୁଲ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

ହରିୟାନା ଭୋଟିଂର ପ୍ରାରମ୍ଭରେ କଂଗ୍ରେସ ଜିତୁଛି ବୋଲି ଜଣାପଡୁଥିଲା। କିନ୍ତୁ ଯେତେବେଳେ ଫଳାଫଳ ଆସିଲା, ଏହାର ପୂରାପୁରି ଓଲଟା ଘଟିଗଲା। କଂଗ୍ରେସ ନିର୍ବାଚନରେ ହାରିଗଲା। କଂଗ୍ରେସ ପରାଜୟର ମୁଖ୍ୟ କାରଣ ହେଉଛି ଦଳ ଭିତରେ କନ୍ଦଳ। ଏଥି ସହିତ, ସିଟ୍ ବଣ୍ଟନରେ ଅନିୟମିତତା ମଧ୍ୟ ଏକ କାରଣ ବୋଲି କୁହାଯାଉଛି। କଂଗ୍ରେସର କାଷ୍ଟ ଫ୍ୟାକ୍ଟର ଗଣନାରେ କରାଯାଇଥିବା ଭୁଲକୁ ମଧ୍ୟ ପରାଜୟର କାରଣ ବୋଲି ବିଶ୍ୱାସ କରାଯାଉଛି।

ହରିୟାନା ବିଧାନସଭା ନିର୍ବାଚନରେ ହ୍ୟାଟ୍ରିକ୍ ମାରିଛି ବିଜେପି। ୪୮ ଟି ଆସନ ଜିତି ବିଜେପି କ୍ଷମତା ବଜାୟ ରଖିଛି। ଲଗାତର ତୃତୀୟ ଥର ପାଇଁ ସରକାର ଗଠନ କରିବାକୁ ପ୍ରସ୍ତୁତ ଅଛି। ସେପଟେ କଂଗ୍ରେସ ୩୭ ଟି ଆସନ ଜିତିଛି। ଭାରତୀୟ ଜାତୀୟ ଲୋକ ଦଳ ଦୁଇଟି ସିଟ୍ ଜିତିଥିବାବେଳେ ସ୍ୱାଧୀନ ପ୍ରାର୍ଥୀମାନେ ତିନିଟି ସିଟ୍ ଜିତିଛନ୍ତି।

## ଅପହୃତ ଯବାନଙ୍କ ମୃତଦେହ ଉଦ୍ଧାର

**ଶ୍ରୀନଗର, ୯।୧୦:** ମିଳିଲା ଅପହୃତ ଯବନାଙ୍କ ମୃତଦେହ। ଜମ୍ମୁ କଶ୍ମୀରର ଅନ୍ତନାଗର ଜଙ୍ଗଲରୁ ଗତକାଲି ଆତଙ୍କବାଦୀମାନେ ଦୁଇ ଜଣ ଯବାନଙ୍କୁ ଅପହରଣ କରି ନେଇଥିଲେ। ତେବେ ଜଣେ ଯବାନ ଆତଙ୍କୀଙ୍କୁ ଚକ୍‌ମା ଦେଇ ଖସି ପଳାଇ ଆସିଥିବା ବେଳେ ଆଜି ପଥରୀବଲ ଜଙ୍ଗଲରୁ ଅପହୃତ ଯବାନଙ୍କ ମୃତଦେହ ଉଦ୍ଧାର ହୋଇଛି। ପୁଲିସ ସୂଚନା ମୁତାବକ, ମୃତ ଯବାନ ଜଣଙ୍କ ହେଲେ ହିଲାଲ ଅହମ୍ମଦ। ତାଙ୍କ ଶରୀରରେ ଏକାଧିକ ଗୁଳିମାଡ଼ ସହ କ୍ଷତଚିହ୍ନ ରହିଛି। ଆତଙ୍କବାଦୀମାନେ ତାଙ୍କ ନୃଶଂସ ଭାବେ ହତ୍ୟା କରିଥିବା କୁହାଯାଉଛି। ଜମ୍ମୁକଶ୍ମୀର ବିଧାନସଭା ନିର୍ବାଚନ ଫଳାଫଳ ସାମ୍ନାକୁ ଆସିବା ପରେ ଗତକାଲି ଅନନ୍ତନାଗର ଜଙ୍ଗଲରୁ ଟେରିଟୋରିଆଲ ଆର୍ମିର ୧୬୧ ବଟାଲିଅନ୍‌ର ୨ଜଣ ଯବାନଙ୍କୁ ଅପହରଣ କରି ନେଇଥିଲେ ଆତଙ୍କବାଦୀ। ତେବେ ଆତଙ୍କବାଦୀଙ୍କ କବଳରୁ ଜଣେ ଯବାନ ଖସି ପଳାଇ ଆସିବାରେ ସଫଳ ହୋଇଥିଲେ। ଏହାପରେ ସେ ଆସି ଅଫିସରଙ୍କୁ ସୂଚନା ଦେଇଥିଲା। ପରେ ଅପହୃତ ଯବାନଙ୍କୁ ଖୋଜିବା ପାଇଁ ସୁରକ୍ଷାବାହିନୀ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲା। ଏହି ସୈନିକମାନଙ୍କୁ ଅନନ୍ତନାଗର କୋନରନାଗରୁ ସେନା ଏବଂ ଜମ୍ମୁ କଶ୍ମୀର ପୁଲିସର ମିଳିତ ଆତଙ୍କବାଦ ବିରୋଧୀ ଅପରେସନ ସମୟରେ ଅପହରଣ କରାଯାଇଥିଲା।

# ରେପୋରେଟ୍ ଅପରିବର୍ତ୍ତିତ

**ନୂଆଦିଲ୍ଲୀ, ୯।୧୦:** କ୍ରମାଗତ ୧୦ମ ଥର ଲାଗି ଆରବିଆଇ ରେପୋରେଟ ଅପରିବର୍ତ୍ତିତ ରଖିଛନ୍ତି। ଗତ ସୋମବାରଠାରୁ ଆରବିଆଇ ମନିଟାରୀ ପଲିସି କମିଟିର ଦ୍ୱିମାସିକ ବୈଠକ ଆରମ୍ଭ ହୋଇଥିଲା। ଆଜି ଏହା ଶେଷ ହୋଇଛି। ଏହି ଅବସରରେ ଆରବିଆଇ ଗଭର୍ଣ୍ଣ ଶକ୍ତିକାନ୍ତ ଦାସ ଗଣମାଧ୍ୟମକୁ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ପ୍ରଦାନ କରି କହିଥିଲେ ଯେ, ଯଦିଓ ଭାରତର ମୁଦ୍ରାସ୍ଫୀତି ହାର ନିୟନ୍ତ୍ରଣ ମଧ୍ୟରେ ରହିଛି ଏବଂ ଅଭିବୃଦ୍ଧି ହାର ସନ୍ତୋଷଜନକ ରହିଛି କିନ୍ତୁ ଯୁଦ୍ଧ ଯୋଗୁ ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ଏବଂ ଅନିଶ୍ଚିତତା ଲାଗି ରହିଛି। ତେଣୁ ଏବେ ଆରବିଆଇ ସୁଧହାର ହ୍ରାସ କରିବା ସପକ୍ଷରେ ନାହାଁନ୍ତି। ରେପୋରେଟ ଅପରିବର୍ତ୍ତିତ ରହିବା ଫଳରେ ଇଏମଆଇ ମଧ୍ୟ ଅପରିବର୍ତ୍ତିତ ରହିବା ଆକଳନ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, କୋଭିଡ ମହାମାରୀ ସମୟରେ ୨୦୨୦ ଏବଂ ୨୦୨୧ ଦୁଇ ବର୍ଷ କାଳ ଆରବିଆଇ ସୁଧହାର ୪ ପ୍ରତିଶତରେ ଅପରିବର୍ତ୍ତିତ ରଖିଥିଲେ। ୨୦୨୨ ଫେବୃଆରୀରେ ୟୁକ୍ରେନ ଉପରେ ରଷିଆର ଆକ୍ରମଣ ପରେ ସାରା ବିଶ୍ୱରେ ସପ୍ଲାଇ ଚେନ ବାଧାପ୍ରାପ୍ତ ହେବା ସହିତ ମୁଦ୍ରାସ୍ଫୀତି ବୃଦ୍ଧି ପାଇଥିଲା। ଭାରତରେ ମଧ୍ୟ ମୁଦ୍ରାସ୍ଫୀତି ୭ ପ୍ରତିଶତ ଟପିଥିଲା। ୨୦୨୨ ଏପ୍ରିଲରୁ ଆରବିଆଇ ରେପୋରେଟ ପର୍ଯ୍ୟାୟକ୍ରମେ ୨୫୦ ବେସିସ ପଏଣ୍ଟ ବୃଦ୍ଧି କରିଥିଲେ। ଶେଷ ଥର ପାଇଁ ୨୦୨୩ ଫେବୃଆରୀରେ ରେପୋରେଟ ବୃଦ୍ଧି କରିଥିଲା। ୨୦୨୩ ଏପ୍ରିଲରୁ ରେପୋରେଟ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛନ୍ତି।




# ରସାୟନ ବିଜ୍ଞାନରେ ୩ ଜଣଙ୍କୁ ନୋବେଲ



**ଷ୍ଟକ୍‌ହୋମ, ୯।୧୦:** ରସାୟନ ବିଜ୍ଞାନ କ୍ଷେତ୍ରରେ ଉତ୍କୃଷ୍ଟତା ପାଇଁ ମିଳିତ ଭାବେ ତିନି ଜଣ ବୈଜ୍ଞାନିକଙ୍କୁ ମିଳିବ ଚଳିତ ବର୍ଷର ନୋବେଲ ପୁରସ୍କାର। ଡାଭିଡ ବାକେର, ଡେମିସ ହାସାବିସ ଓ ଜନ ଜମ୍ପରଙ୍କୁ ନୋବେଲ ପୁରସ୍କାର ମିଳିବ। କମ୍ପ୍ୟୁଟେସନାଲ ପ୍ରୋଟିନ ଡିଜାଇନ ପାଇଁ ଏହି ୩ ଜଣଙ୍କୁ ନୋବେଲ ଦିଆଯିବ। ତେବେ ପୁରସ୍କାର ବାବଦରେ ମିଳିବାକୁ ଥିବା ଅଧା ଅର୍ଥ ଏକାକୀ ଡାଭିଡ ବାକେର ନେବେ। ବାକି ଅଧା ପୁରସ୍କାର ରାଶି ଡେମିସ ଓ ଜନଙ୍କ ମଧ୍ୟରେ ସମାନ ଭାବେ ବଣ୍ଟା ଯିବ। ଡାଭିଡ କମ୍ପ୍ୟୁଟେସନାଲ ପ୍ରୋଟିନ ଡିଜାଇନର ଆବିଷ୍କାର କରିଥିଲେ। ଜନ ଓ ଡେମିସ ଫର ପ୍ରୋଟିନ ଷ୍ଟ୍ରକଚରାଲ ପ୍ରେଡିକସନ କରିଥିବାରୁ ସେମାନଙ୍କୁ ମଧ୍ୟ ନୋବେଲ ପାଇଁ ଚୟନ କରାଯାଇଛି। ପ୍ରୋଟିନଗୁଡ଼ିକ କମ୍ପ୍ଲେକ୍ସ ମୋଲେକୁଲେସ। ଏହା ଶରୀର ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ କାମ କରେ। ସେଗୁଡ଼ିକ ଛୋଟ ଛୋଟ ୟୁନିଟରେ ପରିଣତ ହୋଇଥାଆନ୍ତି। ଏହାକୁ ଆମିନୋ ଏସିଡ କୁହାଯାଏ। ଏହି ଛୋଟ ଛୋଟ ୟୁନିଟ ଗୁଡ଼ିକ ଏକାଠି ଲମ୍ବା ଚେନ ଦ୍ୱାରା ପରସ୍ପରର ଲିଙ୍କରେ ରହନ୍ତି। ଶରୀରରେ ୨୦ ପ୍ରକାରର ଭିନ୍ନ ଭିନ୍ନ ଆମିନୋ ଏସିଡ ରହିଛି। ସେମାନେ ନିର୍ଦ୍ଦିଷ୍ଟ କ୍ରମରେ ରୁହନ୍ତି। ସେହି ଅନୁସାରେ ପ୍ରୋଟିନର ଷ୍ଟ୍ରକଚର ଓ କାର୍ଯ୍ୟକାରିତା ହୋଇଥାଏ।

୨୦୦୩ରେ ଡାଭିଡ ବାକେର ୱାଶିଂଟନ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଥିଲେ। ସେତେବେଳେ ସେ ବେଶ ସଫଳତାର ସହ ଏହି ବ୍ଲକଗୁଡ଼ିକୁ ବ୍ୟବହାର କରି ଗୋଟିଏ ନୂଆ ପ୍ରୋଟିନ ଡିଜାଇନ କରିଥିଲେ। ଏହା ଅନ୍ୟ ପ୍ରୋଟିନଗୁଡ଼ିକ ଠାରୁ ସଂପୂର୍ଣ୍ଣ ଭିନ୍ନ ଥିଲା। ସେବେଠାରୁ ତାଙ୍କ ଗବେଷଣା ଟିମରେ ଥିବା ସଦସ୍ୟମାନେ ଗୋଟିଏ ପରେ ଗୋଟିଏ କଳ୍ପନାଶୀଳ ପ୍ରୋଟିନ ତିଆରି କରି ଚାଲିଛନ୍ତି।

୨୦୨୦ରେ ବୈଜ୍ଞାନିକ ଡେମିସ ଓ ଜନ ଗୋଟିଏ ଏଆଇ ମଡେଲ ବାହାର କରିଥିଲେ। ଏହାକୁ AlphaFold2 କୁହାଯାଇଥିଲା। ଗୁଗଲର ଡୀପମାଇଣ୍ଡ ପ୍ରୋଜେକ୍ଟ ଅଧୀନରେ ଏହାକୁ ତିଆରି କରାଯାଇଥିଲା। ଏହି ଏଆଇ ମଡେଲେ ଭର୍ଚ୍ୟୁଆଲ ମାଧ୍ୟମରେ ଗବେଷକମାନେ ତିଆରି କରିଥିବା ୨୦୦ ମିଲିୟନ ପ୍ରୋଟିନର ଷ୍ଟ୍ରକଚରକୁ ଆକଳନ କରିବାକୁ ସକ୍ଷମ ହୋଇଥିଲା। ବୈଜ୍ଞାନିକ ଡେମିସ ଲଣ୍ଡନରେ ଥିବା ଗୁଗଲ ଡୀପମାଇଣ୍ଡ ସିଇଓ ଓ ଜନ ଏମ ଜମ୍ପର ଏବେ ଡୀପମାଇଣ୍ଡର ସିନିୟର ରିସର୍ଚ୍ଚ ସାଇଣ୍ଟିଷ୍ଟ।




## ପାକିସ୍ତାନ-ଇଂଲଣ୍ଡ ପ୍ରଥମ ଟେଷ୍ଟ

# ରୁଟ୍‌ଙ୍କ ଶତକ ବଳରେ ଇଂଲଣ୍ଡର ଦୃଢ଼ ଜବାବ

**ମୁଲତାନ, ୯।୧୦:** ପାକିସ୍ତାନର ପ୍ରଥମ ଇନିଂସ ସ୍କୋର ୫୫୬ ରନ ଜବାବରେ ଇଂଲଣ୍ଡ ଏହାର ପ୍ରଥମ ଇନିଂସରେ ବଡ଼ ସ୍କୋର ଦିଗର ଅଗ୍ରସର ହେଉଛି। ଇଂଲଣ୍ଡ ପକ୍ଷରୁ ଜୋ ରୁଟ ଶତକ ହାସଲ କରିଛନ୍ତି। ପ୍ରଥମ ଇନିଂସରେ ପାକିସ୍ତାନର ତିନିଜଣ ବ୍ୟାଟ୍ସମ୍ୟାନ ଶତକ ହାସଲ କରିଛନ୍ତି। ଓପନର ଅବଦୁଲ୍ଲା ସଫିକ ୧୦୨, ଅଧିନାୟକ ସାନ ମାସୁଦ ୧୫୧ ଏବଂ ସଲମାନ ଆଘା ଅପରାଜିତ ୧୦୪ ରନ ସଂଗଅହ କରିଥିବା ବେଳେ ସୌଉସ ସକିଲ ୮୨ ରନ ସଂଗ୍ରହ କରିଥିଲେ। ଜବାବରେ ଇଂଲଣ୍ଡ ଏହାର ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରି ଦଳୀୟ ସ୍କୋର ୪ରନରେ ପ୍ରଥମ ୱିକେଟ ଂରାଇଥିଲା। ଓପନର ଓଲି ପୋପ ଖାତା ଷକାଲିବା ପୂର୍ବରୁ ଆଉଟ ହୋଇଥିଲେ। ତେବେ ଜ୍ୟାକ କ୍ରଲି (୭୮) ଏବଂ ଜୋ ରୁଟଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟରେ ୧୦୯ ରନ ସଂଗ୍ରହ ଫଳରେ ଦଳ ତତ୍କାଳ ବିପଦରୁ ମୁକ୍ତ ହୋଇଥିଲା। କ୍ରଲି ଆଉଟ ହେବା ପରେ ବନେ ଡକେଟ ୮୪ ରନ କରି ଆଉଟ ହୋଇଥିଲେ। ରୁଟଙ୍କ ସହିତ ହ୍ୟାରି ବ୍ରୁକ ଅର୍ଦ୍ଧଶତକ ହାସଲ କରି ବ୍ୟାଟିଂ ଜାରି ରଖିଛନ୍ତି।

# ଆଗୁଆ ଟି-ଟ୍ୱେଣ୍ଟି ସିରିଜ୍ କବ୍‌ଜା କଲା ଇଣ୍ଡିଆ

## ୧୩୫ରେ ଅଟକିଲା ବାଂଲାଦେଶ




ନୂଆଦିଲ୍ଲୀ, ୯।୧୦: ଟେଷ୍ଟ ଭଳି ବାଂଲାଦେଶ ବିପକ୍ଷ ଟି-୨୦ ସିରିଜକୁ ଆଗୁଆ ୨-୦ରେ କବ୍‌ଜା କରି ଭାରତୀୟ ଟିମ୍। ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମ୍‌ରେ ଖେଳା ଯାଉଥିବା ଦ୍ୱିତୀୟ ଟି-୨୦କୁ ଭାରତୀୟ ଟିମ କବ୍‌ଜା କରିଛି।

ଭାରତ ୨୨୨ ରନର ଟାର୍ଗେଟ ଦେଇଥିବା ବେଳେ ବାଂଲାଦେଶ ଟିମ ୯ ୱିକେଟରେ କେବଳ ୧୩୫ ରନ୍‌ରେ ଅଟକି ଥିଲା। ୮୬ ରନରେ ସୂର୍ଯ୍ୟ କୁମାର ଯାଦବଙ୍କ ଭାରତୀୟ ଟିମ ଗୋଟିଏ ମ୍ୟାଚ୍ ପୂର୍ବରୁ ସିରିଜ ଜିତି ନେଇଛି। ଶେଷ ମ୍ୟାଚ୍ ଆସନ୍ତା ୧୨ ତାରିଖରେ ଖେଳାଯିବ। ବ୍ୟାଟିଂ ଓ ବୋଲିଂରେ କମାଲ କରିଥିବା ନୀତୀଶ କୁମାର ରେଡ୍ଡୀ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି। ସେ ବ୍ୟାଟିଂରେ ୩୪ ବଲରେ ୭୪ ରନ କରିଥିବା ବେଳେ ବୋଲିଂରେ ୪ ଓଭର ପକାଇ ୨୩ ରନ ଦେବା ସହ ୨ଟି ୱିକେଟ ନେଇଥିଲେ। ରିଙ୍କୁ ସିଂହ ମଧ୍ୟ ୨୯ ବଲରେ ୫୩ ଓ ହାର୍ଦ୍ଦିକ ପାଣ୍ଡ୍ୟା ୧୯ ବଲରେ ୩୨ ରନ କରିଥିଲେ। ଫଳରେ ଭାରତ ୨୦ ଓଭରରେ ୯ ୱିକେଟ ହରାଇ ୨୨୧ ରନ କରିଥିଲା। ଟାର୍ଗେଟ ନେଇ ଖେଳିଥିବା ବାଂଲା ଟିମ୍ ଆରମ୍ଭରୁ ବାଟ ହୁଡ଼ିଥିଲା। ପରଭେଜ ହୁସେନ ଇମୋନ ୧୬, ଲିଟନ ଦାସ ୧୪, ଅଧିନାୟକ ନଜମୁଲ ହୁସେନ ସାଣ୍ଟୋ ୧୧ ଓ ତୋହିଦ ହ୍ରିଦୟ ମାତ୍ର ୨ ରନ କରିବାକୁ ସକ୍ଷମ ହୋଇଥିଲେ। ୪୬ ରନରେ ଦଳ ୪ ୱିକେଟ ହରାଇ ବିଜୟ ଟ୍ରାକରୁ ଓହରି ଯାଇଥିଲା। ଉରୋକ୍ତ ୪ ୱିକେଟ ମଧ୍ୟରୁ ଅର୍ଶଦୀପ ସିଂହ, ବରୁଣ ଚକ୍ରବର୍ତ୍ତୀ, ୱାଶିଂଟନ ସୁନ୍ଦର ଓ ଅଭିଷେକ ଶର୍ମା ଗୋଟିଏ ଲେଖାଏ ୱିକେଟ ନେଇଥିଲେ।ମେହିଦ ହାସନ ମିରାଜ ଓ ଅଭିଜ୍ଞ ମହମ୍ମଦୁଲ୍ଲା କିଛି ସମୟ ପାଇଁ ଲଢ଼େଇ କରିଥିଲେ। କିନ୍ତୁ ୧୬ ରନ କରିଥିବା ମିରାଜଙ୍କୁ ରିୟାନ ପରାଗ ଆଉଟ କରି ବାଂଲାଦେଶକୁ ୮୦ ରନରେ ୫ମ ଝଟକା ଦେଇଥିଲେ। ଦଳୀୟ ସ୍କୋର ୮୩ ଥିବା ବେଳେ ଜାକିର ଅଲୀ(୧) ମୟଙ୍କ ଯାଦବଙ୍କ ଶିକାର ବନିଥିଲେ। ରିୟାଦ ହୁସେନ(୯) ବରୁଣଙ୍କୁ ବଡ଼ ଶଟ ମାରିବାକୁ ଚେଷ୍ଟା କରୁଥିବା ବେଳେ ବାଉଣ୍ଡରୀ ପାଖରେ ହାର୍ଦ୍ଦିକ ପାଣ୍ଡ୍ୟା ଅତ୍ୟନ୍ତ ଅବିଶ୍ୱସନୀୟ କ୍ୟାଚ୍ ଧରି ତାଙ୍କୁ ପ୍ୟାଭିଲିୟନ ପଠାଇ ଦେଇଥିଲେ। ୯୩ ରନରେ ଦଳ ୭ମ ୱିକେଟ ହରାଇଥିଲା।

ଏହି ସମୟରେ ମହମ୍ମଦୁଲ୍ଲା କିଛି ସମୟ କାଉଣ୍ଟର ଆଟାକ କରିଥିଲେ। ହେଲେ ଏହା ସମୁଦ୍ରକୁ ଶଙ୍ଖେ ସଦୃଶ ଥିଲା। ୧୭ ଓଭର ସୁଦ୍ଧା ବାଂଲାଦେଶର ସ୍କୋର ୧୧୭/୭ ରହିଥିଲା। ମହମ୍ମଦୁଲ୍ଲା ୩୭ ଓ ତାଞ୍ଜିମ ହାସନ ସାକିବ ୭ ରନ କରିଥିଲେ। ୧୮ତମ ଓଭର ନେଇ ଆସିଥିଲେ ନୀତୀଶ କୁମାର। ସେ ୮ ରନ କରିଥିବା ତାଞ୍ଜିମଙ୍କୁ ପାଣ୍ଡ୍ୟାଙ୍କ ହାତରେ କ୍ୟାଚ୍ କରାଇ ଦେଇଥିଲେ। ବାଂଲାଦେଶ ୧୨୦ ରନରେ ୮ମ ୱିକେଟ ହରାଇଥିଲା। ୧୯ତମ ଓଭର ଅର୍ଶଦୀପ ସିଂହ ପକାଇଥିଲେ। ସେ ମାତ୍ର ୫ ରନ ଦେବାକୁ ଶେଷ ଓଭରରେ ବାଂଲାଦେଶକୁ ଜିତିବା ପାଇଁ ବିଶାଳ ୯୫ ରନ ମିଳିଥିଲା। ଶେଷ ଓଭର ନେଇ ଆସିଥିଲେ ନୀତୀଶ କୁମାର। ପ୍ରଥମ ବଲରେ ସେ ୪୧ ରନ କରିଥିବା ମହମ୍ମଦୁଲ୍ଲାଙ୍କ ୱିକେଟ ନେଇଥିଲେ। ଏହାପରେ ସେ ୮ ରନ ଦେବାକୁ ବାଂଲାଦେଶ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ କେବଳ ୧୩୫ ରନ କରିପାରିଥିଲା।

# ଜାତୀୟ ଭାରୋତ୍ତୋଳନ: ଓଡ଼ିଶାକୁ ଆଉ ୪ ପଦକ







**ଭୁବନେଶ୍ୱର, ୯।୧୦:** ହିମାଚଳପ୍ରଦେଶର ନଗ୍ରତା ଭବବାନସ୍ଥିତ ରେନ୍‌ବୋ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ପରିସରରେ ଚାଲିଥିବା ଜାତୀୟ ଯୁବ, କନିଷ୍ଠ ଓ ବରିଷ୍ଠ ଭାରୋତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାକୁ ଆଉ ୪ ପଦକ ମିଳିଛି। ସୋମବାର ପ୍ରଥମ ଦିବସରେ ହର୍ଷବର୍ଦ୍ଧନ ସାହୁ ଓ ଜ୍ୟୋସ୍ନା ଶବର ସ୍ୱର୍ଣ୍ଣ ପଦକ ଜିତି ଅଭିଯାନ ଆରମ୍ଭ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲୁଥିବା ଏହି ପ୍ରତିଯୋଗିତାରେ ମଙ୍ଗଳବାର ଆଉ ୪ ପଦକ ଯୋଡ଼ିଛନ୍ତି ୩ ଓଡ଼ିଶା ଖେଳାଳି। ଏହା ମଧ୍ୟରେ ୩ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ଅଛି। ଓଡ଼ିଶାର ମୋଟ ପଦକ ୬ରେ ପହଞ୍ଚିଛି। ଯୁବ ଓ କନିଷ୍ଠ ବାଳିକା ବର୍ଗର ୪୫ କିଲୋଗ୍ରାମ ବର୍ଗରେ ପ୍ରୀତିସ୍ମିତା ଭୋଇ ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ଜିତିଛନ୍ତି। ଓଡ଼ିଶା ଭାରୋତ୍ତୋଳନ ଏଚ୍‌ପିସିର ଢେଙ୍କାନାଳ ସବ୍‌ସେଣ୍ଟର୍ ପ୍ରଶିକ୍ଷାର୍ଥୀ ପ୍ରୀତି ସ୍ନାଚ୍‌ରେ ୫୭ କିଲୋଗ୍ରାମ, କ୍ଲିନ୍ ଆଣ୍ଡ୍ ଜର୍କରେ ୮୩ କିଲୋଗ୍ରାମ ସହ ମୋଟ ୧୪୦ କିଲୋଗ୍ରାମ ଉତ୍ତୋଳନ କରିଥିଲେ। ଚଳିତ ବର୍ଷ ପ୍ରୀତିସ୍ମିତା ପେରୁର ଲିମାରେ ଅନୁଷ୍ଠିତ ଯୁବ ବିଶ୍ୱ ଭାରୋତ୍ତୋଳନ ପ୍ରତିଯୋଗିତାରେ ନୂଆ ସ୍ନାଚ୍ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ଯୁବ ବର୍ଗର ୫୫ କିଲୋଗ୍ରାମ ଶ୍ରେଣୀରେ ମୁକେଶ ଗମାଙ୍ଗୋ ସ୍ନାଚ୍‌ରେ ୯୩ କିଲୋଗ୍ରାମ ଏବଂ କ୍ଲିନ୍ ଆଣ୍ଡ୍ ଜର୍କରେ ୧୧୧ କିଲୋଗ୍ରାମ ସହ ମୋଟ ୨୦୪ କିଲୋଗ୍ରାମ ଉତ୍ତୋଳନ କରି ରୌପ୍ୟ ପଦକ ଜିତିଛନ୍ତି। ମୁକେଶ ଏବେ ଓଡ଼ିଶା ଭାରୋତ୍ତୋଳନ ଏଚ୍‌ପିସିର ଭୁବନେଶ୍ୱର କେନ୍ଦ୍ରରେ ତାଲିମ ନେଉଛନ୍ତି। ଗଞ୍ଜାମ ଭାରୋତ୍ତୋଳକ ମୁନା ନାୟକ ଅନ୍ତଃରାଜ୍ୟ ବରିଷ୍ଠ ବର୍ଗରେ ଆଉ ଏକ ରୌପ୍ୟ ପଦକ ଜିତିଛନ୍ତି। ବ୍ରହ୍ମପୁର କ୍ରୀଡ଼ା ଛାତ୍ରାବାସର ପୂର୍ବତନ ଅନ୍ତେବାସୀ ମୁନା ୫୫ କିଲୋଗ୍ରାମ ଶ୍ରେଣୀର ୧୦୪ କିଲୋଗ୍ରାମ ସ୍ନାଚ୍ ଏବଂ ୧୩୫ କିଲୋଗ୍ରାମ କ୍ଲିନ୍ ଆଣ୍ଡ୍ ଜର୍କ ଉତ୍ତୋଳନ କରି ମୋଟ ୨୩୯ କିଲୋଗ୍ରାମ ଭାରୋତ୍ତୋଳନ କରିଥିଲେ। ମୁନା ଏବେ ପୁଣେସ୍ଥିତ ଆର୍ମି ସ୍ପୋର୍ଟସ ପ୍ରତିଷ୍ଠାନରେ ପ୍ରଶିକ୍ଷଣ ନେଉଛନ୍ତି। ପଦକ ବିଜେତାମାନଙ୍କୁ ଓଡ଼ିଶା ଭାରାତ୍ତୋଳନ ସଂଘ ସଭାପତି ଚିତ୍ତରଂଜନ ସ୍ୱାଇଁ ଅଭିନନ୍ଦନ ଜଣାଇଛନ୍ତି।

# ବିଶ୍ୱ ମଡର୍ଣ୍ଣ ପେଣ୍ଟାଥଲନ୍ ପାଇଁ ପ୍ରଣବ, ସୂର୍ଯ୍ୟାଂଶଙ୍କ ଇଜିପ୍ଟ ଯାତ୍ରା

**ଭୁବନେଶ୍ୱର, ୯।୧୦:** ଇଜିପ୍ଟରେ ଅକ୍ଟୋବର ୧୦ରୁ ୧୩ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ବିଶ୍ୱ ମଡର୍ଣ୍ଣ ପେଣ୍ଟାଥଲନ୍ (ବାଏଥେଲ୍ ଓ ଟ୍ରାଏଥେଲ୍) ପ୍ରତିଯୋଗିତା ପାଇଁ ଭାରତୀୟ ଦଳ ମଙ୍ଗଳବାର ସେଠାକୁ ଯାତ୍ରା କରିଛି। ଏହି ଦଳରେ ଓଡ଼ିଶାର ଦୁଇ ଉଦୀୟମାନ ପ୍ରତିଭା ପ୍ରଣବ ଦାସ ଓ ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର ସାମିଲ ହୋଇଛନ୍ତି। ଇଜିପ୍ଟ ଗସ୍ତ ପୂର୍ବରୁ ନୂଆଦିଲ୍ଲୀ ବିମାନବନ୍ଦରରେ ମଡର୍ଣ୍ଣ ପେଣ୍ଟାଥଲନ୍ ଆସୋସିଏସନ୍ ଅଫ୍ ଓଡ଼ିଶାର ସମ୍ପାଦକ ମହମ୍ମଦ ଆଜାମ ଉଭୟ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶୁଭକାମନା ଜଣାଇଛନ୍ତି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଉଭୟ ଖେଳାଳିଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିଥିବାବେଳେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରଂଜନ ନନ୍ଦ, ନିର୍ଭୟ କୁମାର ସାମନ୍ତରାୟ, ଦିଲୀପ କୁମାର ପଟ୍ଟନାୟକ, ବାସୁଦେବ ଓଝା, ଗୀତାଞ୍ଜଳି ଜେନା, ଦିଲୀପ କୁମାର ମହାନ୍ତି, ଟିଟନ୍ ସାହୁ, ଗଗନେନ୍ଦୁ ଦାଶ, ନବରଂଜନ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପଣ୍ଡା, ସୁଶୀଳ ପାଲ୍, ଶକ୍ତିରଂଜନ ମହାନ୍ତିଙ୍କ ସହ ଓଡ଼ିଶା ଅଲିମ୍ପିକ୍ ସଂଘ ମଧ୍ୟ ଶୁଭକାମନା ଜଣାଇଛି।

# ପୂର୍ବାଞ୍ଚଳ କନିଷ୍ଠ ଦୌଡ଼କୁଦରେ ଓଡ଼ିଶାକୁ ଆଉ ୧୦ ସ୍ୱର୍ଣ୍ଣ ସହ ୨୪ ପଦକ

**ଭୁବନେଶ୍ୱର, ୯।୧୦:** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଚାଲିଥିବା ୩୫ତମ ପୂର୍ବାଞ୍ଚଳ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତାରେ ଓଡ଼ିଶାକୁ ୧୦ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୮ କାଂସ୍ୟ ସହ ମୋଟ୍ ୨୪ଟି ପଦକ ମିଳିଛି। ରାଜ୍ୟ କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା ଅତିଥି ଭାବେ ଯୋଗ ଦେଇ ସଫଳ କ୍ରୀଡ଼ାବିତ୍‌ମାନଙ୍କୁ ପଦକ ପ୍ରଦାନ କରିଥିଲେ। ମଙ୍ଗଳବାର ୨୦୦ ମିଟର ଦୌଡ଼ ୧୮ ବର୍ଷରୁ କମ୍ ବାଳକରେ ପ୍ରତୀକ ମହାରଣା ସ୍ୱର୍ଣ୍ଣ ଜିତିଥିଲା ବେଳେ ୨୦ ବର୍ଷରୁ କମ୍‌ରେ ଦଣ୍ଡପତି ମୃତ୍ୟୁମ୍ ଜୟରାମ ଓ ଆସ୍ତିକ ପ୍ରଧାନ ଓଡ଼ିଶାକୁ ୧-୨ ସଫଳତା ଦେଇଥିଲେ। ୨୦ ବର୍ଷରୁ କମ୍ ୪ଗୁଣା ୪୦୦ ମିଟର ରିଲେରେ ଆସ୍ତିକ ପ୍ରଧାନ, ପଙ୍କଜ ମଣ୍ଡଳ, ଜସ୍ମନ କୁଜୁର ଓ ବାପି ହାଁସଦାଙ୍କୁ ନେଇ ଗଠିତ ଓଡ଼ିଶା ଦଳ ସ୍ୱର୍ଣ୍ଣ ପଦକ କରାୟତ୍ତ କରିଥିଲା। ୧୬ ବର୍ଷରୁ କମ୍ ବାଳକ ୬୦୦ ମିଟର ଦୌଡ଼ରେ ଅନୀଲ ସାଲ୍‌ବାମ ସ୍ୱର୍ଣ୍ଣ ଏବଂ ବାଳିକାରେ ଲକ୍ଷ୍ମୀପ୍ରିୟା ନାଥ ରୌପ୍ୟ ପାଇଥିଲେ। ୧୮ ବର୍ଷରୁ କମ୍ ବାଳକ ଡିସ୍‌କସ୍‌ରେ ଓମ୍‌କାର ପ୍ରସାଦ ନନ୍ଦ ସ୍ୱର୍ଣ୍ଣ ଓ ସୂରଜ ଗୋପେ କାଂସ୍ୟ ଜିତିଥିଲେ। ୨୦ ବର୍ଷରୁ କମ୍‌ରେ ପ୍ରଦ୍ୟୁମ୍ନ କୁମାର ସ୍ୱର୍ଣ୍ଣ ଓ ଅଭିଷେକ ସେଠୀ କାଂସ୍ୟ ପାଇଥିଲେ। ୨୦ ବର୍ଷରୁ କମ୍ ବାଳିକା ୧୦୦୦୦ ମିଟର ରେସ୍ ୱାକ୍‌ରେ ତିଶା ବାରିକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ଭାବେ ବାଳିକା ୨୦ ବର୍ଷରୁ କମ୍ ଜାଭେଲିନ୍‌ରେ ପି. ଅର୍ପିତା ଅର୍ଚ୍ଚନା ଓ ଜୋସ୍ନା ପ୍ରିୟଦର୍ଶିନୀ ଯଥାକ୍ରମେ ସ୍ୱର୍ଣ୍ଣ ଜିତିଥିଲା ବେଳେ ୧୮ ବର୍ଷରୁ କମ୍ ୧୦୦୦ ମିଟର ଦୌଡ଼ରେ ସୁନିତା ସାନ୍ତା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ବାଳକ ୧୮ ବର୍ଷରୁ କମ୍ ୧୦୦୦ ମିଟର ଦୌଡ଼ରେ ଦୋଳମଣି ଚିରଗୁ ରୌପ୍ୟ ପାଇଥିଲେ। ୨୦ ବର୍ଷରୁ କମ୍ ହାମର ଥ୍ରୋରେ ସ୍ୱପ୍ନାଶ୍ରୀ ଜେନା କାଂସ୍ୟ ଜିତିଛନ୍ତି। ୧୮ ବର୍ଷରୁ କମ୍ ବାଳିକା ୨୦୦ ମିଟର ଦୌଡ଼ରେ ଅର୍ପିତା ପ୍ରିୟଦର୍ଶିନୀ ଓ ଅମିଶା ତିର୍କି ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ଜିତିଥିଲେ। ୨୦ ବର୍ଷରୁ କମ୍ ବାଳକ ଲମ୍ବ ଡିଆଁ, ଉଚ୍ଚ ଡିଆଁ ଓ ସଟ୍‌ପୁଟ୍‌ରେ ରାହୁଲ ସରାଫ କାଂସ୍ୟ ଜିତି ହ୍ୟାଟ୍ରିକ୍ ସଫଳତା ପାଇଛନ୍ତି। ୩୦୦୦ ମିଟର ବାଳକ ଷ୍ଟିପଲଚେଜ୍‌ରେ ଶୁଭମ ବେହେରା ଏବଂ ୧୬ ବର୍ଷରୁ କମ୍ ବାଳିକା ଲମ୍ବଡିଆଁରେ ପାର୍ବତୀ ହାଁସ୍‌ଦା କାଂସ୍ୟ ପାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନବୀନଙ୍କୁ ...

ରୂପ ନେଇଛି । ଏହା ଆଗାମୀ ଦିନରେ କେଉଁଆଡେ ଗତି କରିବ ତାହା ଉପରେ ଏବେ ସମସ୍ତଙ୍କ ନଜର ।

ନିର୍ବାଚନ ହାରିବାପରେ ବିଜେଡି ଏବେ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବଳ ଗୋଟାଇବାରେ ଲାଗିଥିବାବେଳେ ସାରା ରାଜ୍ୟରେ ଦଳ ଭିତରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏହାକୁ ପ୍ରଶମିତ ପାଇଁ ଦଳୀୟ ନେତାମାନେ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଘନ ଘନ ଗସ୍ତ କରୁଛନ୍ତି । ତେବେ ଖୋଦ୍ ଭୁବନେଶ୍ୱର ଜିଲ୍ଲା ସଂଗଠନ ଫାଳ ଫାଳ ହୋଇଯାଉଥିବାବେଳେ ସେଥିରେ କିନ୍ତୁ ତାଳି ପକାଯାଇ ପାରୁନାହିଁ । ଏହି ଫାଟ ତୁରନ୍ତ ମରାମତି ନହେଲେ ମହାନଗର ନିଗମ ଯେ ବିଜେଡି ହାତରୁ ଖସିଯିବ ନାହିଁ ତାହା କହିବା ମୁସ୍କିଲ ବୋଲି ଖୋଦ୍ ବିଜେଡି କର୍ମୀମାନେ କହି ବୁଲିଲେଣି ।

### ମହିଳାଙ୍କୁ ...

ବରଦାନ ସଦୃଶ ହେବ। ସୁଭଦ୍ରା ଯୋଜନାର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ଏହି ଯୋଜନାରେ ଆଜି ପର୍ଯ୍ୟନ୍ତ ୧ କୋଟି ୬୦ ଲକ୍ଷ ଫର୍ମ ବଣ୍ଟନ ହୋଇସାରିଛି। ସେଥିମଧ୍ୟରୁ ୧ କୋଟି ୩୦ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ସୁଭଦ୍ରା ଅଧୀନରେ ଆବେଦନ କରିଛନ୍ତି ।

ସୁଭଦ୍ରାରେ ପଞ୍ଜିକରଣ ପାଇଁ ରାଜ୍ୟରେ ୨୮ ହଜାର ୪୦ରୁ ଅଧିକ ସାଧାରଣ ସେବା କେନ୍ଦ୍ର ଏବଂ ୧୦ ହଜାର ୫୫ରୁ ଅଧିକ ମୋ ସେବା କେନ୍ଦ୍ର କାର୍ଯ୍ୟ କରୁଅଛି। ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ୫୦୦୦ ଟଙ୍କାର ପ୍ରଥମ କିସ୍ତିର ସହାୟତା ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ କରକମଳରେ ହସ୍ତାନ୍ତର କରାଯାଇଥିଲା । ଆଜି ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଆର୍ଥିକ ସହାୟତା ପ୍ରଦାନ କାର୍ଯ୍ୟକ୍ରମରେ ୩୫ ଲକ୍ଷରୁ ଉର୍ଦ୍ଧ୍ୱ ନୂତନ ହିତାଧିକାରୀଙ୍କୁ ୫୦୦୦ ଟଙ୍କାର ଆର୍ଥିକ ସହାୟତା ଦିଆଗଲା।

ମୟୂରଭଞ୍ଜ ଜିଲ୍ଲାରେ ଆଜି ପର୍ଯ୍ୟନ୍ତ ୫ ଲକ୍ଷ ୭୮ ହଜାର ୧୭୮ ଜଣ ହିତାଧିକାରୀ ସୁଭଦ୍ରା ଅଧୀନରେ ପଞ୍ଜିକରଣ କରିଛନ୍ତି, ସେଥିମଧ୍ୟରୁ ୧ ଲକ୍ଷ ୩୭ ହଜାର ୮୧୬ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଅର୍ଥ ପ୍ରଦାନ କରାଯାଇଅଛି। ମୁଖ୍ୟମନ୍ତ୍ରୀ ସୁଭଦ୍ରା ଯୋଜନାରେ ପଞ୍ଜିକରଣ କରିଥିବା ପ୍ରଥମ ହିତାଧିକାରୀ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ବ୍ଲକ ତଥା ବସୁଆଘାଇ ଗ୍ରାମପଞ୍ଚାୟତର ଉମାରାଣୀ ମହାନ୍ତି ଓ ୧ କୋଟି ସଂଖ୍ୟାରେ ପଞ୍ଜୀକରଣ କରିଥିବା ହିତାଧିକାରୀ ସୁନ୍ଦରଗଡ଼ ଜିଲ୍ଲାର ନୂଆଗାଁ ବ୍ଲକ ତଥା ସୁରୁଡା ଗ୍ରାମର ଦୟାମଣି କୁଜୁରଙ୍କୁ ସମ୍ମାନିତ କରିଥିଲେ। ଏହି ସମ୍ମାନ ସୁଭଦ୍ରା ଯୋଜନାରେ ଆପଣମାନଙ୍କ ଉତ୍ସାହ ଓ ଅଂଶ ଗ୍ରହଣର ଏକ ସୁନ୍ଦର ସ୍ୱୀକୃତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଅନ୍ୟତମ ଅତିଥି ଭାବରେ ଯୋଗଦେଇ କହିଥିଲେ ଯେ ଓଡ଼ିଶାରେ ୧୦୦ ଦିନ ସରକାରରେ 'ସୁଭଦ୍ରା' ଭଳି ଏକ ଜନକଲ୍ୟାଣକାରୀ ଯୋଜନା ଆରମ୍ଭ କରାଗଲା। ଆଗରୁ ଏଭଳି କୌଣସି ଯୋଜନା ନଥିଲା ଯେଉଁଥିରେ ୧ କୋଟିରୁ ଅଧିକ ମହିଳା ସାମିଲ ହୋଇଥିଲେ। ଓଡ଼ିଶାର ମହିଳାମାନଙ୍କ ସମୃଦ୍ଧି ପାଇଁ ଉଦ୍ଦିଷ୍ଟ ଏହି 'ସୁଭଦ୍ରା' ଯୋଜନାକୁ ମୟୁରଭଞ୍ଜ ଆଦିମ ଜନଜାତି ମହିଳାମାନେ ଆପଣେଇଛନ୍ତି। ମହିଳା ବିକାଶକୁ ଏହା ଏକ ନୂଆ ଦିଗ ଦେଖାଇବ ଏବଂ ବିକାଶର ମୂଳ ପିଣ୍ଡ ହେବ। ଜଙ୍ଗଲ, ପରିବେଶ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ, ଏହା ଏକ ଐତିହାସିକ ଯୋଜନା। ଏହି ଯୋଜନା ପାଇଁ ମୟୁରଭଞ୍ଜ ସମେତ ସମଗ୍ର ଓଡ଼ିଶାର ମହିଳାମାନେ ଅତ୍ୟନ୍ତ ଖୁସି ଅଛନ୍ତି। ଆମ ସରକାର ନାରୀମାନଙ୍କୁ, ଚାଷୀମାନଙ୍କୁ ଓ ଗରିବଙ୍କୁ ସମ୍ମାନ ଦେଉଥିବା ସରକାର।

ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଭାରତର ବିକାଶକୁ ଦ୍ୱିଗୁଣିତ କରୁଛନ୍ତି। ଆମ ଓଡ଼ିଶାରେ ମଧ୍ୟ ଡବଲ ଇଞ୍ଜନ ସରକାରରେ ବିକାଶର ଗତି କ୍ଷୀପ୍ର ହେବ। ମୟୁରଭଞ୍ଜକୁ ଏକ ବିକଶିତ ଜିଲ୍ଲା ଭାବେ ଗଠନ କରିବା ପାଇଁ ଦଳମତ ନିର୍ବିଶେଷରେ ସେ ସମସ୍ତଙ୍କୁ ଆହ୍ୱାନ କରିଥିଲେ।

### ୨୦୨୮ ଯାଏଁ ...

ପାଇ ପାରିବେ। ୨୦୨୪ ଜୁଲାଇରୁ ୨୦୨୮ ଡିସେମ୍ବର ଯାଏ ପୋଷଣଯୁକ୍ତ ମାଗଣା ଚାଉଳ ମିଳିବ ବୋଲି ସେ କହିଛନ୍ତି।

୨୦୨୨ ଏପ୍ରିଲ ମାସରେ ସରକାର ଅର୍ଥନୀତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ ଦେଶରେ ପୋଷଣଯୁକ୍ତ ଚାଉଳ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲା। ୨୦୨୪ ମାର୍ଚ୍ଚ ସୁଦ୍ଧା ପର୍ଯ୍ୟାୟକ୍ରମେ ଏହି ଯୋଜନା ଦେଶର ସବୁ ପ୍ରାନ୍ତରେ ଲାଗୁ ହେବ ବୋଲି କୁହାଯାଇଥିଲା। ସରକାର ମଧ୍ୟ ଏହାକୁ ସଫଳତାର ସହ ଲାଗୁ କରିଥିବା କହିଛନ୍ତି। ସବୁ ସରକାରୀ ଯୋଜନା ଅଧୀନରେ ଲୋକଙ୍କୁ ପୋଷଣଯୁକ୍ତ ମାଗଣା ଚାଉଳ ୨୦୨୪ ମାର୍ଚ୍ଚ ସୁଦ୍ଧା ଯୋଗାଇ ଦିଆଯାଇଛି। ଏବେ ଏହି ଯୋଜନାକୁ ୨୦୨୮ ଡିସେମ୍ବର ମାସ ଯାଏ ବୃଦ୍ଧି କରାଯାଇଛି।

### ମିସ୍‌କଲ୍‌ରେ...

କରି ଶ୍ରୀ ପଟ୍ଟନାୟକ କହିଥିଲେ, ବିଜୁ ଜନତା ଦଳ, ସେସବୁଠାରୁ ବହୁ ଦୂରରେ। ସେବା, ସ୍ୱାଭିମାନ ଓ ସଂଗ୍ରାମ, ଆମର ଆଦର୍ଶ। ଓଡ଼ିଶା ବାସୀଙ୍କ ସେବା, ଓଡ଼ିଆ ଜାତିର, ସ୍ୱାଭିମାନର ସୁରକ୍ଷା ଏବଂ ଓଡ଼ିଶାର ସ୍ୱାର୍ଥ ପାଇଁ ବିଜୁ ବାବୁ ଶେଷ ପର୍ଯ୍ୟନ୍ତ ସଂଗ୍ରାମ କରି ଯାଇଛନ୍ତି। ସେ କହିଥିଲେ ଯେ ବିଜେଡି ସରକାରଙ୍କ ଯୋଜନା ଅନ୍ୟମାନଙ୍କ ପାଇଁ ମଡେଲ ହୋଇଛି।

ଭାରତ ସରକାର ବି ଆମର ଅନେକ ଯୋଜନା, ଗ୍ରହଣ କରିଛନ୍ତି। ବିଜେଡି ସରକାର, ଆରମ୍ଭ କରିଥିବା ବିକାଶ ଓ କଲ୍ୟାଣ ଯୋଜନାରୁ, ଓଡ଼ିଶାବାସୀଙ୍କୁ କେହି ବଞ୍ଚିତ କରିପାରିବ ନାହିଁ।

ବିଜୁ ଜନତା ଦଳ, ଓଡ଼ିଶାର ଏକ ନମ୍ବର ଦଳ। ଗତ ନିର୍ବାଚନରେ ବିଜେଡିର ପର୍‌ସେଣ୍ଟେଜ୍ ଅଧିକ ଥିଲା ବୋଲି ସୂଚନା ଦେଇ ସେ କହିଥିଲେ ଯେ ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ହୃଦୟରେ ଅଛି। ସମସ୍ତେ, ଗର୍ବର ସହ କହିବା ଆମେ ବିଜୁ ଜନତା ଦଳର କର୍ମୀ, ଓଡ଼ିଶା ମା'ର ସେବକ ବୋଲି କହିବାକୁ ସେ ଆହ୍ୱାନ କରିଥିଲେ।

ବିଜେଡିର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭ୍ୟ ସଂଗ୍ରହ କମିଟିର ମୁଖ୍ୟ ଅତନୁ ସବ୍ୟସାଚୀ ନାୟକ, ବିଧାୟକ ଅନନ୍ତ ଜେନା, ସୁଶାନ୍ତ ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଭିଡ଼ିଓ କନ୍‌ଫରେନ୍‌ଓ ଯୋଗେ ୩୩ ସାଂଗଠନିକ ଜିଲ୍ଲାର ହଜାର ହଜାର କର୍ମୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ଏମାନେ ଅସଲ...

ଛାଇ ଦେଖିଲେ ଡେଉଁଥିଲେ । ହେଲେ କ୍ଷମତା ପାଇଁ ବବି ପିତାଙ୍କ ମୁହଁକୁ ଚାହିଁଲେନି। ସେହିଭଳି ନିଜ ପିତା କଳ୍ପତରୁ ଦାସଙ୍କୁ ରାଜ୍ୟସଭା ପଠାଇ ପ୍ରଣବ ବଳବନ୍ତରାୟ ଓରଫ ଜିତୁ ରାଜ୍ୟ ରାଜନୀତିରେ ପ୍ରବେଶ କରିଥିଲେ। ଅନୁରୂପ ଭାବେ ବିଜେଡିର ଅନ୍ୟତମ ପିତାମହ ଭୀଷ୍ମ କୁହାଯାଉଥିବା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ ଚନ୍ଦ୍ର ଘଡାଇଙ୍କୁ ନବୀନ ବିଜେଡିରୁ ଅତ୍ୟନ୍ତ ଅପମାନଜନକ ଭାବେ ବିଦା କରିଥିଲେ ମଧ୍ୟ ପୁତ୍ର ପ୍ରୀତି ରଞ୍ଜନ ଘଡାଇ ଓରଫ ଡ୍ୟାନିଙ୍କ ଉପରେ ଏହାର ସେଭଳି ପ୍ରଭାବ ପଡିନଥିଲା। ସିଏ କ୍ଷମତା ଲୋଭରେ ବିଜେଡିର ଶରଣାପନ୍ନ ହୋଇ ମନ୍ତ୍ରୀ ହୋଇଥିଲେ।

ତେବେ ଖୋଲା ମଞ୍ଚରେ ଏହି ତିନିଜଣ ନିଜକୁ ବିନା ସଙ୍କୋଚରେ ବିଜେଡି ବୋଲି କହିବାପରେ ଏବେ ଦଳର ମଙ୍ଗ ଧରିଥିବା ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ କୁମାର ଦାସବର୍ମା ଓ ଅତନୁ ସବ୍ୟସାଚୀ ନାୟକ ନିଜକୁ ନିଜେ ଦଳରେ କ'ଣ ବୋଲି ପ୍ରଶ୍ନ କରୁଥିବା ଚର୍ଚ୍ଚା ହେଲାଣି ।

କାରଣ ଆତ୍ମଘୋଷିତ ବିଜେଡିର ତିନି ନେତାଙ୍କ ଭଳି ନିଇତି ବିଜେପିକୁ ଗାଳି ଦେଉଥିବା ଏହି ତିନି ନେତା ମଧ୍ୟ ନିର୍ବାଚନ ହାରିଛନ୍ତି । ଏହାବାଦ୍ ଦଳର ଅନ୍ୟ ନେତାମାନଙ୍କୁ ବି ସେମାନଙ୍କ ଚେଲାମାନେ ପ୍ରଶ୍ନ କଲେଣି - ଆପଣ ସତରେ ବିଜେଡି ତ ?

ଦଳରେ ଏହି ଆତ୍ମଘୋଷିତ ବିଜେଡିକୁ ନେଇ ମଧ୍ୟ ଭିନ୍ନ ଆଲୋଚନା ଚାଲିଛି ।

କିଛିଦିନ ତଳେ ବବି ନିଜେ କହିଥିଲେ ତାଙ୍କୁ ନବୀନଙ୍କ ନିକଟରୁ କେହି ଦୂରେଇ ପାରିବେ ନାହିଁ । ତାଙ୍କର ଇଙ୍ଗୀତ ସିଧାସଳଖ ସନ୍ୟାସୀଙ୍କ ଆଡକୁ ଥିଲା । ଆଜି ନିଜକୁ ବିଜେଡି ବୋଲି କହି ବବି ସିଧାସଳଖ ଭାବେ ସନ୍ୟାସୀଙ୍କୁ ଚ୍ୟାଲେଞ୍ଜ କରୁଥିବା କୁହାଯାଉଛି । ଆବଶ୍ୟକ ହେଲେ ବିଧିବଦ୍ଧଭାବେ ନିଜକୁ ଅସଲ ବିଜେଡି କହି ଭଣ୍ଡ ସନ୍ୟାସୀଙ୍କୁ ପାନେ ଦେବେ ବୋଲି ବବିଙ୍କ ଚେଲାମାନେ କହିବା ଆରମ୍ଭ କରିଦେଇଛନ୍ତି ।

### ୭ ଆଇଏଏସ୍‌ଙ୍କୁ ...

ଦିଲ୍ଲୀପଙ୍କୁ ଜଳେଶ୍ୱର ମ୍ୟୁନିସପାଲଟି, ପ୍ରେକ୍ଷା ଅଗ୍ରୱାଲଙ୍କୁ ଆନନ୍ଦପୁର ମ୍ୟୁନିସପାଲଟି ଏବଂ ଆଇଏଏସ୍ ସି ଶରଭାନନଙ୍କୁ ଝାରସୁଗୁଡ଼ା ମ୍ୟୁନିସପାଲଟିର କାର୍ଯ୍ୟନିବାହୀ ଅଫିସର ଭାବେ ନିଯୁକ୍ତି ମିଳିଛି ।

ଏହି ସମସ୍ତ ମ୍ୟୁନିସପାଲଟିରେ ଆଇଏଏସ୍ ଅଫିସରମାନେ କାର୍ଯ୍ୟନିର୍ବାହୀ ଅଫିସର ଭାବେ ନିଯୁକ୍ତି ମିଳିବା ପରେ ସେଠାରେ ଦାୟିତ୍ୱରେ ଥିବା ଅଫିସରଙ୍କୁ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଫିସର ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ସମସ୍ତ ଅଫିସର ସେପ୍ଟେମ୍ବର ୨୭ରୁ ନଭେମ୍ବର ୧୭ତାରିଖ ପର୍ଯ୍ୟନ୍ତ ୩ ସପ୍ତାହ ପାଇଁ ଏହି ଦାୟିତ୍ୱରେ ରହିବେ । ସୂଚନାଯୋଗ୍ୟ, ଏହି ୨୦୨୩ ବ୍ୟାଚର ଆଇଏଏସ୍ ଅଫିସରମାନେ ଏବେ ବିଭିନ୍ନ ବ୍ଲକର ବିଡିଓ ଭାବେ କାର୍ଯ୍ୟ କରି ଫେରିଛନ୍ତି ।

# ପୂର୍ବତନ ବିଧାୟକ ଧନେଶ୍ୱର ମାଝିଙ୍କ ପରଲୋକ



**ଭବାନୀପାଟଣା,୯।୧୦ (ସଂଚାର ବ୍ୟୁରୋ):** ପୂର୍ବତନ ବିଧାୟକ ଓ ପୂର୍ବତନ ରାଜ୍ୟସଭା ସଦସ୍ୟ ଧନେଶ୍ୱର ମାଝୀଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୮୪ ବର୍ଷ ହୋଇଥିଲା। କେସିଙ୍ଗା ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। କେସିଙ୍ଗା ଓ ନର୍ଲାରୁ ୫ ଥର ବିଧାୟକ ହୋଇଥିଲେ ଶ୍ରୀ ମାଝୀ। ଏଥିସହ ରାଜ୍ୟସଭାର ସାଂସଦ ମଧ୍ୟ ଥିଲେ। ମାର୍ଚ୍ଚରେ ଧନେଶ୍ୱର ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ବିଜେପିର ବହୁ ନେତା, କର୍ମୀ ଓ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ନର୍ଲା ନିର୍ବାଚନମଣ୍ଡଳୀର ବାବେଯୋର୍ ଗାଁରେ ୧୯୪୧ ଜୁଲାଇ ୫ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ବିଏଡ୍ ପାଶ୍ କରି ଶିକ୍ଷକତା ଆରମ୍ଭ କରିଥିଲେ। ୧୯୭୦ରେ ତତ୍କାଳନ କଳାହାଣ୍ଡି ମହାରାଜ ପ୍ରତାପ କେଶରୀ ଦେଓଙ୍କ ସହ ରାଜନୀତି ଜୀବନ ଆରମ୍ଭ କରିଥିଲେ। ୧୯୭୮ରୁ ୧୯୮୪ ପର୍ଯ୍ୟନ୍ତ ରାଜ୍ୟସଭା ସାଂସଦ ମଧ୍ୟ ରହିଥିଲେ ଧନେଶ୍ୱର। ସେ ଜନତା ପାର୍ଟି, ସ୍ୱତନ୍ତ୍ର ପାର୍ଟି, ବିଜେପି, ଓ ବିଜୁ ଜନତା ଦଳରେ କାର୍ଯ୍ୟ କରିଛନ୍ତି। କେସିଙ୍ଗା ନିର୍ବାଚନମଣ୍ଡଳୀରୁ ୨୦୦୦- ୨୦୦୯ ମସିହା ପର୍ଯ୍ୟନ୍ତ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ। ୨୦୧୪ରେ ବିଜେଡି ଟିକଟରେ ନର୍ଲା ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ।

# ପୋଖରୀରେ ବୁଡ଼ିଗଲେ ଦୁଇ ଭଉଣୀ

**ବାଲେଶ୍ୱର,୯।୧୦(ସଂଚାର ବ୍ୟୁରୋ):** ସୋର ଥାନା ଖରାସାହାପୁର ଗାଁରେ ଦୁଇ ଭଉଣୀ ଗାଧୋଇବାକୁ ଯାଇ ପୋଖରୀରେ ବୁଡ଼ି ଜୀବନ ହରାଇଛନ୍ତି। ମୃତକ ଦ୍ୱୟ ହେଉଛନ୍ତି ଗାଁର ମାନସ ବେହେରାଙ୍କ ଝିଅ ରାଜଲକ୍ଷ୍ମୀ ଓ ଭାଗ୍ୟଲକ୍ଷ୍ମୀ। ଦୁଇ ଭଉଣୀ ଘର ପାଖ ପୋଖରୀକୁ ଗାଧୋଇବାକୁ ଯାଇ ବହୁ ସମୟ ପର୍ଯ୍ୟନ୍ତ ଫେରି ନ ଥିଲେ। ପରିବାର ଲୋକେ ପୋଖରୀ ନିକଟରେ ପହଞ୍ଚି ସେମାନଙ୍କୁ ପାଇ ନ ଥିଲେ। ସନ୍ଦେହ ହେବାରୁ ପୋଖରୀରେ ସେମାନଙ୍କୁ ଖୋଜାଖୋଜି କରାଯାଇଥିଲା। ଆଉ ଉଭୟଙ୍କୁ ସେଠାରୁ ଉଦ୍ଧାର କରାଯାଇ ସୋର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସେମାନେ କେମିତି ପୋଖରୀରେ ବୁଡ଼ିଗଲେ, ତାହା ଜଣାପଡ଼ିନି। ଦଶହରାରେ ସୋର ଅଞ୍ଚଳରେ ଖୁସିର ମାହୋଲ ସୃଷ୍ଟି ହୋଇଥିବା ବେଳେ ଏହି ଅଘଟଣ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

# ୫୮ ଗ୍ରାମ ବ୍ରାଉନ ସୁଗାର ଜବତ, ଜେଲ୍ ଗଲେ ଅଭିଯୁକ୍ତ

**କୋଣାର୍କ,୯।୧୦(ସଂଚାର ବ୍ୟୁରୋ):** ପୁରୀ ଅବକାରୀ ଅଧିକ୍ଷକ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ଏବଂ ନିମାପଡା ଅବକାରୀ ରେଞ୍ଜ ନିରୀକ୍ଷକ ଶ୍ରୀ ପାର୍ଥସାରଥୀ ରାଉତଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ କୋଣାର୍କ ଅବକାରୀ ଥାନା ଅଧିକାରୀ ଶ୍ରୀ ମନୋଜ କୁମାର ପୃସେଟଙ୍କ ନେତୃତ୍ୱରେ ଏକ ଟିମ ବୁଧବାର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। ଗୋପ ଥାନା ଅଧୀନ ଗଣେଶ୍ୱରପୁର ଗ୍ରାମପଞ୍ଚାୟତ ନିକଟରୁ ଜଣେ ଯୁବକ ଯାହାଙ୍କ ନାମ ଦେବରାଜ ସେଠି(୪୨) ଙ୍କୁ ଗିରଫ କରି ତାଙ୍କ ନିକଟରୁ ୫୭ ଗ୍ରାମ ବ୍ରାଉନ ସୁଗାର (ହେରୋଇନ ) ଜବତ କରିଥିଲେ। ଏ ନେଇ କୋଣାର୍କ ଅବକାରୀ ଥାନା ପକ୍ଷରୁ କେସ ନଂ -୬୩/୨୪-୨୫ ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଆସାମୀଙ୍କୁ ମାନ୍ୟବର ଅଦାଲତ ନିମାପଡା ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କୋର୍ଟରେ ହାଜର କରାଯାଇଥିଲା ଏବଂ ଜାମିନ ନାମଞ୍ଜୁର ହେବାରୁ ନିମାପଡା ଉପ କାରାଗାର କୁ ପଠାଯାଇଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୫ ଲକ୍ଷ ୮୦ ହଜାରଟଙ୍କାରୁ ଉର୍ଦ୍ଧ ହେବ ବୋଲି ଜଣାପଡିଛି। ଏହି ଚଢ଼ାଉରେ ଅବକାରୀ କର୍ମଚାରୀ ସବିତା ସାହୁ, ତପନ ପ୍ରଧାନ, ସେକ ୱାରିସ ଓ ଶରତ ସାହୁ ପ୍ରମୁଖ ସାମିଲ ଥିଲେ।

### ବିଜେଡି ସଦସ୍ୟତା ଅଭିଯାନ ଆରମ୍ଭ

# ମନରେ ଯୋଶ୍ ଆସିଲେ ମିଛୁଆ ସରକାରଙ୍କ ହୋସ୍ ଉଡ଼ିବ: ଅରୁଣ




**ନୟାଗଡ଼, ୯।୧୦ (ସଂଚାର ବ୍ୟୁରୋ):** ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀରେ ଆରମ୍ଭ ହୋଇଛି ବିଜେଡିର ସଦସ୍ୟ ସଂଗ୍ରହ ଅଭିଯାନ। ଶଙ୍ଖ ଭବନରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଛନ୍ତି। ନବୀନ ବିଜେଡିର ପ୍ରଥମ ସଦସ୍ୟ ହୋଇଛନ୍ତି। ଦସ୍ତଖତ କରି ଏକାମ୍ର ଭୁବନେଶ୍ୱରରୁ ସେ ଏହି ସଦସ୍ୟତା ଗ୍ରହଣ କରିଛନ୍ତି। ଆଜି ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ବିଜୁ ଜନତା ଦଳର ସଦସ୍ୟତା ଅଭିଯାନ ଆରମ୍ଭ ହୋଇଛି । ନୟାଗଡ଼ ଜିଲ୍ଲା ବିଜୁ ଜନତା ଦଳ ସଭାପତି ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ବିଜେଡି ପ୍ରବକ୍ତା ନାରୀ ନେତ୍ରୀ ଇରାନୀ ରାୟ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ।

ଏହି ଅବସରରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ କର୍ମୀଙ୍କ ମନବଳ ବୃଦ୍ଧି କରିଥିଲେ । ମିଛୁଆ ସରକାରଙ୍କୁ ହଟାଇବାକୁ ହେଲେ କର୍ମୀମାନେ ତତ୍ପର ହେବା ଆବଶ୍ୟକ। ଲୋକଙ୍କୁ ମିଛ କହି ଆସିଥିବା ସରକାରଙ୍କର ନିଦ ହଜାଇଦେବା ପାଇଁ କର୍ମୀଙ୍କୁ ମନ୍ତ୍ର ଦେଇଥିଲେ ଅରୁଣ । ମନରେ ଯୋଶ୍ ଆସିଲେ ମିଛୁଆ ସରକାରଙ୍କ ହୋସ୍ ଉଡିବ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ସେ ନିଜେ ସଦସ୍ୟତା ଗ୍ରହଣ କରିଥିଲେ। ସଦସ୍ୟତା ଦୁଇ ପ୍ରକାରରେ ଅନୁଷ୍ଠିତ ହେବ। ଡିଜିଟାଲ ମାଧ୍ୟମରେ ହେବା ସହିତ ଘର ଘର ବୁଲି ଫିଜିକାଲି ସଭ୍ୟ ସଂଘ କରିବା ପାଇଁ ପରାମର୍ଶ ଦେଇଥିଲେ । ଜଣେ ବ୍ୟକ୍ତି ସଦସ୍ୟତା ହେବା ସହିତ ସକ୍ରିୟ ସଭ୍ୟ ହେବା ପାଇଁ ୨୫ ଜଣଙ୍କୁ ସଦସ୍ୟତା ଗ୍ରହଣ କରାଇବାକୁ ପଡିବ। ଯେଉଁ ଦଳ ଯେତେ ପରିମାଣରେ ସଭ୍ୟ ସଂଗ୍ରହ କରିଛି ସେ ଦଳ ସେତିକି ଶକ୍ତିଶାଳୀ ହୋଇଛି ବୋଲି ଡ. ସାହୁ ପ୍ରକାଶ କରିଥିଲେ ।

ଏହି ଅବସରରେ ରଣପୁର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ ମତ ଭେଦ ନରଖି ଏକାଠି ଚାଲିବା ପାଇଁ ପରାମର୍ଶ ଦେଇଥିଲେ । ନୟାଗଡ଼ ଜିଲ୍ଲା ବିଜେଡି ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ନବୀନଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ଦୃଢ଼ତାର ସହ କାର୍ଯ୍ୟ କରିବା ପାଇଁ କର୍ମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ୨୦ ବର୍ଷର ଉଜୁଡା ଓଡିଶାକୁ ନବୀନ ପଟ୍ଟନାୟକ ସୁନାର ଓଡିଶା ଭାବେ ଗଠନ କରିଛନ୍ତି । ଆଜିକାର ସରକାର ଏକ ମିସକଲ ସରକାର ଓ ମିଛୁଆ ସରକାର ବୋଲି ସେ ପ୍ରକାଶ କରିଥିଲେ । ନିର୍ବାଚନ ସମୟରେ ମିଛ ପ୍ରତିଶୃତି ଦେଇ ସରକାରକୁ ଆସିଛନ୍ତି । ଭତ୍ତାଠାରୁ ଆରମ୍ଭ କରି ବିଦ୍ୟୁତ, ଓଡିଆ ଅସ୍ମିତା, ସୁଭଦ୍ରା ଯୋଜନା, ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଘଟଣା, ଦରଦାମ ବୃଦ୍ଧି ଆଦି ସମସ୍ତ କ୍ଷେତ୍ରରେ ଏ ସରକାର ମିଛ କହି ଚାଲିଛନ୍ତି । ମାଙ୍କଡ ହାତରେ ଶାଳଗ୍ରାମ ପରି ଏ ସରକାର ଚାଲିଛି । ଏ ସରକାର ସମସ୍ତ ପ୍ରତିଶୃତି ଭୁଲିଯାଇ କେବଳ ରଙ୍ଗ ବଦଳାଇବା କାମରେ ନ୍ୟସ୍ତ ରହିଛି । ବିଜୁ ଜନତା ଦଳକୁ ସକ୍ରିୟ କରିବା ପାଇଁ ଆଜିଠାରୁ ସମସ୍ତ ନେତା ଓ କର୍ମୀ ମାନେ ସଦସ୍ୟତା ଅଭିଯାନକୁ ଜୋରଦାର କରିବା ପାଇଁ ପରାମର୍ଶ ଦେଇଛନ୍ତି । ସାରା ରାଜ୍ୟରେ ନୟାଗଡ଼ ଜିଲ୍ଲା ଯେପରି ସଦସ୍ୟତା ଅଭିଯାନରେ ଏକ ନମ୍ବର ହେବ ସେଥିପ୍ରତି ସମସ୍ତେ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ ।

ଏହି ଅବସରରେ ନାରୀ ନେତ୍ରୀ ଇରାନୀ ରାୟ ବିଜୁ ଜନତା ଦଳକୁ ସକ୍ରିୟ ହେବା ପାଇଁ ସମସ୍ତେ ଆଗେଇ ଆସିବା ଆବଶ୍ୟକ । ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଏବେଠାରୁ ସମସ୍ତେ ଯୋରଦାର ପ୍ରସ୍ତୁତି ଆରମ୍ଭ କରିବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ୮ ଗୋଟି ବ୍ଲକର ସମସ୍ତ ଜନ ପ୍ରତିନିଧିଙ୍କ ସମେତ ଏନଏସି ଓ ପୌର ପରିଷଦର ଜନପ୍ରତିନିଧିମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ବିଜୁ ଜନତା ଦଳର ମହିଳା ସଭା ନେତ୍ରୀ ବିରଜାଲକ୍ଷ୍ମୀ ସାହୁ, ଯୁବ ବିଜେଡି ସଭାପତି ଦୁର୍ଯ୍ୟଧନ ବେହେରା, ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡା, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ନୟାଗଡ଼ ପୌରଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଜିଲ୍ଲା ପରିଷଦ ସୁବାଷ କଅଁର, ସରୋଜ ରଣସିଂ, କ୍ଷୀରୋଦ ମହାପାତ୍ର, ନୟାଗଡ଼ ନିର୍ବାଚନ ମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡାଙ୍କ ସମେତ ଜିଲ୍ଲାର ସମସ୍ତ ବିଜେଡି ଜିଲ୍ଲା ପରିଷଦ ସରପଞ୍ଚ ସମିତି ସଭ୍ୟ ଓ ପ୍ରମୁଖ କର୍ମକର୍ତ୍ତା ଯୋଗ ଦେଇଥିଲେ ।




ୱାଇଏମ୍‌ସିଏ କଟକ ତରଫରୁ ଆୟୋଜିତ ଆନ୍ତଃବିଦ୍ୟାଳୟ ଲିଟରାରୀ ପ୍ରତିଯୋଗିତାରେ ସିମରିଙ୍ଗ ଷ୍ଟାର ପ୍ଲେ ସ୍କୁଲର ଛାତ୍ର ହିମାଂଶ ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

### ପୁଣି ଚର୍ଚ୍ଚାରେ ଦିଲୀପ ମହାରଣା

# କାଷ୍ଠଶିଳ୍ପୀଙ୍କ ଅଦ୍ୱିତୀୟ କଳାକୃତି



**ବ୍ରହ୍ମପୁର, ୯।୧୦ (ସଂଚାର ବ୍ୟୁରୋ):** ନିଜର ହାତ ତିଆରି କଳାକୃତି ପାଇଁ ବିଭିନ୍ନ ସମୟରେ ଚର୍ଚ୍ଚାରେ ରହୁଥିବା ବ୍ରହ୍ମପୁରର କ୍ଷୁଦ୍ର କାଷ୍ଠଶିଳ୍ପୀ ଦିଲୀପ ମହାରଣା ଏବେ ପୁଣି ଚର୍ଚ୍ଚାରେ। ମା' ଜଗତ ଜନନୀଙ୍କ ନବରାତ୍ର ପୂଜା ଅବସରରେ ରେଶମ ସହରର ଏହି କ୍ଷୁଦ୍ର କାଷ୍ଠଶିଳ୍ପୀ ନିର୍ମାଣ କରିଛନ୍ତି ଏକ ଅଦ୍ୱିତୀୟ କଳାକୃତ। ୧୫ ଇଞ୍ଚ ଲମ୍ବା ଏବଂ ୧୨ ଇଞ୍ଚ ଓସାର ବିଶିଷ୍ଟ ଏହି କଳାକୃତି ରେ ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଶକ୍ତି କ୍ଷେତ୍ର ଗୁଡ଼ିକୁ ସ୍ଥାନ ଦେଇଛନ୍ତି ଦିଲୀପ। ଏହି ଶକ୍ତି କ୍ଷେତ୍ରର ନାମ ଗୁଡିକ ହେଲା ଭଞ୍ଜନଗରର ମା' ବାଘଦେବୀ, ବୁଗୁଡ଼ାର ଶାଙ୍ଖୁଲାଇ, ସୋରଡ଼ାର ମା' କନ୍ଧୁଣୀ ଦେବୀ, ଆସ୍କାର ମା' ଖମ୍ବେଶ୍ୱରୀ, ପୋଲସରାର ମା' ସିଂହସିନି, କବିସୂର୍ଯ୍ୟନଗରର ମା' ମହାମାୟୀ, ଶେରଗଡ଼ର ମା' ଘୋଡ଼ାଦେବୀ, ପୁରୁଷୋତ୍ତମପୁରର ମା' ତାରାତାରିଣୀ ଓ ମା' ଦକ୍ଷିଣ କାଳୀ, ଖଲ୍ଲିକୋଟର ମା' ନାରାୟଣୀ, ସାନଖେମୁଣ୍ଡିର ମା' ସିଦ୍ଧନାରାୟଣୀ, ହିଞ୍ଜିକାଟୁର ମା' ଶ୍ୟାମଲାଇ, ଗଞ୍ଜାମର ମା' ରାମଚଣ୍ଡୀ, ଦିଗପହଣ୍ଡିର ମା' ବାଙ୍କେଶ୍ୱରୀ, କୁକୁଡ଼ାଖଣ୍ଡିର ମା' ମହୁରୀ କଳୁଆ, ବ୍ରହ୍ମପୁରର ମା' ବୁଢ଼ୀଠାକୁରାଣୀ, ଚିକିଟିର ମା' ବାଳକୁମାରି ଓ ମା' ଭୈରବୀ, ସୁନ୍ଦର ଭାବରେ କାଠରେ ଏ ବିସ୍ମୟ କଳାଭଳି କଳାକୃତି ନିର୍ମାଣ କରିଛନ୍ତି। ଏହି ମୂର୍ତ୍ତୀ ଗୁଡ଼ିକର ଉଚ୍ଚତା ୦.୫ ଇଞ୍ଚ ରହିଛି। ଏହି କଳାକୃତିକୁ ତିଆରି କରିବା ପାଇଁ ଦିଲୀପଙ୍କୁ ପାଖା ପାଖି ୧୦ ଦିନରୁ ଉର୍ଦ୍ଧ ସମୟ ଲାଗିଥିଲା। ଦିଲୀପ ବର୍ତ୍ତମାନ ବିନାୟକ ଆଚାର୍ଯ୍ୟ କଲେଜରେ ପିଜି ବାଣିଜ୍ୟ ବିଭାଗର ପ୍ରଥମ ବର୍ଷର ଛାତ୍ର। ଏହା ସହ ଗାନ୍ଧୀନଗରର ସ୍ଥିତ ମହାରଣା କଂସୁଲଟେନ୍ସିରେ ଜୁନିଅର ଏକାଉଣ୍ଟାଣ୍ଟ ଭାବେ କାର୍ଯ୍ୟରତ ଅଛନ୍ତି। ଏହି କଳାକୃତି ନିର୍ମାଣରେ ଦିଲୀପଙ୍କୁ ତାଙ୍କ ମାମୁଁ ବାସ୍ତୁବିତ୍ ଡ଼ ସନ୍ୟାସୀ ମହାରଣା, ବାପା ଭଗବାନ ମହାରଣା ଓ ଭାଇ ମନୋଜ ମହାରଣା ପ୍ରମୁଖ ସହଯୋଗ କରିଥିଲେ ।

## କୃଷକ ମହାସଂଘର ୨୫ତମ ବାର୍ଷିକ ମହୋତ୍ସବ ପାଳିତ

**ପାଟଣାଗଡ, ୯।୧୦ (ସଂଚାର ବ୍ୟୁରୋ):** ଜଗତ ଜନନୀ ସାରଦୀୟ ଦୁର୍ଗାପୂଜା ଉପଲକ୍ଷେ ଆଞ୍ଚଳିକ କୃଷକ ମହାସଂଘ ୧୦ଟି ଗ୍ରାମ ପଞ୍ଚାୟତ ର ଚାଷୀ ପ୍ରତିନିଧିଙ୍କୁ ନେଇ ଏକ ସଭାପତି ମଣ୍ଡଳୀ ଗଠିତ ହୋଇଥିଲା ସର୍ବଶ୍ରୀ ଗୋପତରାମ ବାରିକ, ରାଧେଶ୍ୟାମ ସାନ୍ତ, ନରସିଂହ ବନଛୋର, ଅଲେଖ ଦଣ୍ଡସେନା, ହରିହର ପଧାନ, ମ୍ୟାନେଗାର ଏଣ୍ଡାଜା, ରାମକିଶନ ବିଶ୍ୱାଳ, ଗିରିସ କୁମାର ଦଣ୍ଡସେନା, କ୍ଷେତ୍ରୀ ଲୁହାର, ପ୍ରଶାନ୍ତ କୁମାର ମାଝୀ ଆଦି ସଭାପତିତ୍ୱ କରିଥିଲେ, ସ୍ୱର୍ଗତ ନିରଂଜନ ବିଦ୍ରୋହୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଗଲା । ୧୯୮୬ ମସିହା ଗନ୍ଧମାର୍ଦନ ଆନ୍ଦୋଳନର ମଞ୍ଚସ୍ଥ ହୋଇଥିବା ନାଟକ ଗନ୍ଧଗିରି ବା ବାଲକୋ ହଟାଓ ନାଟକରେ ଅଭିନୟ କରିଥିବା କଳାକାର ବୃନ୍ଦଙ୍କୁ ପୁଷ୍ପ ମାଲ୍ୟ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ଗିରିଶ ଦଣ୍ଡସେନା ଆଞ୍ଚଳିକ କୃଷକ ମହାସଂଘର ୧୫ଗୋଟି ଦାବି ପଠନ କରିଥିଲେ । ଏହି ଆଲୋଚନା ଚକ୍ରରେ ପାଟଣାଗଡ଼ ସୁଶୀଲ ନାଏକ, କ୍ଷେତ୍ରୀ ଲୁହାର, ପ୍ରଶାନ୍ତ କୁମାର ମାଝୀ, ମହୋନ ଜଗତ, ରାଜକୁମାର ସେଠ, ଗୋପତରାମ ବାରିକ, ଟେକେନ୍ଦ୍ର ଜାଲ, ଅଭିଳାଷ ଭୋଇ, ସାନ୍ତନୁ ବୁଦ୍ଧିଆ ଆଦି ନିଜସ୍ୱ ବକ୍ତବ୍ୟ ପ୍ରଦାନ କରି ଆଗାମୀ ଦିନରେ ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ଭୟଙ୍କର ଲଢେଇ କରିବା ପାଇଁ ସୂଚନା ଦେଇଛନ୍ତି ।

### ନଦୀରୁ ଉଦ୍ଧାର ହେଲା କୁମ୍ଭୀର

# ଆତଙ୍କରେ ଲୁଣାନଦୀ ଅଞ୍ଚଳବାସୀ

**କେନ୍ଦ୍ରାପଡ଼ା, ୯।୧୦ (ସଂଚାର ବ୍ୟୁରୋ):** ବସପୁର ପଂଚାୟତ ଲୁଣାନଦୀର ବସପୁର ପୋଲ ନିକଟରେ ଆଜି ସକାଳେ ମାଛଧରା ଜାଲରେ ପଡ଼ିଥିବା ଏକ କୁମ୍ଭୀର ଉଦ୍ଧାର କରାଯାଇଛି । ପଂଚାୟତ ଅନ୍ତର୍ଗତ ଆରିପଦା (ହର୍ଷପଡ଼ା) ଗ୍ରାମର ଜନୈକ ଲୋକ ଲୁଣାନଦର ବସପୁର ଘାଟ ନିକଟରେ ଭସାଣୀ ଜାଲ ଦ୍ୱାରା ମାଛ ଧରୁଥିବାବେଳେ ଆଜି ସକାଳେ ଏକ ଦୁଇ ଫୁଟିଆ କୁମ୍ଭୀର ତାଙ୍କ ଜାଲରେ ଛନ୍ଦି ହୋଇଯାଇଥିଲା। ସେ କୁମ୍ଭୀରଟିକୁ ଉଦ୍ଧାର କରି ବନବିଭାଗକୁ ଖବର ଦେଇଥିଲେ । ଖବର ପାଇ ଡେରାବିଶ ବନବିଭାଗ ଅଧିକାରୀ ସୁକାନ୍ତ କୁମାର ବେହେରା ଘଟଣା ସ୍ଥଳରେ ପହଂଚି କୁମ୍ଭୀରଟିକୁ ନିଜ ହେପାଜତକୁ ନେଇଥିଲେ ଓ ଏହାକୁ ନନ୍ଦନକାନନରେ ଛାଡ଼ିବେ ବୋଲି ପ୍ରକାଶ କରିଥିଲେ । ତେବେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ କହିବା ଅନୁଯାୟୀ ଏହି ଦୁଇ ଫୁଟଲମ୍ବର କୁମ୍ଭୀରଟି ଥଂଟିଆ କୁମ୍ଭୀର ଅଟେ ।



ତେବେ ସେମାନେ ମାଛ ଧରୁଥିବା ବେଳେ ଏହି ଅଂଚଳରେ ୧୨ଫୁଟରୁ ୧୫ ଫୁଟ ବିଶିଷ୍ଟ ବଡ଼ ଥଂଟିଆ କୁମ୍ଭୀର ବୁଲୁଥିବା ଦେଖିବାକୁ ପାଇଛନ୍ତି । ସେହିପରି ଗତ ଦୁଇଦିନ ତଳେ ଅନ୍ୟଜଣେ ମତ୍ସ୍ୟଜୀବୀଙ୍କ ଜାଲରେ ଅନ୍ୟ ଏକ ଛୋଟିଆ ମଲା ଥଂଟିଆ କୁମ୍ଭୀର ଜାଲରେ ଛନ୍ଦି ହୋଇଥିବା ବେଳେ ସେ ଏହାକୁ ଜାଲରୁ ଛଡ଼ାଇ ନଦୀରେ ଭସାଇ ଦେଇଥିବା ପ୍ରକାଶ କରିଛନ୍ତି। ତେବେ ପରିବେଶବିତ୍ ସମରେନ୍ଦ୍ର ମାହାଳିଙ୍କ କହିବା ଅନୁଯାୟୀ ଏହି ପ୍ରଜାତିର କୁମ୍ଭୀର ୧୨ ରୁ ୧୫ ଫୁଟ ଲମ୍ବା ହେଉଥିବା ବେଳେ ସମୟେ ସମୟେ ଏହା ମଣିଷକୁ ଆକ୍ରମଣ କରି ଖଣ୍ଡିଆ ଖାବରା କରିଦେଇଥାନ୍ତି। ସେମାନେ ମଧୁର ଜଳରେ ରହୁଥିବା ବେଳେ ଏହା ସମ୍ଭବତ ମହାନଦୀର ସାତକୋଶିଆ ଅଂଚଳରୁ ଖସିଆସିଥିବା ସନ୍ଦେହ କରାଯାଉଛି ।

## ସିନାପାଲି ସଂକୁଳ ସ୍ତରୀୟ ଶିକ୍ଷା ପରିଷଦ କର୍ମଶାଳା

**ସିନାପାଲି, ୯।୧୦ (ସଂଚାର ବ୍ୟୁରୋ):** ସିନାପାଲି ସଂକୁଳ ଅନ୍ତର୍ଗତ କରଙ୍ଗାମାଳ ସରସ୍ୱତୀ ଶିଶୁ ମନ୍ଦିର ଠାରେ ସଂକୁଳ ସ୍ତରୀୟ ଶିକ୍ଷା ପରିଷଦ କର୍ମଶାଳା ଅନୁଷ୍ଠିତ ହୋଇଛି । କର୍ମଶାଳାର ମୁଖ୍ୟ ଅତିଥି ଭାବରେ ସଂକୁଳ ପ୍ରମୁଖ ତୁଳସୀରାମ ମେହେର ଓ ସମ୍ମାନିତ ଅତିଥି ଭାବରେ ପୂର୍ବତନ ସଂକୁଳ ପ୍ରମୁଖ ଉଦୟନାଥ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚୈତନ୍ୟ କୁମାର ହୋତା ଓ ସଂକୁଳ ସଂଯୋଜକ ଚରଣ ନେତାମ ଯୋଗଦେଇ ମାର୍ଗଦର୍ଶନ କରିଥିଲେ । ପ୍ରାରମ୍ଭରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କପିଳ ମେହେର ଅତିଥିଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ। କର୍ମଶାଳାରେ ସଂକୁଳ ଅନ୍ତର୍ଗତ ସିନାପାଲି, ହାତୀବନ୍ଧା, ଗଣ୍ଡାବାହାଲି, କରଙ୍ଗାମାଳ, ନିଲଜୀ, ସିଙ୍ଗଝର, ଲର୍କା, ରାଣିମୁଣ୍ଡା ଆଦି ବିଦ୍ୟାଳୟର ପ୍ରାଥମିକ ବିଭାଗର ଆଚାର୍ଯ୍ୟ ଆଚାର୍ଯ୍ୟା ଭାଗ ନେଇଥିଲେ ।

## ୭ ବର୍ଷର କୁନି ଝିଅକୁ ଉଦ୍ଧାର କରି ପରିବାର ଜିମା ଦେଲା ବୈଶିଙ୍ଗା ପୁଲିସ



**ବୈଶିଙ୍ଗା, ୯।୧୦ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଧୀନ ୧୮ନଂ ଜାତୀୟ ରାଜପଥର ପଦ୍ମନାଭପୁର ଟୋଲଗେଟ ନିକଟରୁ ୭ ବର୍ଷର କୁନି ଝିଅକୁ ଉଦ୍ଧାର କରି ପରିବାରବର୍ଗଙ୍କୁ ଜିମା ଦେଲା ବୈଶିଙ୍ଗା ପୁଲିସ । ମିଳିଥିବା ସୂଚନା ମୁତାବକ ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳର ଡାକ୍ତର ନାଏକ ବୈଶିଙ୍ଗା ଅଞ୍ଚଳରେ ଥିବା ଏକ ଇଟାଭାଟିରେ କାମ କରୁଥିବାବେଳେ ଉକ୍ତ ଇଟାଭାଟି ପରିସରରେ ନିଜ ସ୍ତ୍ରୀ ଓ ୨ଝିଅ କୁ ନେଇ ରହୁଥିଲେ । ବୁଧବାର ସେ ନିଜ ସ୍ତ୍ରୀଙ୍କ ସହିତ ବୈଶିଙ୍ଗା ଉପକଣ୍ଠ ଡାହିବାଡି ସାପ୍ତାହିକ ହାଟକୁ ଆସିଥିବା ବେଳେ ତାଙ୍କ ୨ଝିଅଙ୍କୁ ଘରେ ଛାଡି ଦେଇ ଆସିଥିଲେ । ତେବେ ତାଙ୍କ ବଡ଼ ଝିଅ କୌଣସି କାମରେ ଘରେ ବ୍ୟସ୍ତ ଥିବାବେଳେ ସାନ ଝିଅ ସନ୍ଧ୍ୟା ଘରୁ ବାହାରି ରାସ୍ତା ଉପରକୁ ଆସି ଯାଇଥିଲା । ତେବେ ସେ ଜାତୀୟ ରାଜପଥରେ ଚାଲି ଚାଲି ଯାଇ ପଦ୍ମନାଭପୁର ଟୋଲ ଗେଟ ନିକଟରେ ପହଞ୍ଚି ଯାଇଥିଲା । ସେଠାରେ ଟୋଲ ଗେଟ କର୍ମଚାରୀ ତାକୁ ଦେଖି ବୈଶିଙ୍ଗା ପୁଲିସକୁ ଖବର ଦେଇଥିଲେ । ବୈଶିଙ୍ଗା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ୭ ବର୍ଷୀୟ କୁନି ଝିଅ ସନ୍ଧ୍ୟାକୁ ଉଦ୍ଧାର ପୂର୍ବକ ଥାନାକୁ ନେଇଆସିଥିଲେ । ପରେ କୁନି ଝିଅର ପରିଚୟ ନପାଇ ଆଖପାଖ ସବୁ ସ୍ଥାନରେ ଥିବା ବିଭିନ୍ନ ଅନୁଷ୍ଠାନ ଓ ଇଟାଭାଟିକୁ ଖବର ଦେଇଥିଲେ ଏବଂ ସନ୍ଧ୍ୟାକୁ ତା ବାପା ମାଆଙ୍କୁ ହସ୍ତାନ୍ତର କରିଦେଇଥିଲେ ।

### କାର୍ଯ୍ୟାଳୟରେ ମଦ୍ୟପାନ ଘଟଣା

# ରବୀନ୍ଦ୍ରଙ୍କ ହ୍ୱାଟ୍‌ସପ୍ ଡିପିରୁ ଫଟୋ ଗାଏବ

**କେନ୍ଦ୍ରାପଡ଼ା, ୯।୧୦ (ସଂଚାର ବ୍ୟୁରୋ):** ସରକାରୀ କାର୍ଯ୍ୟାଳୟ ମଧ୍ୟରେ ମଦ୍ୟପାନ କରୁଥିବା ଓଡ଼ିଶା ଜୀବିକା ମିଶନ କେନ୍ଦ୍ରାପଡ଼ା ବ୍ଲକ ସଂଯୋଜକ ରବୀନ୍ଦ୍ର ପ୍ରତିହାରୀଙ୍କ ଘଟଣା ପୁରା କେନ୍ଦ୍ରାପଡ଼ା ଜିଲ୍ଲାରେ ଘଟଣାକୁ ନେଇ ଆଶ୍ଚର୍ଯ୍ୟ ଚକିତ କରିଥିବା ବେଳେ ରବୀନ୍ଦ୍ରଙ୍କୁ କେଉଁ କାରଣ ପାଇଁ ତାଙ୍କ ବିରୁଦ୍ଧରେ ଉପରସ୍ତ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାହସ ଜୁଟାଇପାରୁନାହାନ୍ତି ତାକୁ ନେଇ ସନ୍ଦେହ ଜାତ ହୋଇଛି। ଏହାରି ଭିତରେ ରବୀନ୍ଦ୍ର ମଦ୍ୟପାନ ଘଟଣାରୁ ବର୍ତ୍ତିବାକୁ ଭିନ୍ନ ଭିନ୍ନ ଉପାୟ ଆପଣାଇବା ସହିତ ଶାସକ ଦଳର ବିଧାୟକଙ୍କ ସହିତ ଫଟୋ ଉଠାଇଥିଲେ ସେହି ଫଟୋକୁ ନିଜ ମୋବାଇଲ୍ ଫୋନ୍ ହ୍ୱାଟସପ୍ ଡ଼ିପିରେ ରଖି ରବୀନ୍ଦ୍ର ବିଧାୟକଙ୍କ ଅତି ନିକଟତମ ଲୋକ ବୋଲି ସମସ୍ତଙ୍କୁ ଜଣାଇଥିଲେ । ମଦ୍ୟପାନ ଘଟଣାର ଦୁଇ ସପ୍ତାହ ବିତିଗଲା ପରେ ମଧ୍ୟ ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ଅନେକ ପ୍ରଶ୍ନ ସୃଷ୍ଟି ହୋଇଥିଲା କିନ୍ତୁ ରବୀନ୍ଦ୍ର ଏବଂ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କ ଫଟୋ ରବୀନ୍ଦ୍ରଙ୍କ ମୋବାଇଲ ଫୋନରେ ରଖିଥିବା ଭାଇରାଲ୍ ହେବାପରେ ଏନେଇ 'ସଂଚାର'ରେ ଗତକାଲି ପ୍ରକାଶିତ ହୋଇଥିଲା।



ଗତକାଲି ବିଧାୟକଙ୍କ ଫଟୋ ପ୍ରକାଶିତ ହୋଇଥିଲା

ଖବର ପ୍ରକାଶ ପାଇବା ଜାଣିବା ପରେ ରବୀନ୍ଦ୍ର ତରବରିଆ ଭାବେ ଉକ୍ତ ଫଟୋକୁ ନିଜ ଡିପିରୁ ଗାୟବ କରିଦେଇଥିବା ଦେଖିବାକୁ ମିଳିଛି।

ହେଲେ ରବୀନ୍ଦ୍ରଙ୍କ ଚାଲାଖିଆ ପଣ ସରକାରୀ ନିୟମ କାନୁନ୍ ର ବ୍ୟବସ୍ଥା ସମ୍ପୂର୍ଣ୍ଣ ଧଜିଆ ଉଡାଇଥିବା ବେଳେ ଗୋଟେ ପରେ ଗୋଟେ ଘଟଣାକୁ ଦେଖି ଜିଲ୍ଲା ପ୍ରଶାସନ ଧୃତରାଷ୍ଟ୍ର ସାଜିବା ଆଗାମୀ ଦିନରେ ରବୀନ୍ଦ୍ର ପ୍ରତିହାରୀଙ୍କ ଭଳି ଆହୁରି ଅନେକ ସରକାରୀ ବାବୁମାନେ ସମାନ ଘଟଣା ନଘଟାଇବେ ଏକଥା କିଏ ବା କହିବ ? ଜଣେ ସରକାରୀ କର୍ମଚାରୀ ହୋଇ ରାଜନୈତିକ ବେକ୍ତିଙ୍କ ସହ ଫଟୋ ଉଠାଇବା ସେହି ଫଟୋକୁ ନିଜ ମୋବାଇଲ ଫୋନରେ ରଖି ବିଧାୟକଙ୍କ ପାଖ ଲୋକ ବୋଲି ସମସ୍ତଙ୍କୁ ପରିଚୟ ଦେଇ ଘଟଣାରୁ ବର୍ତ୍ତିବାକୁ ଚେଷ୍ଟା କରିଥିବା ବେଳେ ପ୍ରଶାସନ ଘଟଣାକୁ ଏଡ଼ାଇବାକୁ ବସିଛନ୍ତି । ନିଜ ବ୍ଲକ ପରିସରରେ ଏଭଳି ଘଟଣା ସାମ୍ନାକୁ ଆସିବା ପରେ ସରକାରୀ ନିୟମ ଭଙ୍ଗ କରିଥିବା କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ତାଙ୍କୁ ଆହୁରି ସାହସ ଦେଇ ବିଡ଼ିଓ ଏଥିରୁ ଦୂରେଇ ରହିବା ଏବଂ କାହାରି ନା କାହାରି ଚାପ ଯୋଗୁଁ ନିରବତା ପ୍ରଦର୍ଶନ ବୋଲି ଆଲୋଚନା ହେଉଛି। ଘଟଣା ସାମ୍ନାକୁ ଆସିବା ପରଠୁ କେନ୍ଦ୍ରାପଡ଼ା ବ୍ଲକ କର୍ମଚାରୀ ନିଜର ଦାୟିତ୍ୱ କିଭଳି ନିର୍ବାହ କରୁଥିବେ ତାକୁ ନେଇ ଅନେକ ସନ୍ଦେହ ପ୍ରକାଶ ପାଇଛି।

## ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ 'ମିନି ମାରାଥନ'

**ନୂଆପଡା, ୯।୧୦ (ସଂଚାର ବ୍ୟୁରୋ):** ନୂଆପଡା ଜିଲ୍ଲା ସଦର ସିନାପାଲି ବ୍ଲକ୍‌ରେ ୭୦ତମ ବନ୍ୟପ୍ରାଣୀ ସପ୍ତାହ ଅବସରରେ 'ମିନି ମାରାଥନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସିନାପାଲି କଲେଜ ପରିସରରୁ ଯୁଗେନପଦର୍ ଛକ ପର୍ଯ୍ୟନ୍ତ ୫ କି.ମି ଦୌଡ଼ ପ୍ରତିଯୋଗିତା ହୋଇଥିଲା। ଏହି ପରିପ୍ରେକ୍ଷୀରେ ଖରିଆର ବନଖଣ୍ଡ ଅଧିକାରୀ ଅଜିଜ ଖାନ ଉପସ୍ଥିତ ରହି ଫିତା କାଟି 'ମିନି ମାରାଥନ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିନାପାଲି ବନାଞ୍ଚଳ ଅଧିକାରୀ ଜୟଦେବ ମାଝି, ଫରେଷ୍ଟର ଚୁଡାନାଥ ସରାଫ, ରଞ୍ଜନ କୁମାର ସାହୁ,ପୂର୍ଣ୍ଣଚନ୍ଦ୍ର ନାଏକ, ତ୍ରିବିକ୍ରମ କୁମାର ନାଏକ, ରାମରଞ୍ଜନ ରାଉତ,ଘନଶ୍ୟାମ ଶବର, ସିନାପାଲି ବିଡ଼ିଓ ଅଭିନାଶ ଲାକ୍ରା ଏବଂ ବ୍ଲକ୍ ର ଅନେକ କର୍ମଚାରୀ,ଦମକଳ ବାହୀନି କର୍ମଚାରୀ, ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଡଃ ଶ୍ରୀମାନ ସାହୁ, ଡଃ ତନ୍ମୟ ବାଗ ଓ ଷ୍ଟାଫ୍, ସିନାପାଲି କଲେଜ ଷ୍ଟାଫ୍ ଓ ଛାତ୍ର ଛାତ୍ରୀ ଏବଂ ଅଞ୍ଚଳର ଅନେକ ଲୋକ 'ମିନି ମାରାଥନ' କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏବଂ ଜଙ୍ଗଲ ବିଭାଗର ଅନେକ କର୍ମଚାରୀ ସହଯୋଗ କରିଥିଲେ । ଓଡିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିଥିମାନେ ବନ୍ୟପ୍ରାଣୀ ଙ୍କୁ ସୁରକ୍ଷା ଦେବାର ନୈତିକ ଦାୟିତ୍ୱ ମଣିଷ ସମାଜର ବୋଲି ମତବ୍ୟକ୍ତ କରିଥିଲେ ।

## ଗାନ୍ଧି ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ବାଲେଶ୍ୱରରେ ଯୁବ ତାଲିମ ଶିବିର ପାଇଁ ପ୍ରସ୍ତାବ

**ବାଲେଶ୍ୱର, ୯।୧୦ (ସଂଚାର ବ୍ୟୁରୋ):** ଗାନ୍ଧି ଶାନ୍ତି ପ୍ରତିଷ୍ଠାନର ଆବାହକ ମଣ୍ଡଳୀ ଓ ସହଯୋଗୀ ସଦସ୍ୟ, ସଦସ୍ୟାମାନଙ୍କର ବୈଠକ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଗତ ପବିତ୍ର ଗାନ୍ଧି ଜୟନ୍ତୀ ଦିନ ବିଦ୍ୟାଳୟସ୍ତରରେ ଗାନ୍ଧିଜୀଙ୍କ ଜୀବନୀ ଉପରେ ଆଧାରିତ କୁଇଜ୍ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା ଛାତ୍ର ଛାତ୍ରୀ ଓ ସେମାନଙ୍କ ଶିକ୍ଷାନୁଷ୍ଠାନର ସହଯୋଗ ପାଇଁ ବୈଠକରେ ଧନ୍ୟବାଦ ଦିଆଯାଇଥିଲା। ବରିଷ୍ଠ ଆବାହକ ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଆବାହକ ଜିତେନ୍ଦ୍ର ଉପାଧ୍ୟାୟ ବିବରଣୀ ପାଠ କରିଥିଲେ। ମହମ୍ମଦ ଇସଲାମ ଆୟବ୍ୟୟର ବିବରଣୀ ଉପସ୍ଥାପିତ କରିବା ପରେ ତାହା ଅନୁମୋଦନ କରାଯାଇଥିଲା। ଜିଲ୍ଲାସ୍ତରରେ ସଂଗଠନର ସଦସ୍ୟତା ବୃଦ୍ଧି ଓ ଗାନ୍ଧିଜୀଙ୍କ ବିଚାରଧାରାର ପ୍ରଚାର, ପ୍ରସାଦ ସମ୍ପର୍କରେ ବରିଷ୍ଠ ଆଇନଜୀବୀ ଶରତ ମହାପାତ୍ର, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ଓ କବିତା ଦାସ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଦେଇଥିଲେ।



ଅବସରପ୍ରାପ୍ତ ଶିକ୍ଷକ ତଥା ବିଶିଷ୍ଟ ଗାନ୍ଧିବାଦୀ ଶ୍ରୀଯୁକ୍ତ ପୁରୁଷୋତ୍ତମ କମିଲାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗାନ୍ଧିଜୀଙ୍କ ଆଦର୍ଶକୁ ଆଧାର କରି ଶ୍ରୀ କମିଲାଙ୍କ ଲିଖିତ ପୁସ୍ତକ ଉପରେ ଆଲୋଚନା କରାଯାଇଥିଲା। ରାଜ୍ୟ କମିଟି ସହଯୋଗରେ ଉତ୍ତର ଓଡ଼ିଶାର ଯୁବକ ଓ ଯୁବତୀମାନଙ୍କୁ ନେଇ ଏକ ୫ ଦିନିଆ ତାଲିମ ଶିବିର ବାଲେଶ୍ୱରରେ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଦାମୋଦର ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ

**ଖୋର୍ଦ୍ଧା, ୯।୧୦ (ସଂଚାର ବ୍ୟୁରୋ):** ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଏବଂ ପୋଷଣ ଖୋର୍ଦ୍ଧାର ମିଳିତ ସହଯୋଗରେ ଆଜି ଅପରାହ୍ନରେ ଖୋର୍ଦ୍ଧା ଜିଲ୍ଲା ପରିଷଦ ସଭା ଗୃହରେ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ଏହି ଦିବସ ଅବସରରେ ମୂଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନ ସିଂ, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ଯୋଗ ଦେଇଥିଲେ । ଆଜିର ସମୟର ଶିଶୁ କନ୍ୟା ଭବିଷ୍ୟତର ନାରୀ ଏବଂ ଆଜିର ଶିଶୁ କନ୍ୟା ମାନଙ୍କର ଆମ୍ଭେମାନେ ସୂଚାରୁ ରୂପେ ଦାୟିତ୍ୱ ନେବା ଉଚିତ ଯାହା ଫଳରେ କି ଭବିଷ୍ୟତରେ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ । କେନ୍ଦ୍ର ସରକାରଙ୍କ ବେଟୀ ବଚାଓ ବେଟୀ ପଢାଓ ଯୋଜନା ମାଧ୍ୟମରେ ଶିଶୁ କନ୍ୟା ମାନଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହିତ କରାଯାଇଥିବା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ଆଲୋକପାତ କରିଥିଲେ ।

ସେହିପରି ଅନ୍ୟମାନଙ୍କ ମଧ୍ୟରେ ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନା ମାନ୍ଧତା, ଜଟଣୀ ପୌର ପରିଷଦ ଅଧ୍ୟକ୍ଷ ଅନନ୍ତ ନାରାୟଣ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଏହି ଦିବସ ଉପଲକ୍ଷେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଉପଲକ୍ଷେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଶିଶୁ କନ୍ୟା ଦିବସର ଗୁରୁତ୍ୱ ଉପରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହି ଦିବସରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ଶିଶୁ କନ୍ୟା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟିର ପରାମର୍ଶଦାତ୍ରୀ ମନସ୍ୱିନି ମହାପାତ୍ର, ପୋଷଣ ଜିଲା ସଂଯୋଜିକା ଅଭିଲିପ୍ସା ଅର୍ଚ୍ଚନା ରାୟ, ରିତାଞ୍ଜଳୀ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।





ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ବିଧାନସଭା ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବାଚସ୍ପତି ସୁରମା ପାଢ଼ୀ ପୁଷ୍ପ ମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

# ଖୁବ୍‌ଶୀଘ୍ର ତୃତୀୟ ପର୍ଯ୍ୟାୟ ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୯।୧୦ (ସଂଚାର ବ୍ୟୁରୋ):** ସୁଭଦ୍ରାର ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥ ଯୋଗ୍ୟ ହିତାଧିକାରୀଙ୍କ ଆକାଉଣ୍ଟକୁ ଯାଇଛି। ପ୍ରାୟ ୩୫ ଲକ୍ଷ ହିତାଧିକାରୀଙ୍କ ଆକାଉଣ୍ଟକୁ ୫ ହଜାର ଟଙ୍କା ଲେଖାଏଁ ପଠାଯାଇଛି। ଖୁବ୍‌ଶୀଘ୍ର ତୃତୀୟ ପର୍ଯ୍ୟାୟ ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏକ ପ୍ରେସ୍‌ମିଟ୍‌ରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏଯାବତ୍ ୧ କୋଟି ୫୦ ହଜାର ମହିଳା ରେଜିଷ୍ଟ୍ରେଶନ କରିସାରିଛନ୍ତି। ୨ଟି ପର୍ଯ୍ୟାୟରେ ମୋଟ୍ ୬୦ ଲକ୍ଷ ମହିଳାଙ୍କୁ ସହାୟତା ରାଶି ମିଳିସାରିଛି।

ଖୁବ୍‌ଶୀଘ୍ର ତୃତୀୟ ପର୍ଯ୍ୟାୟରେ ବାକି ହିତାଧିକାରୀଙ୍କୁ ଟଙ୍କା ଦେବୁ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏନ୍‌ପିସିଆଇ କ୍ଲିୟରାନ୍ସ ପରେ ଆଜି ୩୫ ଲକ୍ଷ ମହିଳାଙ୍କୁ ଟଙ୍କା ଦିଆଯାଇଛି। କୌଣସି ଯୋଗ୍ୟ ହିତାଧିକାରୀଙ୍କ ଆବେଦନପତ୍ର ଖାରଜ କରାଯିବନି। ଘରକୁ ଘର ଯାଇ, ବ୍ଲକ ବା ଜିଲା ପ୍ରଶାସନ ଜରିଆରେ ଯୋଗ୍ୟ କରିବୁ। ଯେଉଁମାନେ ନ ପାଇ ୨ ଥର ଆବେଦନ କରୁଛନ୍ତି, ସେମିତି କରିବା ଅନାବଶ୍ୟକ। ଆଉ ଆବେଦନ ନ କରି କଣ ତ୍ରୁଟି ଅଛି ତାକୁ ସଂଶୋଧନ କରନ୍ତୁ। ।

ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଯେଉଁମାନେ ଅକ୍ଟୋବର ୭ ଭିତରେ ଆବେଦନ କରିଛନ୍ତି ସେମାନଙ୍କ ଆକାଉଣ୍ଟକୁ ଟଙ୍କା ଯାଇଛି। ଯଦି ଟଙ୍କା ଆସିନାହିଁ ତେବେ ସୁଭଦ୍ରା ଯୋଜନା ଫର୍ମରେ ଥିବା ଆପ୍ଲିକେସନ ନମ୍ବର ରସିଦ ନେଇ ଜନ ସେବା କେନ୍ଦ୍ରରେ ନିଜର ଷ୍ଟାଟସ ଦେଖନ୍ତୁ। ଫଳରେ ଆବେଦନ ପେଣ୍ଡିଙ୍ଗ ଅଛି କି ରିଜେକ୍ଟ ହୋଇଛି ଜଣାପଡିବ। ଯେଉଁମାନେ ଆବେଦନ କରିଛନ୍ତି ସରକାର ସମସ୍ତଙ୍କର ଭେରିଫିକେସନ କରିବେ। ଯଦି ପ୍ରଥମ କିସ୍ତି ଯାଇ ନ ଥିବ ତେବେ ମାର୍ଚ୍ଚ ୮ରେ ସମସ୍ତଙ୍କୁ ଏକକାଳୀନ ୨ଟି କିସ୍ତି ଟଙ୍କା ମିଳିବ।

ସୁଭଦ୍ରାର ଫର୍ମ ପୂରଣବେଳେ ପଞ୍ଜୀକରଣ ଫର୍ମ ସହ କିଛି ଜରୁରୀ ଡକ୍ୟୁମେଣ୍ଟ ଦେବାକୁ ପଡିବ। ଯଦି ଏହି ଦରକାରୀ ଡକ୍ୟୁମେଣ୍ଟ ଦାଖଲ କରି ନ ଥିବେ ଓ ଫର୍ମରେ ଠିକ ସୂଚନା ଦେଇ ନଥିବେ ତେବେ ଆପଣଙ୍କ ଆବେଦନ କଟି ଯାଇପାରେ। ଏହାପରେ ବି ଆପଣ ପୁନଃ ଆବେଦନ କଲେ ଆପଣଙ୍କୁ ଟଙ୍କା ମିଳିବ ନାହିଁ। ଆବେଦନକାରୀଙ୍କ ନାଁରେ ଆଧାର କାର୍ଡ ଓ କାର୍ଯ୍ୟକ୍ଷମ ବ୍ୟାଙ୍କ ଆକାଉଣ୍ଟ ଥିବା ଆବଶ୍ୟକ । ବ୍ୟାଙ୍କ ସହ ଆଧାର ସଂଯୋଗ ହୋଇଥିବା ଜରୁରୀ। ତା'ସହିତ ହିତାଧିକାରୀଙ୍କ ମୋବାଇଲ ନମ୍ବରଟି ମଧ୍ୟ ଆଧାର କାର୍ଡ ସହ ଲିଙ୍କ ହୋଇଥିବା ଆବଶ୍ୟକ। ସୁଭଦ୍ରା ଫର୍ମ ଦାଖଲବେଳେ ଆପଣଙ୍କୁ ଆଧାରର ଜେରକ୍ସ ସହ ରାସନ କାର୍ଡ ଓ କାର୍ଯ୍ୟକ୍ଷମ ବ୍ୟାଙ୍କ ଆକାଉଣ୍ଟ ଖାତାର ଜେରକ୍ସ ଦାଖଲ କରିବା ଜରୁରୀ। ଏଥିସହ ବାୟୋମେଟ୍ରିକ ବି ସଠିକ ଭାବେ ଦେଇଥିବା ଦରକାର। ସୂଚନାଥାଉ କି, ହିତାଧିକାରୀଙ୍କ ଆକାଉଣ୍ଟକୁ ବୁଧବାର ମଧ୍ୟାହ୍ନ ୧୨ଟା ପୂର୍ବରୁ ଟଙ୍କା ଆସିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ। ଏ ପର୍ଯ୍ୟନ୍ତ ଏହି ଯୋଜନାରେ ସାମିଲ ହେବାକୁ ୧ କୋଟି ୨୦ ହଜାରରୁ ଅଧିକ ମହିଳା ହିତାଧିକାରୀ ପଞ୍ଜୀକରଣ କରିସାରିଲେଣି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ସୁଭଦ୍ରା ଯୋଜନାରେ କୋଟିଏରୁ ଅଧିକ ହିତାଧିକାରୀଙ୍କୁ ପଞ୍ଜୀକୃତ କରିବା ଏକ ବଡ଼ ଉପଲବ୍ଧି। ସୁଭଦ୍ରା ଯୋଜନା ସମ୍ବନ୍ଧୀୟ ସମସ୍ତ ଖବର ପାଇଁ ଅଫିସିଆଲ ୱେବସାଇଟ କିମ୍ବା ଅଫିସିଆଲ ସୋସିଆଲ ମିଡିଆକୁ ଅନୁସରଣ କରନ୍ତୁ କିମ୍ବା ଟୋଲ ଫ୍ରି ନମ୍ବର(୧୪୬୭୮)କୁ କଲ କରନ୍ତୁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ସୂଚନା ଦେଇଛନ୍ତି।

## ପୋଟିକୋ ଭୁଶୁଡ଼ି ଜଣେ ଶ୍ରମିକ ମୃତ, ୨ ଗୁରୁତର



**ଢେଙ୍କାନାଳ,୯।୧୦ (ସଂଚାର ବ୍ୟୁରୋ):** ଢେଙ୍କାନାଳ ସହର ମହିଷାପାଟରେ ୫୫ ନମ୍ବର ଜାତୀୟ ରାଜପଥ କଡ଼ରେ ଘଟିଛି ବଡ଼ ଧରଣର ଅଘଟଣ। ଏକ ନିର୍ମାଣାଧୀନ ୫ ମହଲା ବିଶିଷ୍ଟ ହୋଟେଲ କୋଠାର ପୋଟିକୋ ଭୁଶୁଡ଼ି ପଡ଼ିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଭଗ୍ନାବଶେଷ ତଳେ ଆହୁରି ତିନି/ଚାରି ଶ୍ରମିକ ଫସି ରହିଥିବାରୁ ଉଦ୍ଧାର ଜାରି ରହିଛି। ଗୁରୁତର ଆହତ ହୋଇଥିବା ଶ୍ରମିକଙ୍କ ମଧ୍ୟରୁ ଜଣଙ୍କର ଦୁଇଟି ଯାକ ହାତ କଟି ଯାଇଛି। ଡାହାଣ ହାତ କହୁଣି ପାଖରୁ କଟି ଯାଇଥିବା ବେଳେ ବାମ ହାତଟି ପାପୁଲି ପାଖରୁ କଟି ଯାଇଛି। ଉଭୟଙ୍କୁ ପ୍ରଥମେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଅଗ୍ନିଶମ ବାହିନୀ ଓ ଓଡ୍ରାଫ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ପୁଲିସ ଅଧିକାରୀମାନେ ସେଠାରେ ଉପସ୍ଥିତ ଅଛନ୍ତି। ଢେଙ୍କାନାଳ ଓ ଗଂଦିଆ ଅଗ୍ନିଶମ ବାହିନୀ ସହିତ କଟକରୁ ଓଡ୍ରାଫ ଟିମ୍ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛି। ଦୁଇଟି ଜେସିବି ଓ ଗୋଟିଏ ହାଇଡ୍ରା ଉଦ୍ଧାର କାର୍ଯ୍ୟ ପାଇଁ ନିୟୋଜିତ ହୋଇଛନ୍ତି। ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବିଳମ୍ବ ହେଉଛି। ଜିଲ୍ଲାପାଳ ଓ ଏସପି ପହଞ୍ଚି ସ୍ଥିତି ତଦାରଖ କରିଛନ୍ତି। କେଉଁ ପରିସ୍ଥିତିରେ ଏତେବଡ଼ ଅଘଟଣ ଘଟିଲା ତାର ତଦନ୍ତ କରାଯିବ ଓ ନିମ୍ନମାନର କାମ ହୋଇଥିବା ଜଣାପଡ଼ିଲେ ଦୋଷୀଙ୍କ ବିରୋଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଉପ-ଜିଲ୍ଲାପାଳ। ପୋଟିକୋର ଛାତ ଓ ୪ ବଡ଼ ବଡ଼ (ପ୍ରାୟ ୪୦/୫୦ ଫୁଟ୍) ପିଲାର ମଧ୍ୟ ଭାଙ୍ଗି ଯାଇଛି।

### ରବିବାର ଖୋଲା ସୋମବାର ଛୁଟି

## ୫୦ବର୍ଷ ହେଲା ଏମିତି ଚାଲିଛି ୩୦ ସ୍କୁଲ

**ଆନନ୍ଦପୁର, ୯।୧୦ (ସଂଚାର ବ୍ୟୁରୋ):** ରବିବାର ସ୍କୁଲ ଖୋଲା, ସୋମବାର ଛୁଟି। କେନ୍ଦୁଝରରେ ଜିଲ୍ଲା ଘସିପୁରା ବ୍ଲକ୍‌ର ୩୦ ପ୍ରାଥମିକ ବିଦ୍ୟାଳୟରେ ଗତ ୫୦ ବର୍ଷ ହେଲା ଏମିତି ଚାଲିଛି। ଦେଓଗାଁର ପ୍ରସିଦ୍ଧ ଶୈବପୀଠ କୁଶଳେଶ୍ୱର ମହାଦେବଙ୍କ ମନ୍ଦିର ଓ ନିକଟସ୍ଥ ସାପ୍ତାହିକ ହାଟରେ ପ୍ରବଳ ଭିଡ଼ ଜମୁଥିବାରୁ ଏହି ନିୟମ କରାଯାଉଥିବା କୁହାଯାଉଛି। ଦେଓଗାଁ ସର୍କଲର ଦଉଡିପାଳ, ରାଧିକାଦେଈପୁର, ଦେଓଗାଁ, ତରିମୂଳ, ବରିପାଳ ପଞ୍ଚାୟତର ଏହି ୩୦ ସ୍କୁଲ ରବିବାର ସକାଳୁଆ ହେଉଥିବା ବେଳେ ସୋମବାର ବନ୍ଦ ରହିଥାଏ । ସୋମବାର ବିଭାଗୀୟ ଅଧିକାରୀ ପରିଦର୍ଶନରେ ଆସିଲେ ସ୍କୁଲ ଛୁଟି ଥିବାରୁ ନିରାଶ ହୋଇ ଫେରନ୍ତି। ରିଥାନ୍ତି । ଦେଓଗାଁରେ ସାପ୍ତାହିକ ହାଟ ପାଇଁ ପୂର୍ବରୁ ଏହି ସର୍କଲ ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକ ସୋମବାର ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବନ୍ଦ ରହୁଛି ବୋଲି ଦେଓଗାଁର ପ୍ରଦୀପ କୁମାର ପଣ୍ଡା କହିଛନ୍ତି। କିନ୍ତୁ କୋର୍ଟଙ୍କ ନିର୍ଦ୍ଦେଶ କେହି ଦେଖାଇ ପାରୁନାହାନ୍ତି ।

୧୯୮୮ରେ ତତ୍କାଳୀନ ଘସିପୁରା ବ୍ଲକ୍ ଅଧ୍ୟକ୍ଷ ଚତୁର୍ଭୁଜ ନାୟକ ଏହି ନିୟମ ଉଚ୍ଛେଦ କରିବାକୁ ଉଦ୍ୟମ କରିଥିଲେ। ଲୋକେ ଆଇନର ଆଶ୍ରୟ ନେବେ ବୋଲି ଚେତାବନୀ ଦେବାରୁ ସମାଧାନର ବାଟ ବାହାରି ପାରି ନ ଥିଲା। ୨୦୧୧ ଅଗଷ୍ଟ ୬ରେ ତତ୍କାଳୀନ ଆନନ୍ଦପୁର ଶିକ୍ଷା ଜିଲ୍ଲା ଅଧିକାରୀ ଏହି ନିୟମକୁ ଉଚ୍ଛେଦ କରି ରବିବାର ସ୍କୁଲ ଛୁଟି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାକୁ ବିରୋଧ କରି କେଶଦୁରାପାଳ



ସ୍କୁଲର ତତ୍କାଳୀନ ପ୍ରଧାନଶିକ୍ଷକ ଗ୍ରାମଚନ୍ଦ୍ର ସାହୁଙ୍କ ସମେତ ୨୫ ଜଣ ପ୍ରଧାନଶିକ୍ଷକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୨ ନଭେମ୍ବର ୨୯ରେ ଏହି ମାମଲାର ରାୟ ପ୍ରକାଶ ପାଇଥିଲା। ଜଷ୍ଟିସ୍ ବିଆର୍ ଷଡ଼ଙ୍ଗୀ ତିନିମାସ ମଧ୍ୟରେ ମାମଲାର ସମାଧାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଥାପି ରବିବାର ସ୍କୁଲ ଖୋଲା ଓ ସୋମବାର ଛୁଟି ରହୁଛି।

ଏ ସମ୍ପର୍କରେ ଘସିପୁରା ବିଇଓ ତପୋଧନ ସ୍ୱାଇଁ କହିଛନ୍ତି, ଏ ସମ୍ପର୍କରେ ତାଙ୍କ କାର୍ଯ୍ୟାଳୟରେ କୌଣସି ରେକର୍ଡ ନାହିଁ। ରବିବାର ସ୍କୁଲ ଖୋଲାଯାଇ ସୋମବାର ବନ୍ଦ ରଖିବା ପାଇଁ ସରକାରୀ ନିୟମ ନ ଥିଲେ ମଧ୍ୟ କାହା ନିର୍ଦ୍ଦେଶରେ ଏଭଳି ଚାଲିଛି ତାହା ତଦନ୍ତ ସାପେକ୍ଷ।

### ଖାଦ୍ୟଯୋଗାଣ ମନ୍ତ୍ରୀ-ପେଟ୍ରୋଲ, ଡିଜେଲ୍ ବିତରକ ଆଲୋଚନା

## ଖାଉଟିଙ୍କୁ ସଠିକ୍ ଓ ଗୁଣାତ୍ମକ ସାମଗ୍ରୀ ଯୋଗାଣକୁ ଗୁରୁତ୍ୱ

**ଭୁବନେଶ୍ୱର,୯।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ଖାଦ୍ୟଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ରାଜ୍ୟର ପେଟ୍ରୋଲ, ଡିଜେଲ୍ ଓ ଏଲ୍‌ପିଜି ବିତରକ ଏବଂ ସଂପୃକ୍ତ ଅନ୍ୟାନ୍ୟ ସଂସ୍ଥାର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ନୟାପଲ୍ଲୀସ୍ଥିତ ଓଡ଼ିଶା ରାଜ୍ୟ ଖାଦ୍ୟଯୋଗାଣ ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବିଭାଗୀୟ ଅଧିକାରୀ, ବିଭିନ୍ନ ରାଷ୍ଟ୍ରାୟତ୍ତ ତୈଳ କମ୍ପାନି-ଓଡ଼ିଶା ଶାଖାର ପ୍ରତିନିଧି, ଉତ୍କଳ ପ୍ରେଟ୍ରୋଲିୟମ୍ ଡିଲର୍ସ ସଂଘର କର୍ମକର୍ତ୍ତା, ବିତରକ ସଂଘର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ପାତ୍ର ଖାଉଟିଙ୍କ ସ୍ୱାର୍ଥ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ପ୍ରତ୍ୟେକ ଖାଉଟି ଯେଭଳି ସଠିକ ଏବଂ ଗୁଣାତ୍ମକ ତୈଳ ଓ ଗ୍ୟାସ ସାମଗ୍ରୀ ପାଇପାରିବେ ଏହା ଉପରେ ସଂପୃକ୍ତ ବିତରକ ସଂସ୍ଥା ଦୃଷ୍ଟି ଦେବା ଆବଶ୍ୟକ। ପ୍ରତ୍ୟେକ ଗ୍ରାହକଙ୍କୁ ଉତ୍ତମ ବ୍ୟବହାର ଓ ଗ୍ୟାସ ବୁକିଂର ୪୮ ଘଣ୍ଟା ମଧ୍ୟରେ ଖାଉଟିମାନଙ୍କ ନିକଟରେ ଗ୍ୟାସ ପହଞ୍ଚିପାରିବ ସେ ଦିଗରେ ଯତ୍ନବାନ ହେବାକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଅନ୍ୟଥା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପାତ୍ର ସୂଚନା ଦେଇଥିଲେ ।

ଏଥିସହ ଗ୍ୟାସର କଳାବଜାରୀ ଏବଂ ତୈଳ ସାମଗ୍ରୀରେ ଅପମିଶ୍ରଣ ରୋକିବା ନିମିତ୍ତ ନିୟମିତ ଯାଞ୍ଚ ଜାରି ରଖିବା, କମର୍ସିଆଲ ଗ୍ୟାସ ପରିବର୍ତ୍ତେ ଘରୋଇ ଗ୍ୟାସ ବ୍ୟବହାର କରୁଥିବା ବ୍ୟବସାୟିକ ପ୍ରତିଷ୍ଠାନ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । କଳାବଜାରି ରୋକିବାକୁ ଓଟିପି ପର୍ଯ୍ୟବେସିତ ସେବା ଯୋଗାଣକୁ ବ୍ୟବସାୟୀ ସଙ୍ଘ ଗୁରୁତ୍ୱ ଦେଇଥିଲେ। କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଅନ୍ତର୍ଗତ ପାଣ୍ଠିକୁ ସଦବିନିଯୋଗ କରିବା, କର୍ମଚାରୀଙ୍କ ନିମନ୍ତେ ସ୍ୱାସ୍ଥ୍ୟ ବୀମା ଲାଗୁ, ଭିନ୍ନକ୍ଷମ ଯୁବକ ଯୁବତୀଙ୍କ ନିମନ୍ତେ ସହଯୋଗ ପ୍ରଦାନ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବିତରକ ସଂସ୍ଥାଗୁଡ଼ିକର ସମସ୍ୟା ଏବଂ ଖାଉଟିମାନଙ୍କ ଅଭିଯୋଗଗୁଡ଼ିକ ତ୍ୱରିତ ସମାଧାନ ଉପରେ କାର୍ଯ୍ୟକରିବା ନେଇ ଆଲୋଚନା ହୋଇଥିଲା।

## ପୁଅକୁ ପାଣିରେ ବୁଡ଼ାଇ ମାରିଲା, ଝିଅର ତଣ୍ଟି କାଟିଲା



**ବୋଡେନ, ୯।୧୦(ସଂଚାର ବ୍ୟୁରୋ):** ପିଶାଚ ବାପା। ୧୪ ମାସର ପୁଅକୁ ହତ୍ୟା କରିବା ସହ ୧୦ ବର୍ଷର ଝିଅର ଗଳା କାଟିଦେଲା। ଏପରି ଲୋମଟାଙ୍କୁରା ଘଟଣା ଘଟିଛି ନୂଆପଡ଼ା ଜିଲ୍ଲାରେ। ମୃତକମାନେ ଚନ୍ଦନ ମାଝି ଓ କମଳାକାନ୍ତି ମାଝି। ବୋଡ଼େନ ଥାନା କୁଟିଆପଡ଼ା ଗାଁର କିଶୋର ମାଝୀ ସେହି ଗାଁର ଜୟନ୍ତୀଙ୍କୁ ବିବାହ କରି ଥିଲେ। ଯୌତୁକ ପାଇଁ ବିଭିନ୍ନ ସମୟରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ମଙ୍ଗଳବାର କିଶୋର ଓ ଜୟନ୍ତୀଙ୍କ ମଧ୍ୟରେ ବଚସା ହୋଇଥିଲା। କିଶୋର ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ମାଡ଼ ମାରିଥିଲେ। ଏହାପରେ ଜୟନ୍ତୀ ବାପ ଘରକୁ ଚାଲି ଯାଇଥିଲେ। ଘରେ ୩ ଛୁଆ ଥିଲେ।

ପରେ କିଶୋର ୩ ଛୁଆକୁ ଜଙ୍ଗଲକୁ ନେଇଯାଇଥିଲେ। ମଝିଆ ଝିଅ ଅଧାବାଟରୁ ପଳାଇ ଆସିଥିଲା। ଜଙ୍ଗଲରେ କୁନି ପୁଅକୁ ପାଣିରେ ନିଶା ମେଡିସିନ ମିଶାଇ ପିଆଇଥିଲେ। ପିଲାଟି ନିଶା ମେଡିସିନ ଖାଇବା ପରେ ଶୋଇପଡ଼ିଥିଲା। ଏହାପରେ କିଶୋର ପୁଅକୁ ପାଖରେ ଥିବା ନଦୀରେ ବୁଡ଼ାଇ ହତ୍ୟା କରିଥିଲେ। ଏହାପରେ ସେ ଝିଅର ବେକ ଛୁରିରେ କାଟି ଦେଇଥିଲେ।

ଗ୍ରାମବାସୀ ଖବର ପାଇ ଝିଅକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏଥିସହ ଅଭିଯୁକ୍ତ କିଶୋରକୁ ଘର ନିକଟ ଜଙ୍ଗଲରୁ ଧରି ପୁଲିସକୁ ଜିମାରେ ଦେଇଥିଲେ। ପୁଲିସ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରିବା ସହ ଘଟଣାର ତଦନ୍ତ କରୁଛି।

## ଗୋପବନ୍ଧୁ ଥିଲେ ତ୍ୟାଗ ଓ ସେବାର ପ୍ରତୀକ



**ଭୁବନେଶ୍ୱର,୯।୧୦ (ସଂଚାର ବ୍ୟୁରୋ):** ଜନସେବା ଥିଲା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଧର୍ମ। ସେ ଥିଲେ ତ୍ୟାଗ, ସଂସ୍କାର ଓ ସମାଜସେବାର ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କର ଜୀବନ ଓ ଆଦର୍ଷ ଆଜିର ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ସ୍ରୋତ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି।

ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଜୟଦେବ ଭବଠାରେ ଆୟୋଜିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବାଳସ୍ପତି ଶ୍ରୀମତୀ ପାଢ଼ୀ କହିଲେ, ଗୋପବନ୍ଧୁଙ୍କ ଜୀବନୀ ଆମ ଜାତିର ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ, ଇତିହାସର ଅଂଶ। ସେ ଥିଲେ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ଭଗୀରଥ। ସତ୍ୟବାଦୀର ବନବିଦ୍ୟାଳୟରେ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ସେ ଯେଉଁ ସଂସ୍କାର ଆଣିଥିଲେ ତାହାର ପ୍ରସଙ୍ଗିକତା ଆଜି ମଧ୍ୟ ଅନୁଭୂତ ହୁଏ। ଓଡ଼ିଆ ସାହିତ୍ୟକୁ ଗୋପବନ୍ଧୁଙ୍କ ଦାନ ଅତୁଳନୀୟ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର କହିଲେ, ପଣ୍ଡିତ ଗୋପବନ୍ଧୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନଠାରୁ ସ୍ୱାଧୀନତା ସଂଗ୍ରାମ, ସ୍ୱଦେଶୀ ଆନ୍ଦୋଳନ, ଅସ୍ପୃଶ୍ୟତା ନିବାରଣ ଓ ସାହିତ୍ୟ ପ୍ରତି କ୍ଷେତ୍ରରେ ନିଜର ଅଲିଭା ସ୍ମୃତି ଛାଡ଼ି ଯାଇଛନ୍ତି। ମୁଖ୍ୟବକ୍ତା ତଥା ବିଶିଷ୍ଟ ଶିକ୍ଷାବିତ ଡ. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ପଣ୍ଡିତ ଗୋପବନ୍ଧୁଙ୍କ ଜୀବନୀ ଓ ଆଦର୍ଶ ଉପରେ ବିଶଦ ଭାବେ ଆଲୋଚନା କରି କହିଲେ ଯେ ସାକ୍ଷୀଗୋପାଳ ବକୁଳ ଛୁରିଅନା କୁଞ୍ଜରେ ଯେଉଁ ମୁକ୍ତ ବିଦ୍ୟାଳୟ ଆରମ୍ଭ ହୋଇଥିଲା ତାହା କେବଳ ଶିକ୍ଷା ନୁହେଁ ସାଂସ୍କୃତିକ ଜାଗରଣର ପୀଠ ଥିଲା। ୧୯୧୯ରେ ସେ ଉତ୍କଳ ସମ୍ମିଳନୀର ସଭାପତି ହୋଇଥିଲେ। ୧୯୨୧ରେ ଗାନ୍ଧିଙ୍କୁ ପ୍ରଥମ କରି ଓଡ଼ିଶାକୁ ଆଣି କାଠଯୋଡି ବାଲିରେ ସଭା ଆୟୋଜନ କରାଇଥିଲେ। ତାଙ୍କ ଜୀବନୀ ଓଡ଼ିଆ ଜାତିର ଇତିହାସରେ ଏକ ମହିମଣ୍ଡିତ ଅଧ୍ୟାୟ। ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ, ସ୍ୱାଧୀନଚେତା ପଣ୍ଡିତ ଗୋପବନ୍ଧୁ ଥିଲେ ମାନବବାଦର ସର୍ବଶ୍ରେଷ୍ଠ ଅଗ୍ରଦୂତ। ଶିକ୍ଷାର ପ୍ରସାର ସହ ଆଧୁନିକ ସାମ୍ବାଦିକତାର ବୀଜ ବପନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା ଧନ୍ୟବାଦ ଅର୍ପଣ ଓ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ଗଣମାଧ୍ୟମର ପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ନାଁ ନ ନେଇ ବର୍ଷିଲେ ସୌଭିକ

### ଜଣେ ନେତା ମତେ ହରାଇବାକୁ ଲାଗିଥିଲେ



**କଟକ,୯।୧୦ (ସଂଚାର ବ୍ୟୁରୋ):** ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନରେ ବିସ୍ଫୋରକ ଭାଷଣ ଦେଇଛନ୍ତି ଦଳର ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ। ସେ ନାଁ ନ ନେଇ ଦଳର ଜଣେ ତୁଙ୍ଗ ନେତାଙ୍କ ଉପରେ ପ୍ରବଳ ବର୍ଷିଛନ୍ତି।

ସେ କହିଛନ୍ତି, ୨୦୧୯ ଓ ୨୦୨୪ ବିଧାନସଭା ନିର୍ବାଚନରେ ମୋତେ ହରାଇବା ପାଇଁ ପ୍ରୟାସ କରାଯାଇଥିଲା। ମୋ'ଠାରୁ ଆଉ ୨/୩ ବର୍ଷ ବଡ଼ ଜଣେ ଯୁବକ, ଯିଏ ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିଲେ ହେଁ ଆଜି ବି ଦଳର ନେତୃତ୍ୱ ନେଉଛନ୍ତି, ସେ ଓ ତାଙ୍କର ବନ୍ଧୁବାନ୍ଧବ ଆମ ବିରୋଧରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। କେଉଁଠାରୁ ଆସିଲା ସେହି କଳାଧନ? କେଉଁଠାରୁ ଆସିଲା ଏତେ ଟଙ୍କା? କୋଟି କୋଟି ଟଙ୍କା ଖର୍ଚ୍ଚ କରାଗଲା ପ୍ରଭାତ ବିଶ୍ୱାଳଙ୍କୁ ବଳି ପକାଇବାକୁ। କିନ୍ତୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ରହିଛି। ଧର୍ମର ଓ ସତ୍ୟର ଯୁଗେ ଯୁଗେ ବିଜୟ ହୋଇଛି। କଟକ-ଚୌଦ୍ୱାରରେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍‌ପିଟାଲରେ ୫୦୦୦ ହଜାର କୋଟି ଟଙ୍କାର କାମ ହୋଇଛି। ତଳଦଣ୍ଡା କେନାଲରେ ୨୦୦ କୋଟି ଟଙ୍କା, ଜାଇକାରେ ୩ ହଜାର କୋଟି ଓ ନେତାଜୀ ଟର୍ମିନାଲରେ ୧୫୦/୨୦୦ କୋଟି ଟଙ୍କା କାମ ହୋଇଛି। କିନ୍ତୁ କୌଣସି ଏଜେନ୍ସୀ, ଠିକାଦାର, ଅଫିସର ବା ଇଞ୍ଜିନିୟର କହିପାରିବେନି ଯେ ସେମାନେ ଆମକୁ ଟଙ୍କାଟିଏ ଦେଇଛନ୍ତି। କାରଣ ସେ କାରବାର ଚାଲେ ନାହିଁ ପ୍ରଭାତ ବିଶ୍ୱାଳଙ୍କ ପାଖରେ।

ସୌଭିକ ଆହୁରି କହିଥିଲେ, ଏତେ ନିଷ୍ଠାର ସହିତ ରହିଥିଲେ ମଧ୍ୟ ତା'ର ଫଳ ହେଲା ପଛରୁ ଛୁରିମରା। ସିବିଆଇ ଜାଲରେ ବାପାଙ୍କୁ ଫସାଇ ଦିଆଗଲା। ସିବିଆଇ ଜାଲକୁ ଆଉ କେହି ଠେଲି ନାହାନ୍ତି। ସେ କଥା କହିଲେ ବହୁତ ଅଛି, ସରିବ ନାହିଁ। ବୋଲି ସେ କହିଥିଲେ। ତେବେ ଏହା କହି ସୌଭିକ ଇସାରା ଦେଇଥିଲେ ଯେ ସେ ଯେଉଁ ବ୍ୟକ୍ତିଙ୍କ କଥା କହୁଛନ୍ତି ସେ ହିଁ ତାଙ୍କ ବାପା ସିବିଆଇ ଜାଲରେ ପଡ଼ିବା ପଛରେ ଥିଲେ। ସେ କହିଥିଲେ, ଆଜି ମୁଁ ଏଠାରେ ଆପଣମାନଙ୍କ ସମ୍ମୁଖରେ ଛିଡ଼ା ହୋଇଛି। ଅନ୍ୟପଟେ ଜଗତପୁରରେ ଆଜି ବି ଆମ ବିରୋଧରେ ଷଡ଼ଯନ୍ତ୍ର ଚାଲିଛି। ଭୋଜିଭାତର ଆୟୋଜନ କରାଯାଇଛି। ଏଥରୁ ଭାବନ୍ତୁ ଦଳ କେମିତି ସୁଦୃଢ଼ ହେବ। ଦଳ କେଉଁଭଳି ଭାବେ ସୁସଂସଗଠିତ ହେବ। ନିଃସ୍ୱାର୍ଥପର ହେବାକୁ ପଡ଼ିବ। କର୍ମରେ ନିଷ୍ଠା ଓ ସତ୍ୟତା ରହିବା ଉଚିତ୍। ନ ହେଲେ କାମ ହୋଇପାରିବ ନାହିଁ।

## ଏନ୍‌ଏମ୍‌ଏଚ୍‌ସି ପ୍ରକଳ୍ପକୁ ମଞ୍ଜୁରି

**ନୂଆଦିଲ୍ଲୀ, ୯।୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଗୁଜରାଟର ଲୋଥାଲରେ ଜାତୀୟ ସାମୁଦ୍ରିକ ହେରିଟେଜ୍ କମ୍ପ୍ଲେକ୍ସ (ଏନ୍‌ଏମ୍‌ଏଚ୍‌ସି) ପ୍ରକଳ୍ପକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଭାରତର ସମୃଦ୍ଧ ତଥା ବିବିଧ ସାମୁଦ୍ରିକ ଐତିହ୍ୟ ପ୍ରଦର୍ଶନ କରିବାକୁ ଏହି ପ୍ରସ୍ତାବର ଲକ୍ଷ୍ୟ ରହିଛି। ବୈଠକ ଶେଷରେ ରେଳବାଇ ମନ୍ତ୍ରୀ ଅଶ୍ୱିନ ବୈଷ୍ଣବ କହିଛନ୍ତି,ଏହା ବିଶ୍ୱର ସର୍ବବୃହତ ସାମୁଦ୍ରିକ ଐତିହ୍ୟ କମ୍ପ୍ଲେକ୍ସ ହେବ। ଆମର ସମୃଦ୍ଧ ସାମୁଦ୍ରିକ ବିବିଧତା ସଂରକ୍ଷଣ ଏବଂ ବିକାଶ ହେବା ଆବଶ୍ୟକ। ଏହି ପ୍ରକଳ୍ପ ୨ ପର୍ଯ୍ୟାୟରେ ସମାପ୍ତ ହେବ। କେନ୍ଦ୍ର ସରକାରଙ୍କ ଅନୁଯାୟୀ ଏହି ପ୍ରକଳ୍ପ ମାଧ୍ୟମରେ ଯୁବବର୍ଗମାନଙ୍କ ପାଇଁ ପ୍ରାୟ ୨୨ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେଥିମଧ୍ୟରେ ୧୫ ହଜାର ପ୍ରତ୍ୟକ୍ଷ ଏବଂ ୭ ହଜାର ପରୋକ୍ଷ ନିଯୁକ୍ତି ସୁଯୋଗ ରହିବ। ଏହି ପ୍ରକଳ୍ପ ସ୍ଥାନୀୟ ଗୋଷ୍ଠୀ, ପର୍ଯ୍ୟଟକ, ଅନୁସନ୍ଧାନକାରୀ, ସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ସାଂସ୍କୃତିକ ସଂଗଠନ ଏବଂ ବ୍ୟବସାୟୀଙ୍କ ସମେତ ଅନ୍ୟାନ୍ୟ ବିଭାଗକୁ ଉପକୃତ କରିବ। ସେହିପରି କ୍ୟାବିନେଟ ପାକିସ୍ତାନ ସୀମା ସଂଲଗ୍ନ ପଞ୍ଜାବ ଓ ରାଜସ୍ଥାନରେ ଯୋଗାଯୋଗ ଭିତ୍ତିଭୂମିର ବିକାଶ ନିମିତ୍ତ ୨୨୮୦ କିଲୋମିଟର ଦୈର୍ଘ୍ୟ ସଡକ ନିର୍ମାଣ କରିବା ପାଇଁ ଉଦ୍ଦିଷ୍ଟ ପ୍ରସ୍ତାବକୁ ସବୁଜ ସଙ୍କେତ ପ୍ରଦାନ କରିଛି। ଏଥଇପାଇଁ ୪ ହଜାର ୪ ଶହ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ପ୍ରକଳ୍ପ ରାଜନୈତିକ ଓ ରଣନୈତିକ ଭାବେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଛି । ଦୀର୍ଘ ବର୍ଷ ଧରି ସୀମାବର୍ତ୍ତୀ ଅଞ୍ଚଳରେ ଭଲ ସଡକ ବ୍ୟବସ୍ଥାର ଅଭାବ ପରିଲକ୍ଷିତ ହେଉଛି । ଏବେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ରାଜସ୍ଥାନ ଓ ପଞ୍ଜାବ ସୀମା ସହିତ ସଡକ ନେଟୱର୍କକୁ ବିସ୍ତାର କରାଯିବ। ଏହି ସଡକ ନେଟୱର୍କ ଦ୍ୱାରା କେବଳ ଜରୁରୀ ପରିସ୍ଥିତିରେ ଦ୍ରୁତ ଯୋଗାଯୋଗ ସହିତ ଆବଶ୍ୟକ ସାମଗ୍ରୀ ଯୋଗାଣ ବି ସହଜରେ ହୋଇପାରିବ। ଏହାସହ ଗମନା ଗମନର ସୁବିଧା ହେଲେ ଗ୍ରାମୀଣ ଅଞ୍ଚଳବାସୀଙ୍କ ଯୋଗାଯୋଗ ଦେଶର ଅନ୍ୟାନ୍ୟ ଅଞ୍ଚଳ ସହିତ ଶକ୍ତିଶାଳୀ ହେବ।

## ପ୍ରଶାସନିକ ପେଞ୍ଚରେ କାମ କରିପାରୁ ନାହାନ୍ତି ଡାକ୍ତର

**ଭୁବନେଶ୍ୱର, ୯।୧୦:** ରାଜ୍ୟର ସରକାରୀ ଡାକ୍ତରଖାନାଗୁଡିକରେ ପାଖାପାଖି ୬୦ ପ୍ରତିଶତ ଡାକ୍ତର ପଦବୀ ଖାଲି ପଡ଼ିଥିବା ଯୋଗୁଁ ରୋଗୀସେବା ବ୍ୟାହତ ହୋଇଥିବାବେଳେ ପ୍ରଶାସନିକ ତ୍ରୁଟି ଯୋଗୁଁ ଅନେକ ଡାକ୍ତର ଚାକିରିରେ ଥାଇ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ଯୋଗଦେଇ ପାରୁନାହାନ୍ତି।

ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜିଲ୍ଲା ସଦର ମହକୁମା ଡାକ୍ତରଖାନା ପର୍ଯ୍ୟନ୍ତ ବିଭିନ୍ନ ଚିକିତ୍ସାଳୟ ଲାଗି ୧୫, ୭୭୪ଟି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ରହିଥିବାବେଳେ ସରକାରୀ ତଥ୍ୟ ମୁତାବକ ସେଥିରୁ ୯୨୬୮ଟି ଖାଲି ପଡ଼ିଛି ଏବଂ ଅବଶିଷ୍ଟ ୬୫୦୬ ଜଣ ଡାକ୍ତର ଚାକିରିରେ ଅଛନ୍ତି ବୋଲି କୁହାଯାଉଛି। କିନ୍ତୁ ବାସ୍ତବରେ ଏହି ୬୫୦୬ ଜଣ ଡାକ୍ତରଙ୍କ ମଧ୍ୟରୁ କେତେକ ଇଚ୍ଛାକୃତ ଭାବେ କାର୍ଯ୍ୟକ୍ଷେତ୍ରରେ ଯୋଗ ନଦେଇ ଘରୋଇ ବେପାରରେ ମାତିଥିବାବେଳେ ଆଉ କେତେକ କାମ କରିବାକୁ ଚାହୁଁଥିଲେ ମଧ୍ୟ ତ୍ରୁଟିପୂର୍ଣ୍ଣ ସରକାରୀ ଆଦେଶନାମା ଯୋଗୁଁ ମାସ ମାସ ଧରି ଡାକ୍ତରଖାନାରେ କାମ କରିବାର ସୁଯୋଗରୁ ବଞ୍ଚିତ ହେଉଛନ୍ତି।

ଏଭଳି ଡାକ୍ତରମାନେ ସରକାରୀ ଆଦେଶ ମୁତାବକ ସେମାନଙ୍କୁ ନିଯୁକ୍ତି ସ୍ଥାନରେ ଯୋଗଦେବା ଲାଗି ବାରମ୍ବାର ଗୁହାରୀ କରୁଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ କର୍ତ୍ତୃପକ୍ଷ ଠିକଣା ନିଷ୍ପତ୍ତି ନେଇପାରୁନଥିବାରୁ ଏଭଳି ଡାକ୍ତରମାନେ ମାସ ମାସ ଧରି ବାହାରେ ବୁଲୁଛନ୍ତି। ଯେତେବେଳେ କର୍ତ୍ତୃପକ୍ଷ ନିଜର ତ୍ରୁଟି ସଂଶୋଧନ କରୁଛନ୍ତି ସେତେବେଳେ ଓଲୁକର ଗଣିଲା ଭଳି ସମ୍ପୃକ୍ତ ଡାକ୍ତରମାନଙ୍କୁ କାମରୁ ବଞ୍ଚିତ ଥିବା ସମୟର ବେତନ ଦେବାକୁ ବାଧ୍ୟ ହେଉଛନ୍ତି।



ନିକଟରେ ଏଭଳି ଏକ ରୋଚକ ଘଟଣା ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆସିଛି। ପ୍ରାୟ ନଅମାସ ତଳେ ନୟାଗଡ଼ ଜିଲ୍ଲାରେ କାର୍ଯ୍ୟରତ ଜଣେ ମହିଳା ଡାକ୍ତରଙ୍କୁ ଖୋରଧା ଜିଲ୍ଲାକୁ ବଦଳି କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗର ଆଦେଶ ପାଇଲା ମାତ୍ରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସମ୍ପୃକ୍ତ ଡାକ୍ତରାଣୀଙ୍କୁ ରିଲିଭ କରିଦେଇଥିଲେ ଏବଂ ତାଙ୍କ ସ୍ଥାନରେ ବଦଳିହୋଇ ଆସିଥିବା ଅନ୍ୟଜଣେ ଡାକ୍ତର ଯୋଗ ଦେଇଥିଲେ। ସମ୍ପୃକ୍ତ ଡାକ୍ତରାଣୀ ନୟାଗଡ଼ ଜିଲ୍ଲାରୁ ରିଲିଭ ହେବାର ପରଦିନ ଖୋରଧା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ତାଙ୍କ ଯୋଗଦାନ ରିପୋର୍ଟ ଦେଇଥିଲେ।

ସେତେବେଳେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତରାଣୀଙ୍କୁ କହିଥିଲେ ଯେ ଯେଉଁସ୍ଥାନକୁ ତାଙ୍କୁ ସ୍ୱାସ୍ଥ୍ୟ ବିଭାଗ ବଦଳି କରିଛି ସେଠାରେ ଅନ୍ୟଜଣେ ଡାକ୍ତରାଣୀ କାର୍ଯ୍ୟରତ ଅଛନ୍ତି। ତେଣୁ ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗରୁ ନିର୍ଦ୍ଦିଷ୍ଟ ସ୍ପଷ୍ଟିକରଣ ନମିଳିବା ପର୍ଯ୍ୟନ୍ତ ତାଙ୍କୁ କାର୍ଯ୍ୟରେ ଯୋଗ ଦିଆଯାଇ ପାରିବନାହିଁ। ଏଭଳି ସ୍ଥିତି ସମ୍ପୃକ୍ତ ଡାକ୍ତରାଣୀ ଜଣଙ୍କ ସ୍ୱାସ୍ଥ୍ୟ ସଚିବଙ୍କ ସମେତ ଅନ୍ୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଗୁହାରୀ କରିଆସୁଥିଲେ ମଧ୍ୟ ତାଙ୍କୁ ଠିକଣା ସମୟରେ ଡାକ୍ତରଖାନାରେ କାମ ଦିଆଯିବ ଓ ସେ ପର୍ଯ୍ୟନ୍ତ ସମସ୍ତ ବେତନ ସେ ପାଇବେ ବୋଲି କେବଳ ଆଶ୍ୱାସନା ଦିଆ ଚାଲିଛି। ନିର୍ବାଚନୀ କଟକଣା ଯୋଗୁଁ ତାଙ୍କ ସମସ୍ୟାର ସମାଧାନ ହୋଇପାରିନଥିବାବେଳେ ନୂଆ ସରକାର ଅମଳରେ ବି ସମ୍ପୃକ୍ତ ଡାକ୍ତରାଣୀ ଜଣଙ୍କ କାର୍ଯ୍ୟକ୍ଷେତ୍ରରେ ଯୋଗ ଦେବାପାଇଁ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅନୁରୋଧ କରୁଛନ୍ତି।

ତେବେ ଜଣେ ବରିଷ୍ଠ ଅଧିକାରୀ ଏହି ସମସ୍ୟାକୁ ସ୍ୱୀକାର କରିବା ସହିତ ଖୁବଶୀଘ୍ର ସମାଧାନ ହେବବୋଲି ଆଶାବ୍ୟକ୍ତ କରିଛନ୍ତି। ଗୋଟିଏ ପଟେ ରାଜ୍ୟରେ ପାଖପାଖି ୬୦ ପ୍ରତିଶତ ଡାକ୍ତର ପଦବୀ ଖାଲି ପଡ଼ିଥିବାବେଳେ ଚାକିରିରେ ଥାଇ କାମ କରିବାକୁ ଚାହୁଁଥିବା କିଛି ଡାକ୍ତରଙ୍କୁ ତ୍ରୁଟିପୂର୍ଣ୍ଣ ପ୍ରଶାସନିକ ନିଷ୍ପତ୍ତି ଯୋଗୁଁ ରୋଗୀସେବାରୁ ବଞ୍ଚିତ କରାଯାଉଥିବା ଜଣାପଡ଼ିଛି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର